୬ ମୁମ୍ବାଇ ଛାଡ଼ି ଯିବେନି ସୂର୍ଯ୍ୟକୁମାର : ଏମସିଏ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୨ • ସଂଖ୍ୟା–୬୬ • ୪ ଅପ୍ରେଲ ୨୦୨୫, ଶୁକ୍ରବାର • ଭୁବନେଶ୍ୱର • Vol -32 • Issue-66 • 4th April 2025, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ପୂର୍ବୋଦୟରେ ଶିଳ୍ପ ପୁନରୁଦ୍ଧାରର ନେତୃତ୍ୱ ନେବ ଓଡ଼ିଶା

ଭୁବନେଶ୍ୱର, ୩।୪
ନ୍ୟୁଜ୍ ବ୍ୟୁରୋ



ନୂଆ ସରକାର ଆସିବା ପରେ ରାଜ୍ୟରେ ଶିଳ୍ପାୟନ ପାଇଁ ଯେତେ ସବୁ ଏମଓୟୁ ସ୍ୱାକ୍ଷରିତ ହୋଇଛି, ସେ ସବୁକୁ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଆମର କାର୍ଯ୍ୟ ଜାରି ରହିଛି। ସେଥିପାଇଁ ଯାହା ଆବଶ୍ୟକ, ତାହା ଆମେ କରୁଛୁ ଆଉ କରିବୁ ମଧ୍ୟ। ବଡ଼ ସ୍ୱପ୍ନ ଦେଖିବା ସହିତ କଠୋର ପରିଶ୍ରମ କରି ତାକୁ କାର୍ଯ୍ୟକାରୀ ନ କଲା ପର୍ଯ୍ୟନ୍ତ ବିଶ୍ରାମ ନାହିଁ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ନିକଟବର୍ତ୍ତୀ ହଳଦୀପଦା ଠାରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗୁରୁବାର ଓଡ଼ିଶାର ଶିଳ୍ପଜଗତ ପାଇଁ ଏକ ଉଲ୍ଲେଖନୀୟ ଦିବସ। ଏଠାରେ ୧୩ଟି ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଗଲା ଓ ଗୋଟିଏ ଶିଳ୍ପର ଉଦ୍‌ଘାଟନ କରାଗଲା। ଏହି ୧୪ଟି ଶିଳ୍ପରେ ପ୍ରାୟ ୬ ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି। ଉଦ୍ୟୋଗଗୁଡ଼ିକ ପୂର୍ଣ୍ଣକ୍ଷମ ହେଲେ ୩୭ ହଜାରରୁ ଅଧିକ ଯୁବଗୋଷ୍ଠୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଆଜି ଯେଉଁ ପ୍ରକଳ୍ପ ଗୁଡ଼ିକ ଆରମ୍ଭ ହେଉଛି ସେ ଗୁଡ଼ିକ ଗୋଟିଏ କ୍ଷେତ୍ରର ନୁହେଁ । ଏଥିରେ ପୋଷାକ ପ୍ରସ୍ତୁତି, (ପୃଷ୍ଠା ୭ରେ)

# ରାଜ୍ୟସଭାରେ ୱାକଫ୍ ବିଧେୟକ ଆଗତ

ନୂଆଦିଲ୍ଲୀ, ୩।୪



ରାଜ୍ୟ ସଭାରେ ଆଗତ ହୋଇଛି ୱାକଫ (ସଂଶୋଧନ) ବିଧେୟକ। ବୁଧବାର ଏହି ବିଧେୟକ ଲୋକସଭାରେ ପାରିତ ହେବା ପରେ ଗୁରୁବାର ରାଜ୍ୟସଭାରେ ଆଗତ ହୋଇଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ୍ ଆଗତ କରି କହିଥିଲେ ଯେ, ୱାକଫରେ କୌଣସି ଅଣମୁସଲମାନଙ୍କ ହସ୍ତକ୍ଷେପ ରହିବ ନାହିଁ । ରିଜିଜୁ କହିଥିଲେ ଯେ, ଗୃହରେ କୁହାଯାଉଛି ଆମେ ଯେଉଁ ପଦକ୍ଷେପ ନେଉଛୁ ସେଥିରେ ମୁସଲମାନଙ୍କର କ୍ଷତି ହେବ। ଏହି ସଂଶୋଧନ ବେଆଇନ ଏବଂ ଅସାମ୍ବିଧାନିକ। ସମସ୍ତଙ୍କୁ ନିଜ ନିଜ କଥା କହିବାର ଅଧିକାର ରହିଛି । କିନ୍ତୁ ଯେଉଁ ଅଭିଯୋଗ କରାଯାଉଛି ତାହାକୁ ସେ ଖଣ୍ଡନ କରୁଛନ୍ତି। ମୁସଲମାନଙ୍କ ଧାର୍ମିକ କାର୍ଯ୍ୟକଳାପରେ କେହି ଅଣମୁସଲମାନ କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ।

# ଥାଇଲାଣ୍ଡରେ ଥାଇ ରାମାୟଣ ଦେଖିଲେ ପ୍ରଧାନମନ୍ତ୍ରୀ ମୋଦୀ



ବ୍ୟାଙ୍କକ୍, ୩।୪

ଥାଇଲାଣ୍ଡରେ ରାମାୟଣ ଦେଖିଲେ ମୋଦୀ। ମଞ୍ଚରେ ପରିବେଷିତ ଥାଇ ରାମାୟଣକୁ ମନଭରି ଉପଭୋଗ କଲେ ପ୍ରଧାନମନ୍ତ୍ରୀ ମୋଦୀ । ରାମାୟଣ ଶେଷ ପରେ ମଞ୍ଚରେ ଅଭିନୟ କରୁଥିବା କଳାକାରଙ୍କ ସହ ଫଟୋ ଉଠାଇ ସେହି ସ୍ମରଣୀୟ ମୁହୂର୍ତ୍ତକୁ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି ମୋଦୀ । ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଏକ ଅନନ୍ୟ ସାଂସ୍କୃତିକ ସଂଯୋଗର ମୁକସାକ୍ଷୀ ସାଜିଲି । ଥାଇ ରାମାୟଣ, ରାମାକିଏନର ଏକ ମନଛୁଆଁ ପ୍ରଦର୍ଶନର ସାକ୍ଷୀ ପାଲଟିଲି । ଭାରତ ଏବଂ ଥାଇଲ୍ୟାଣ୍ଡ ମଧ୍ୟରେ ଥିବା ସାଂସ୍କୃତିକ ଏବଂ ସଭ୍ୟତା ସମ୍ପର୍କକୁ ଏହା ସୁନ୍ଦର ଭାବରେ ବର୍ଣ୍ଣନା କଲା ଯାହା ମୋ ପାଇଁ ଏକ ବଳିଷ୍ଠ ଅନୁଭୂତି।

ତେବେ ଗୁରୁବାର ଥାଇଲାଣ୍ଡ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସକାଳେ ନୂଆଦିଲ୍ଲୀରୁ ବ୍ୟାଙ୍କକକୁ ଯାଇଥିଲେ। ଥାଇଲାଣ୍ଡରେ ଥିବା ଭାରତୀୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଏପ୍ରିଲ ୪ରେ ଅନୁଷ୍ଠିତ ହେବାକୁ ଥିବା ବିମଷ୍ଟେକ ସମ୍ମିଳନୀରେ ଯୋଗଦେବା ପାଇଁ ଥାଇଲାଣ୍ଡ ଗସ୍ତ କରିଛନ୍ତି । ଏହାପୂର୍ବରୁ ପୋଲିସ, ଡଗ ସ୍କ୍ୱାର୍ଡ ବ୍ୟାଙ୍କକ ହୋଟେଲରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲା, ଯେଉଁଠାରେ ପ୍ରଧାନମନ୍ତ୍ରୀ ମୋଦୀ ଥାଇଲାଣ୍ଡ ଗସ୍ତ ସମୟରେ ଏପ୍ରିଲ ୪ରେ ହେବାକୁ ଥିବା (ପୃଷ୍ଠା ୭ରେ)

## ଦେଶରେ ୨୨ ଲକ୍ଷ ଡ୍ରାଇଭରଙ୍କ ଅଭାବ: ଗଡକରୀ

ନୂଆଦିଲ୍ଲୀ, ୩।୪

କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ, ଦେଶରେ ୨୨ ଲକ୍ଷ ଦକ୍ଷ ଡ୍ରାଇଭରଙ୍କ ଅଭାବ ରହିଛି। ଗୁରୁବାର ଦିନ ସେ ଲୋକସଭାରେ କହିଥିଲେ ଯେ, ଉପଯୁକ୍ତ ତାଲିମ ସୁବିଧା ଅଭାବରୁ ଅନେକ ଦୁର୍ଘଟଣା ଘଟୁଛି।

ପ୍ରଶ୍ନକାଳରେ ଗଡକରୀ କହିଥିଲେ, କେନ୍ଦ୍ର ସରକାର ଡ୍ରାଇଭରମାନଙ୍କ ପାଇଁ ତାଲିମ ପ୍ରତିଷ୍ଠାନ ସ୍ଥାପନ କରିବା ପାଇଁ ୪୫୦୦ କୋଟି ଟଙ୍କାର ଏକ ଯୋଜନା ଆରମ୍ଭ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ ୨୨ ଲକ୍ଷ ଡ୍ରାଇଭରଙ୍କ ଅଭାବ ରହିଛି।



ଦେଶରେ ଉପଯୁକ୍ତ ଡ୍ରାଇଭିଂ ତାଲିମ ସୁବିଧାର ମଧ୍ୟ ଅଭାବ ଅଛି, ଯାହା ଫଳରେ ଅନେକ ଦୁର୍ଘଟଣା ଏବଂ ମୃତ୍ୟୁ ଘଟୁଛି।

ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସାରା ଦେଶରେ ଡ୍ରାଇଭିଂ ତାଲିମ ପ୍ରତିଷ୍ଠାନ ସ୍ଥାପନ କରିବା ପାଇଁ ଏକ ଯୋଜନା ଆରମ୍ଭ କରିଛି, ଯାହା ଅନ୍ତର୍ଗତ ପର୍ଯ୍ୟାୟକ୍ରମେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତିଷ୍ଠାନ ସ୍ଥାପନ କରାଯିବ ।

କ୍ଲଷ୍ଟର ପଦ୍ଧତି ସମେତ ଇନଷ୍ଟିଚ୍ୟୁଟ ଅଫ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ, ଆଞ୍ଚଳିକ ଡ୍ରାଇଭିଂ ତାଲିମ କେନ୍ଦ୍ର ଏବଂ ଡ୍ରାଇଭିଂ ତାଲିମ (ପୃଷ୍ଠା ୭ରେ)

# ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ



ଭୁବନେଶ୍ୱର, ୩।୪ : ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ସମୟ ଧରି ଆଲୋଚନା ଓ ବିତର୍କ ପରେ ଗୁରୁବାର ଭୋର ସାଢେ ୪ଟା ସମୟରେ ଓଡ଼ିଶା ବିଶ୍ୱ ବିଦ୍ୟାଳୟ (ସଂଶୋଧନ) ବିଲ୍ -୨୦୨୪ ପାରିତ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ବିଲ୍ ଗୃହର ବିଚାର ଆଲୋଚନା ଓ ପାରିତ ପାଇଁ ଆଗତ କରିଥିଲେ। ତେବେ ବିରୋଧୀ ଦଳ ବିଜେଡ଼ି ପକ୍ଷରୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ଗଣେଶ୍ୱର ବେହେରା, ଗୌତମବୁଦ୍ଧ ଦାସ, ଧ୍ରୁବ ଚରଣ ସାହୁ, ରମେଶ ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଏହି ବିଲ୍‌କୁ ଗୃହରେ ତରବାରିଆ ଭାବେ ପାସ୍ ନକରି ସିଲେକ୍ଟ କମିଟିକୁ ପଠାଇବା ଲାଗି ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ। ତେବେ ତାହା ଆଲୋଚନା ପରେ କାଟ୍ ଖାଇଯାଇଥିଲା। ବିଲ୍‌ର ବ୍ୟବସ୍ଥା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ବକ୍ତବ୍ୟ ରଖିବା ପରେ ବୁଧବାର ଅପରାହ୍ନ ୪ଟାରୁ ଏହି ବିଲ୍ ଉପରେ ବିତର୍କ ଆରମ୍ଭ ହୋଇଥିଲା ଓ ସାଢେ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ (ପୃଷ୍ଠା ୭ରେ)

# ପୁଣି କଂଗ୍ରେସର ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା



ଭୁବନେଶ୍ୱର, ୩।୪
ନ୍ୟୁଜ୍ ବ୍ୟୁରୋ

ବଜେଟ୍ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା ହୋଇଯିବା ପରେ ଏବେ ରାଜ୍ୟ କଂଗ୍ରେସ ପୁଣି ଆନ୍ଦୋଳନ ମୁହାଁ ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ସୂଚନା ଅନୁସାରେ ଆସନ୍ତା ଏପ୍ରିଲ ୧୫ରେ ରାଜ୍ୟବ୍ୟାପୀ ମଶାଲ ଶୋଭାଯାତ୍ରା ହେବ। ସମସ୍ତ ବ୍ଲକ ମୁଖ୍ୟାଳୟରେ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରାର ଆୟୋଜନ କରାଯିବ। ସେହିପରି ଏପ୍ରିଲ ୨୧ରେ ଜିଲ୍ଲାପାଳ ଅଫିସ ଘେରାଉ କରିବ କଂଗ୍ରେସ। ନାରୀ ନିର୍ଯାତନା ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଶୋଭାଯାତ୍ରା କରିବ ବୋଲି ସେ କହିଛନ୍ତି । (ପୃଷ୍ଠା ୭ରେ)

# ଆର୍ଥିକ ବିକାଶ ପାଇଁ ରାଜ୍ୟ ରାଜପଥ ପ୍ରାଧିକରଣ ସହାୟକ ହେବ

ଭୁବନେଶ୍ୱର, ୩।୪
ନ୍ୟୁଜ୍ ବ୍ୟୁରୋ



ବିଧାନସଭାରେ ପାରିତ ହୋଇଛି ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍ ୨୦୨୫। ଜାତୀୟ ରାଜପଥ ପ୍ରାଧିକରଣ ଢାଞ୍ଚାରେ ରାଜ୍ୟ ରାଜପଥ ପ୍ରାଧିକରଣ କାମ କରିବ। ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଡାଙ୍କ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏହି ବିଲ୍ ଆଗତ କରିଥିଲେ। ଦୀର୍ଘ ସମୟ ଧରି ବିଲ୍ ଉପରେ ସରଗରମ ଆଲୋଚନା ପରେ ତାହା ବାଚନିକ ଭୋଟ୍‌ରେ ଗୃହର ଅନୁମୋଦନ ଲାଭ କରିଥିଲା।

ବିଲ୍‌ର ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଓଡ଼ିଶାର ଦୃଷ୍ଟିକୋଣ ୨୦୩୬ ଅନୁଯାୟୀ ସଂପୂର୍ଣ୍ଣ ରାଜ୍ୟକୁ ଏକ ଅର୍ଥନୈତିକ ପାୱାର ହାଉସ ଭାବେ ପରିଣତ କରିବାକୁ ଅତୁଟ ଉନ୍ନତି, ସୁଧାରିତ ସଂଯୋଗ ଓ ପ୍ରସ୍ତୁତି ପାଇଁ ପ୍ରୟାସ କରାଯାଉଛି ।

ଏହି ସଫଳତାରେ ମୁଖ୍ୟ ଅଂଶ ଲଜିଷ୍ଟିକ୍ସ କ୍ଷମତାକୁ ସୁଧାରିବା ସରକାରଙ୍କ ଲକ୍ଷ୍ୟ। ରାଜ୍ୟର ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସବୁ ଦିନିଆ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଅତ୍ୟନ୍ତ ଜରୁରୀ । ରାଜ୍ୟ ସରକାର ନିର୍ମାଣ ବିଭାଗ ଅଧୀନରେ ୧୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ରାସ୍ତା ବିକଶିତ କରିବାର ଲକ୍ଷ୍ୟ ରଖି ବିଭିନ୍ନ ଉଚ୍ଚମୂଲ୍ୟର ରାସ୍ତା ପ୍ରକଳ୍ପ ଗୁଡ଼ିକୁ ସୁଗମ ଏବଂ ସାମଗ୍ରିକ ଭାବରେ କାର୍ଯ୍ୟକାରୀ କରିବାକୁ ଚିନ୍ତା କରିଛନ୍ତି।

ଯେଉଁଥିରେ ପ୍ରବେଶ-ନିୟନ୍ତ୍ରିତ ହାଇସ୍ପିଡ ହାଇୱେ କରିଡର, ଅନ୍ୟାନ୍ୟ ଆରଟେରିଆଲ ଅର୍ଥନୈତିକ କରିଡର, ପ୍ରଥମ ମାଇଲ ଏବଂ ଶେଷ ମାଇଲ ସଂଯୋଗ ରାସ୍ତା ଅନ୍ତର୍ଭୁକ୍ତ। ରାଜ୍ୟର ରାସ୍ତା ନେଟୱାର୍କର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କରିଡର ସହିତ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ, ପରିବେଶ ଏବଂ ଜଙ୍ଗଲ ମଞ୍ଜୁରୀ ଏବଂ ଉପଯୋଗୀତା ସ୍ଥାନାନ୍ତରଣ, ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ଏବଂ (ପୃଷ୍ଠା ୭ରେ)

## ୫ ଯାଏଁ କାଳବୈଶାଖୀ

ଭୁବନେଶ୍ୱର, ୩।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଛି । ବିଜୁଳି, ଘଡ଼ଘଡ଼ି, ପବନ ସହ ହାଲୁକା ବର୍ଷା ଆରମ୍ଭ ହୋଇଛି । ୫ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

୫ ଦିନ ଯାଏ କୁଆପଥର ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଶୁକ୍ରବାରଠୁ ପାଗରେ ପରିବର୍ତ୍ତନ ହେବ। କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୫ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ବିଜୁଳି ଘଡଘଡି ନେଇ ମଧ୍ୟ ସତର୍କ କରାଇଛି ପାଣିପାଗ ବିଭାଗ।

୪ରୁ ୫ ତାରିଖ (ପୃଷ୍ଠା ୭ରେ)

## ଏକାଳ ପଖାଳ



ୱାକଫ ବିଲ୍‌କୁ ନେଇ ଏବେ ପୁରା
ଚାଲେ ରାଜନୀତି ଖେଳ
ଭୁଲ୍‌ଠିକ୍ ବିଚାର କରିବାର
ଇଏ ଯେ ଠିକ୍ ବେଳ
ସ୍ୱାର୍ଥବାଦୀଙ୍କ ପାଇଁ ଏ କାଳ
ନ୍ୟସ୍ତ ସ୍ୱାର୍ଥରୁ ଉଠିକି ନେତାଏ
ଦେଶ ପାଇଁ ଟିକେ ଭାବ।

# ବିଧାନସଭାର ଟେକ ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



■ ବିବେକାନନ୍ଦ ଜେନା

ପବିତ୍ର ଓଡ଼ିଶା ବିଧାନସଭାର ମର୍ଯ୍ୟାଦା ରକ୍ଷା କଲେ। ମହତ୍ତ୍ୱ ବଢାଇଲେ। ଟେକ ରଖିଲେ-ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅହୋରାତ୍ର ବିଧାନସଭାରେ ଚାଲିଲା ଘାମଘୋଟ ଆଲୋଚନା। ଅସୀମ ଧୈର୍ଯ୍ୟର ସହ ମୁଖ୍ୟମନ୍ତ୍ରୀ ରାତି ଉଜାଗର ରହିଲେ ଏବଂ ଗୃହରେ ଉପସ୍ଥିତ ରହି ରାତି ତମାମ ଆଲୋଚନା ଶୁଣିଲେ। ମଝିରେ ମଝିରେ ବିଧାନସଭା ପ୍ରକୋଷ୍ଠରୁ ବାହାରି ତାଙ୍କ ଚାମ୍ବରକୁ ଗଲେ ଏବଂ ପୁଣି ଫ୍ରେସ୍ ହୋଇ ଆସି ଗୃହରେ ବସିଲେ। ଏଭଳି ଆଗରୁ କେବେ ହୋଇନଥିଲା। ମୁଖ୍ୟମନ୍ତ୍ରୀ ସିନା ଗୃହରେ ରହିଲେ ଓ ବସିଲେ, କିନ୍ତୁ ବିରୋଧୀ ଦଳ ନେତା ଆସିପାରି ନଥିଲେ। ବିରୋଧୀ ଦଳରୁ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ବିଧାୟକମାନେ ଗୃହରେ ଉପସ୍ଥିତ ରହିଥିଲେ। ଏହାଛଡା ଗୃହରେ ଆଲୋଚନା ସମୟରେ ଶତାଧିକ ବିଧାୟକ ରାତି ତମାମ ଉପସ୍ଥିତ ରହିଥିଲେ। ଯଦିଓ ପୂର୍ବରୁ ଅନେକ ଥର ବିଧାନସଭା ଅଧିବେଶନ କାଳରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନା ବେଳେ ଗୃହରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ହୋଇଛି, ହେଲେ ଏଥର ଭଳି ହୋଇନଥିଲା। ୧୯୯୯ ମସିହାରେ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ (ପୃଷ୍ଠା ୭ରେ)

# ସମ୍ପତ୍ତି ତାଲିକା ସାର୍ବଜନୀନ କଲେ ସିଜେଆଇଙ୍କ ସମେତ ୩୦ ବିଚାରପତି

ନୂଆଦିଲ୍ଲୀ, ୩।୪



ସୁପ୍ରିମକୋର୍ଟର ସମସ୍ତ ବିଚାରପତି ନିଜ ସମ୍ପତ୍ତି ତାଲିକା ସାର୍ବଜନୀନ କରିବା ଲାଗି ଘୋଷଣା କରିଛନ୍ତି। ଏଣିକି ପ୍ରଧାନ ବିଚାରପତିଙ୍କୁ ବି ନିଜର ସମ୍ପତ୍ତି ତାଲିକା ଘୋଷଣା କରିବାକୁ ହେବ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ବିଚାରପତିମାନେ ପଦବୀ ସମ୍ଭାଳିବା ମାତ୍ରେ ନିଜ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ କରିବା ଉଚିତ। ପ୍ରଧାନ ବିଚାରପତି ଏବଂ ବିଚାରପତି ନିଜ ସମ୍ପତ୍ତି ତାଲିକା ସ୍ୱଇଚ୍ଛାରେ ସୁପ୍ରିମକୋର୍ଟ ୱେବସାଇଟରେ ସାର୍ବଜନୀନ କରିବେ। ବର୍ତ୍ତମାନ ସମୟରେ ସିଜେଆଇଙ୍କ ସମେତ ସୁପ୍ରିମକୋର୍ଟଙ୍କ ମୋଟ ୩୦ ବିଚାରପତି ନିଜ ନିଜ ସମ୍ପତ୍ତି ତାଲିକା ସାର୍ବଜନୀନ କରିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ସମେତ ବିଚାରପତି ବି.ଆର. ଗୋଭଇ, ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଅଭୟ ଏସ. ଓକ ପ୍ରମୁଖ ରହିଛନ୍ତି।



## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅବ୍ୟବସ୍ଥା

# ବାରଣ୍ଡାରେ ପ୍ରସୂତି, କର୍ମଚାରୀଙ୍କ ଦୁର୍ବ୍ୟବହାର ବଢୁଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟସେବାକୁ ନେଇ ଚର୍ଚ୍ଚାରେ ଥିବା କ୍ୟାପିଟାଲ ହସ୍ପିଟାଲ୍‌କୁ ବିବାଦ ପିଛା ଛାଡୁନି । ଶିଶୁ ବିଭାଗରେ ଥିବା ଏସ୍‌ଏନ୍‌ସିୟୁରେ ଦିନକୁ ଦିନ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି । ଗୋଟିଏ ଲାଇଟ୍ ତଳେ ଦୁଇ ଦୁଇଟି ନବଜାତକ ଶିଶୁଙ୍କୁ ଚିକିତ୍ସା କରାଯାଉଛି । ଯାହା ଫଳରେ ଶିଶୁମାନଙ୍କ ମଧ୍ୟରେ ସଂକ୍ରମଣ ବଢ଼ିବା ଆଶଙ୍କା ଦେଖାଦେଇଛି । ଆବଶ୍ୟକ ସଂଖ୍ୟକ ଶଯ୍ୟା ନଥିବାରୁ ପ୍ରସୂତିମାନେ ତଳେ ଗଡୁଛନ୍ତି । ଏପଟେ କାର୍ଯ୍ୟରତ ନର୍ସିଂ ଷ୍ଟାଫ୍ ରୋଗୀଙ୍କୁ ଦୁର୍ବ୍ୟବହାର କରୁଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ସୂଚନାନୁସାରେ ଶୈଳବାଳା ମହାନ୍ତି ତାଙ୍କ ଭଉଣୀକୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା। ନାବଜାତକର କାମଳ ହୋଇଥିବା ଜଣାପଡ଼ିଥିଲା। ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କୁ ରାତି ପ୍ରାୟ ୧୧ଟା ସମୟରେ ଶିଶୁ ବିଭାଗକୁ ପଠାଇ ଦେଇଥିଲେ। କିନ୍ତୁ ସେଠାରେ ଏସ୍‌ଏନ୍‌ସିୟୁରେ ଶଯ୍ୟା ଖାଲି ନଥିଲା। ବାହାରେ ଏକ ଗୋଟିଏ ଲାଇଟରେ ଆଉ ଜଣେ ଶିଶୁଙ୍କ ପାଖରେ ତାଙ୍କୁ ରଖାଯାଇଥିଲା। ପରେ ସେଠାରେ ନିୟୋଜିତ ଥିବା ଜଣେ ନର୍ସିଂ ଅଫିସର 'ନିଜେ ଯାଇ ବେଡସିଟ୍ ଆଣି ପକାଅ' ବୋଲି କହିଥିଲେ। ଯାହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଜାଗା ନଥିବାରୁ ଶୈଳବାଳା ତାଙ୍କ ଭଉଣୀଙ୍କୁ ଆଣି ବାରଣ୍ଡାରେ ଶୋଇଥିଲେ। କିଛି ସମୟ ପରେ ଝିଅକୁ କ୍ଷୀର ଖୁଆଇବା ବିଳମ୍ବ ହେବାରୁ ସେଠାରେ ଥିବା ନର୍ସିଂ ଅଫିସର ଜଣକ ତାଙ୍କ ଭଉଣୀକୁ ଗାଳି କରିବା ସହିତ ସମସ୍ତଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରିଥିଲେ। ବିଶ୍ରାମ କକ୍ଷରେ ପର୍ଯ୍ୟାପ୍ତ ପରିମାଣରେ ଶଯ୍ୟା ନଥିବାରୁ ବାରଣ୍ଡାରେ ଶୋଇବାକୁ ହେଉଛି। ଡଷ୍ଟବିନ ସଫା ହେଉନଥିବାରୁ ଅଞ୍ଚଳ ଦୁର୍ଗନ୍ଧରେ ଫାଟିପଡୁଛି। ଏତେ ସବୁ ଅବ୍ୟବସ୍ଥା ସାଙ୍ଗକୁ ବାଥରୁମ ମଧ୍ୟ ସଫା କରାଯାଉ ନାହିଁ। ଏକାଧିକ ପ୍ରସୂତି ଏଭଳି ରାତି ତମାମ ଅସହାୟ ଅବସ୍ଥାରେ ପଡ଼ି ରହିଥିଲେ। କ୍ୟାପିଟାଲ ହସ୍ପିଟାଲର ଶିଶୁ ବିଭାଗ ୨୪ ଘଣ୍ଟିଆ ଖୋଲା ରହିବା ସହିତ ରୋଗୀ ଆସୁଛନ୍ତି। କିନ୍ତୁ ଏଭଳି ଅବ୍ୟବସ୍ଥା ପାଇଁ ସମସ୍ତଙ୍କୁ ହତାଶ କରିଛି। ଏନେଇ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପଚରା ଯିବାରୁ ସେ କହିଥିଲେ ଯେ ଏନେଇ କୌଣସି ଅଭିଯୋଗ ଆସି ନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ। ଏହାସହିତ ସଫେଇ ନେଇ ଅଚାନକ ପରିଦର୍ଶନ କରି ଯାଞ୍ଚ କରାଯିବ।

# ଠିକା କର୍ମଚାରୀଙ୍କ ଦୟାରେ ଚାଲିଛି ବିଡିଏ: ବନ୍ଦ ହୋଇଯିବ କର୍ମଚାରୀଙ୍କ ଦରମା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଠିକା କର୍ମଚାରୀଙ୍କ ଦୟାରେ ଚାଲିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଠିକା କର୍ମଚାରୀ ଦୟା ନକଲେ ବିଡିଏରେ କାମ କରୁଥିବା ଶହଶହ କର୍ମଚାରୀଙ୍କ ଦରମା ବନ୍ଦ ହୋଇଯିବ। ଦରମା ପ୍ରସ୍ତୁତି ବେଳେ ଗୋଟିଏ ଅଙ୍କ ଏପଟ ସେପଟ କରିଦେଲେ କୋଟି କୋଟି ଟଙ୍କାର ହିସାବ ବାଉଳା ହେଇଯିବ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାକୁ ଠିକା କର୍ମଚାରୀଙ୍କ ହାତରେ ଟେକି ଦେଇ ବିଡିଏ ବସିଯାଇଛି। ଏଣେ ୮୦ରୁ ଊର୍ଦ୍ଧ୍ୱ ଡାଟା ଏଣ୍ଟ୍ରି ଅପରେଟର ଠିକା ନିଯୁକ୍ତି ପାଇଛନ୍ତି । ଏଥିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପୁଅଝିଅ, ବଡ଼ବଡ଼ ଅଫିସରଙ୍କ ସମ୍ପର୍କୀୟ ଥଇଥାନ ହୋଇଛନ୍ତି । ବିଡିଏର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏହି ଠିକା କର୍ମଚାରୀଙ୍କ ହେପାଜତ୍‌ରେ ଅଛି । ଅଧିକାଂଶ ସ୍ଥାୟୀ କର୍ମଚାରୀ କମ୍ପ୍ୟୁଟର ଚଳାଇବା ଶିଖିନାହାନ୍ତି । ସ୍ୱତନ୍ତ୍ର ଆପ୍ଲିକେସନ୍ ଜରିଆରେ ବିଡିଏ କର୍ମଚାରୀଙ୍କ ଦରମା ପାଇଁ ପ୍ରସ୍ତୁତ କରିବାକୁ



ବିଡିଏ ଦୁଇବର୍ଷ ତଳେ 'ଏସ୍‌ଏପି' ପ୍ରସ୍ତୁତ କରିବାକୁ ଯୋଜନା କରିଥିଲା। ଏହାର ପ୍ରସ୍ତୁତ ଦାୟିତ୍ୱ ନେଇଥିଲେ ମ୍ୟାନେଜର ଇନ୍‌ଫର୍ମେସନ୍ ସିଷ୍ଟମ୍ (ଏମ୍ଆଇଏସ୍)। ତାଙ୍କୁ ଏଥିରେ ବରିଷ୍ଠ ପ୍ରବନ୍ଧକ(ଆଇଟି) ସହଯୋଗ କରିବା କଥା। ଏହି ଦୁଇ ଅଧିକାରୀଙ୍କ ମାସିକ ଦରମା ୨ ଲକ୍ଷରୁ ବେଶି। ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଆପ୍ଲିକେସନ୍ ପ୍ରସ୍ତୁତ କଲେ। ହେଲେ ଏହି ଆଧୁନିକ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ପରୀକ୍ଷାମୂଳକ ଭାବେ ଏହାକୁ ଆରମ୍ଭ କରିବା ବେଳେ ତ୍ରୁଟି ଦେଖାଯିବାରୁ ଏହାକୁ ବନ୍ଦ କରିଦିଆଯାଇଛି । ପୂର୍ବରୁ ଏହି ବ୍ୟବସ୍ଥା ବା ଦରମା ପ୍ରସ୍ତୁତ କରିବାକୁ ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର ନିଯୁକ୍ତି ପାଇଥିଲେ। ସେ ନିଜ ଉଦ୍ୟମ ବଳରେ 'ଡସ୍' ବ୍ୟବସ୍ଥାରେ ଏକ ଆପ୍ଲିକେସନ ବିକାଶ କରିଥିଲେ। ଏହାକୁ ସେ ନିଜେ ବ୍ୟବହାର କରି ଦରମା ବ୍ୟବସ୍ଥା କରୁଥିଲେ। ୬ ମାସ ତଳେ ସେ ଅବସର ନେଇଯିବା ପରେ ବିଡିଏର ମୁଣ୍ଡ ବିନ୍ଧିଥିଲା। ଦରମା ବନ୍ଦ ହୋଇଯିବ ଭାବି ବିଡିଏ ରାତାରାତି ତାଙ୍କୁ ଠିକା ନିଯୁକ୍ତି ଦେଇଥିଲା। ହେଲେ ମାତ୍ର ୨୦ ହଜାର ଟଙ୍କା ଦରମା ହୋଇଥିବାରୁ ସେ କାର୍ଯ୍ୟରେ ଯୋଗଦେଇ ନଥିଲେ। ଶେଷରେ ରାତିଅଧିଆ ବିଡିଏ କମ୍ପ୍ୟୁଟର ତାଙ୍କ ଘର(କଟକ)କୁ ଗଲା। ସେଠାରେ ସେ କମ୍ପ୍ୟୁଟର ଚଳାଇ ଦରମା ବ୍ୟବସ୍ଥା କଲେ। ପରମାସରୁ ତାଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ବିଡିଏ ଅଫିସ୍ ଡାକିଥିଲା। ମୁଖିଆ ଜାଣିଲେ ବିପଦ ହେବ ଭାବି ସରକାରୀ କମ୍ପ୍ୟୁଟରକୁ ଠିକା କର୍ମଚାରୀଙ୍କ ଘରୁ ନେଇଆସିଥିଲେ। ଏବେ ମଧ ସେ ଅଫିସ୍ ଆସୁନାହାନ୍ତି। କେବଳ ମାସ ଶେଷଆଡ଼କୁ ଆସି ଦରମା କରିଦେଇ ଯାଉଛନ୍ତି । ଏତିକିରେ କଥା ସରିନି। ଅବସର ପରେ ଜଣେ ଆକାଉଣ୍ଟାଣ୍ଟଙ୍କୁ ଠିକା ନିଯୁକ୍ତି ଦିଆଯାଇଛି। ତାହା ପୁଣି ଦୁଇଦୁଇଟି ଇଞ୍ଜିନିୟରିଂ ଡିଭିଜନ୍‌ର ଦାୟିତ୍ୱ। ପୂର୍ବରୁ ସେ ଯେମିତି ସରକାରୀ କାଗଜରେ ଦସ୍ତଖତ କରୁଥିଲେ ସେମିତି କରୁଛନ୍ତି। ବିଡିଏର ସ୍ଥାୟୀ କର୍ମଚାରୀ ତାଙ୍କୁ ସହାୟତା କରୁଛନ୍ତି। ଏହି ପଦ ଖାଲି ପଡ଼ିଥିବା ବେଳେ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଯେତେବେଳେ ଏହି କର୍ମଚାରୀଙ୍କୁ ଅବସର ପରେ ନିଯୁକ୍ତି ଦିଆଗଲା, ସେତେବେଳେ ସ୍ଥାୟୀ କର୍ମଚାରୀଙ୍କୁ ସେଠାରୁ ହଟାଇ ଦିଆଗଲା। ପ୍ରତ୍ୟେକ ବର୍ଷ ଏହି ଇଞ୍ଜିନିୟରିଂ ଡିଭିଜନ୍‌ରେ ପ୍ରାୟ ଶହେକୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ ହେଉଛି। ସେ ସବୁ କାମକୁ ଯାଞ୍ଚ କରି ବିଲ୍ ପ୍ରସ୍ତୁତ କଲାବେଳେ ଏପଟ ସେପଟ କରି ମୋଟାଅଙ୍କର ହେରଫେର ଆଶଙ୍କା ରହିଛି। ଠିକ୍ ସେହିଭଳି ଜଣେ କ୍ୟାସିୟର ମଧ୍ୟ ଅବସର ପରେ ଠିକା ନିଯୁକ୍ତି ପାଇ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଡିଲ୍ କରୁଛନ୍ତି। ଜଣେ ଅଡିଟ୍ ଅଫିସର ଅବସର ପରେ ଠିକା ନିଯୁକ୍ତି ପାଇଥିଲେ। ତାଙ୍କର ଠିକା ଅବଧି ୬ ମାସ ହେଲା ସରିଲାଣି, ନବୀକରଣ ହୋଇନାହିଁ। ହେଲେ ସେ ପୂର୍ବବତ୍ କାମ କରୁଛନ୍ତି। ଉଚ୍ଚପଦସ୍ଥ ଅଧିକାରୀମାନେ ଏମାନଙ୍କୁ ଗଳାବାଟରେ ନିଯୁକ୍ତି ଦେଇ ନିଜର ଫାଇଦା ନେଉଛନ୍ତି। ତେବେ ଅଭିଯୋଗ ହେଲେ ତଦନ୍ତ ହେବ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

## ରାଜଧାନୀରେ ଲୁଟେରାଙ୍କ ଆତଙ୍କରାଜ

## ବ୍ୟବସାୟୀଙ୍କୁ ହାଣି ଲୁଟିନେଲେ ଟଙ୍କା ଏବଂ ସୁନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବ୍ୟବସାୟୀଙ୍କ ଠାରୁ ଲୁଟ୍ । ଏକ ନମ୍ବର ହାଟରୁ ବ୍ୟବସାୟ ସାରି ଫେରୁଥିବା ବେଳେ ରାଜମହଲ ଛକ ନିକଟରେ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କଲେ ୨ ଦୁର୍ବୃତ୍ତ । ବ୍ୟବସାୟୀଙ୍କ ଠାରୁ ଲୁଟି ନେଲେ ସୁନା ଏବଂ ଟଙ୍କା । ସୂଚନା ମୁତାବକ, ଏକ ନମ୍ବର ମାର୍କେଟରେ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଏକ ସୁନା ଦୋକାନ ରହିଛି । ରବିବାର ରାତିରେ ଦୋକାନ ବନ୍ଦ କରି ବଡ଼ଗଡ଼ ବ୍ରିଟ କଲୋନୀରେ ଥିବା ନିଜ ଘରକୁ ଫେରୁଥିଲେ । ଘରକୁ ଫେରିବା ବେଳେ ଏହି ଲୁଟ୍ ହୋଇଥିଲା । ରାଜମହଲ ଛକରେ ୨ ଜଣ ଦୁର୍ବୃତ୍ତ ଖଣ୍ଡା ଧରି ଆସି ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ କରି ବଳପୂର୍ବକ ସ୍କୁଟି ଡିକିରେ ଥିବା ଏକ ଲକ୍ଷ ୭୦ ହଜାର ଟଙ୍କା, ପୂର୍ଣ୍ଣଚନ୍ଦ୍ର ପିନ୍ଧିଥିବା ଗୋଟିଏ ସୁନା ଚେନ, ସୁନା ବ୍ରେସଲେଟ ଲୁଟି ନେଇଥିଲେ ଦୁର୍ବୃତ୍ତ ।

## ଲୁଟେରା ଗ୍ୟାଙ୍ଗ୍ କାବୁ: ୫ ଅଭିଯୁକ୍ତ ଗିରଫ, ୧.୭୫ ଲକ୍ଷ ଟଙ୍କା ଜବତ

**ଭଞ୍ଜନଗର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ବିଭିନ୍ନ ମଦ ଦୋକାନକୁ କରୁଥିଲେ ଟାର୍ଗେଟ୍। ବିଳମ୍ବିତ ରାତିରେ ମଦ ଦୋକାନ ଗୁଡିକର ସଟର ତାଡି ଲୁଟି ନେଇ ଯାଉଥିଲେ ଟଙ୍କା। ଦୀର୍ଘ ଦିନ ଧରି ପୁଲିସ୍‌ର ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଏହି ଲୁଟେରା ଗ୍ୟାଙ୍ଗକୁ କାବୁ କରିବାରେ ସଫଳତା ପାଇଛି ଭଞ୍ଜନଗର ପୁଲିସ୍। ଭଞ୍ଜନଗର ସହର ଉପକଣ୍ଠ ବାଉଁଶଲୁଣ୍ଠି ମୁଖ୍ୟ ରାସ୍ତାରେ ରହିଥିବା ଏକ ମଦ ଦୋକାନରୁ ଗତ ୮ ତାରିଖ ପୂର୍ବ ରାତିରେ ଦୁର୍ବୃତ୍ତମାନେ ସଟର ତାଡି ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ୍ ଏନେଇ କେସ୍ ନମ୍ବର ୨୩୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇଥିବା ଭଞ୍ଜନଗର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଥାନା ପ୍ରେବେସନର ଆଇପିଏସ୍ ମନିଷା ସଗୁନ୍ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଭଞ୍ଜନଗର ମଦ ଦୋକାନ ଚୋରି ମାମଲାରେ ସଂପୃକ୍ତ ରହିବା ସହ ଜିଲ୍ଲାର ଅନ୍ୟ ୫ଟି ଥାନା ଅଧିନରେ ମଧ୍ୟ ୬ଟି ମଦ ଦୋକାନରୁ ଚୋରି ମାମଲାରେ ସଂପୃକ୍ତ ରହିଥିବା ସେ ପ୍ରକାଶ କରିଛନ୍ତି। ଗତ ଏକ ମାସ ମଧ୍ୟରେ ଭଞ୍ଜନଗର ଥାନା ସମେତ ଛତ୍ରପୁର, ବେଗୁନିଆପଡା, ରମ୍ଭା ଓ ଗଞ୍ଜାମ ଥାନା ଇଲାକାରେ ମଦଦୋକାନ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସିରିଜ ମଦ ଦୋକାନ ଚୋରି ଗ୍ୟାଙ୍ଗକୁ ଧରିବା ପୁଲିସ ପାଇଁ ବଡ଼ ଚାଲେଞ୍ଜ ପାଲଟିଥିବା ବେଳେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଏହି ଟିମ୍ ସିସି ଟିଭି କ୍ୟାମେରା ଫୁଟେଜ ଆଧାରରେ ବୈଷୟିକ ଜ୍ଞାନ କୌଶଳକୁ ବ୍ୟବହାର କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିବା ଥାନା ଅଧିକାରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ମଦ ଦୋକାନ ଚୋରି ମାମଲାରେ ସଂପୃକ୍ତ ରହିବା ସହ ଜିଲ୍ଲାର ଅନ୍ୟ ୫ଟି ଥାନା ଅଧିନରେ ମଧ୍ୟ ୬ଟି ମଦ ଦୋକାନରୁ ଚୋରି ମାମଲାରେ ସଂପୃକ୍ତ ରହିଥିବା ସେ ପ୍ରକାଶ କରିଛନ୍ତି। ଗତ ଏକ ମାସ ମଧ୍ୟରେ ଭଞ୍ଜନଗର ଥାନା ସମେତ ଛତ୍ରପୁର, ବେଗୁନିଆପଡା, ରମ୍ଭା ଓ ଗଞ୍ଜାମ ଥାନା ଇଲାକାରେ ମଦଦୋକାନ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ହିଞ୍ଜିଳି ଥାନା ବୁରୁପଦାର ବବୁଲୁ ଦଳାଇ, ପୁରୁଷୋତ୍ତମପୁର ଥାନା ଭାଟକୁମାରଡ଼ାର ରଞ୍ଜନ ରାଉଳ, ବୁଗୁଡ଼ା ଥାନା ଅରଖପୁରର ଅରୁଣ ନାୟକ, ଅଜୟ ନାୟକ ଓ ଚିତ୍ରସେନ ଜେନା। ବିଭିନ୍ନ ଥାନାରେ ରୁଜୁ ହୋଇଥିବା ୬ଗୋଟି ମାମଲାରେ ୩ ଲକ୍ଷ ୪୬ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିବା ବେଳେ ସେଥି ମଧ୍ୟରୁ ୧ ଲକ୍ଷ ୭୫ ହଜାର ଟଙ୍କା ଜବତ ହୋଇଥିବା ବେଳେ କେବଳ ଭଞ୍ଜନଗରରେ ହୋଇଥିବା ମଦ ଦୋକାନ ଚୋରୀ ମାମଲାରେ ୯୦ ହଜାର ଚୋରୀ ହୋଇଥିବା ବେଳେ ସେଥିରୁ ୮୨ ହଜାର ଟଙ୍କା ଜବତ ହୋଇଥିବା ଆଇପିଏସ୍ ମନିଷା ସଗୁନ ପ୍ରକାଶ କରିଛନ୍ତି। ଏଥିସହ ସେମାନଙ୍କ ନିକଟରୁ ଏକ କାର ସହ ଚୋରି ସମୟରେ ବ୍ୟବହାର କରୁଥିବା ଏକ ଶାବଳକୁ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟ କିଛି ସ୍ଥାନରେ ଚୋରି ପାଇଁ ଉଦ୍ୟମ କରିଥିବା ବେଳେ ସଫଳ ହୋଇନଥିବା ବେଳେ ଉକ୍ତ ଚୋରି ମାମଲାରେ ଆହୁରି କିଛି ଅଭିଯୁକ୍ତ ରହିଥିବା ବେଳେ ସେମାନେ ଫେରାର ରହିଥିବା ବେଳେ ସେମାନଙ୍କୁ ମଧ ଖୁବ ଶୀଘ୍ର ଧରାଯିବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଏସ୍‌ଆଇ ସମୀର କୁମାର ସେଠୀ, ଲକ୍ଷ୍ମୀକାନ୍ତ ମହାନ୍ତି, ଲିପିନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିଯାତକୁ ଆଉ ଅଳ୍ପ ଦିନ : ଶ୍ରୀକ୍ଷେତ୍ରରେ ଖାଲଖମା ଭର୍ତ୍ତି ସାହିର ରାସ୍ତାଘାଟ, ନିଘୋଡ଼ ନିଦ୍ରାରେ ପ୍ରଶାସନ

**ପୁରୀ, ନ୍ୟୁଜ ବ୍ୟୁରୋ**

ହାତଗଣତି କିଛି ଦିନ ପରେ ସାହିଯାତ। ହେଲେ ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ନାହିଁ କି ତତ୍ପରତା ନାହିଁ । ମନ୍ଦିର ପାଖ ସାହି ରାସ୍ତା ସେମିତି ଖାଲ ଢିପ ହୋଇପଡ଼ିଛି । କେଉଁଠି ପେଭର ବ୍ଲକ୍ ଉଠିଗଲାଣି ତ କେଉଁଠି ଅଳିଆ ପାହାଡ଼ ଭଳି ରାସ୍ତା କଡ଼ରେ ଗଦା ହୋଇଛି । ସାହିଯାତ ପାଇଁ ପ୍ରତ୍ୟେକ ପୁରୀବାସୀ ଉନ୍ମାଦ ଉତ୍କଣ୍ଠାର ସହ ଦିନ ଗଣୁଛନ୍ତି । ୧୫ ଦିନବ୍ୟାପୀ ପୁରୀକୁ ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚରେ ପରିଣତ କରିବାକୁ ଲକ୍ଷଲକ୍ଷ ଲୋକ ପ୍ରତୀକ୍ଷା କରି ରହିଛନ୍ତି । ହେଲେ ଏନେଇ ପ୍ରସ୍ତୁତି କରିବାକୁ ପ୍ରଶାସନ ନିଜ ଆଡୁ ବୈଠକଟିଏ ଡାକିବାକୁ ମଧ୍ୟ ଉଚିତ ଭାବୁନି । ସାହିଯାତ ପାଇଁ ପ୍ରସ୍ତୁତି କରିବାକୁ ପ୍ରଶାସନିକ ସ୍ତରରେ କୌଣସି ବୈଠକ ଡକାନଯିବାରୁ ଆଠ ସାହି ଆଖଡ଼ା ମିଳିତ ସମନ୍ୱୟ କମିଟି ବାଧ୍ୟ



ହୋଇ ଗତ ଗୁରବାର ଏକ ବୈଠକ କରିବାକୁ ପ୍ରଶାସନକୁ ଚିଠି କରିଥିଲା। ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟ ପକ୍ଷରେ ବିଭିନ୍ନ ସାହିର ମୁରବି ମଧ୍ୟ ଉପସ୍ଥିତ ରହିଥିଲେ । ବିଭିନ୍ନ ସାହି ପକ୍ଷରୁ ଅଧିକାରୀଙ୍କ ନିକଟରେ ଅନେକ ଦାବି ଉପସ୍ଥାପନ କରାଯାଇଥିଲା । ସାହି ରାସ୍ତା ମରାମତି କରିବା ଏବଂ ସାହିଯାତ ପାଇଁ ଅନୁଦାନ ରାଶି ପ୍ରଦାନ କରିବା ବୈଠକରେ ମୁଖ୍ୟ ଦାବି ଥିଲା । ତେବେ ଅନୁଦାନ ରାଶି ବାବଦରେ ଚିଠି କରାଯିବ କହି ଜିଲ୍ଲାପାଳ ନିଜ ଦାୟିତ୍ୱ ଖସେଇ ଥିବା ବେଳେ ସାହିଯାତ ପୂର୍ବରୁ ରାସ୍ତା ମରାମତି ହେବ କହି ପୌର ନିର୍ବାହୀ ଅଧିକାରୀ ନିଜ ଦାୟିତ୍ୱ ଖସେଇଥିଲେ। ହେଲେ ତୃଣମୂଳ ସ୍ତରରେ ଏହାର କାର୍ଯ୍ୟକାରିତା ଶୂନ ରହିଛି । ସାହିଯାତକୁ ଆହୁରି ଭବ୍ୟଢଙ୍ଗରେ କରିବାକୁ ଅର୍ଥ ସବୁଠାରୁ ବଡ଼ ସମସ୍ୟା ସାଜିଥିବାରୁ ଅତିକମ୍‌ରେ ୫୦ ଲକ୍ଷ ଟଙ୍କା ଦେବାକୁ କମିଟି ପକ୍ଷରୁ ଦାବି ହୋଇଛି । କିନ୍ତୁ ସାହିଯାତକୁ ୧୫ ଦିନରୁ କମ୍ ସମୟ ବାକି ଥିବାରୁ ଏହି ଦାବି ପୂରଣ ହେବାର ସମ୍ଭାବନା ଖୁବ କମ୍ ରହିଛି । ସାହିଯାତରେ ଶ୍ରୀମନ୍ଦିରର ଆଖପାଖରେ ଥିବା ସାହିଗୁଡ଼ିକ ମୁଖ୍ୟ ଭୂମିକା ତୁଲାଇଥାଏ । ହେଲେ ଅନେକ ସାହିର ରାସ୍ତା ଚାଲିବା ସ୍ଥିତିରେ ନାହିଁ । ବାଲି ସାହି ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ ସ୍ଥିତିରେ ଅଛି । କେତେକ ସ୍ଥାନରେ ପୁରୀ ପୌରସଂସ୍ଥା ପକ୍ଷରୁ ରାସ୍ତା ମରାମତି ହୋଇନଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଗ୍ୟାସ୍ ପାଇପ୍ ଓ ଭୂତଳ ବିଦ୍ୟୁତ୍ ତାର ନେବା ପାଇଁ ରାସ୍ତାକୁ ଖୋଳି ସେମିତି ଛାଡ଼ି ଦିଆଯାଇଛି । ସ୍ୱେରେଜ ସଂଯୋଗ ପାଇଁ ମଧ୍ୟ ଅନେକ ଲୋକ ରାସ୍ତା ଖୋଳି ସେମିତି ଛାଡ଼ି ଦେଉଛନ୍ତି। ଲୋକନାଥ ରୋଡ୍ ଓ ବାସେଳୀ ସାହିରେ ନଳା କାମ ପାଇଁ ରାସ୍ତା ଖାଲଖମାରେ ଭରିରହିଛି ।

## ଉଚ୍ଚଶିକ୍ଷା ବିଭାଗରେ ଅଚଳାବସ୍ଥା : ୭ ବିଶ୍ୱବିଦ୍ୟାଳୟରେ ଖାଲି ପଡିଛି କୁଳପତି ପଦ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ୭ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି । ଏହି ବିଶ୍ୱବିଦ୍ୟାଳୟ ଗୁଡିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ କଳାହାଣ୍ଡିସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ । ଦୀର୍ଘ ଦିନ ଧରି ଏହି କୁଳପତି ପଦବିଗୁଡିକ ଖାଲି ପଡିଛି । କାମଚଳାରେ ପ୍ରଶାସନିକ କାର୍ଯ୍ୟଠାରୁ ନେଇ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲିଛି । ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନ ୧୭ଟି ବିଶ୍ୱବିଦ୍ୟାଳୟରେ ୧୩୫୩ ଅଧ୍ୟାପକ ନାହାନ୍ତି । ଏଠାରେ ମଞ୍ଜୁରିପ୍ରାପ୍ତ ୨୦୨୭ଟି ଅଧ୍ୟାପକ ପଦବି ଥିବା ବେଳେ ସେଥିମଧ୍ୟରୁ ମାତ୍ର ୬୭୪ଟି ପଦବିରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟ କରୁଛନ୍ତି । ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ମୋଟ ୨୮୭୯ ଅଣଶିକ୍ଷକ କର୍ମଚାରୀ ପଦବି ରହିଛି। ସେଥିମଧ୍ୟରୁ ୭୯୮ଟି ପଦବି ପୂରଣ ଥିବା ବେଳେ ୨୦୮୧ଟି ପଦବି ଖାଲିଅଛି । ରାଜ୍ୟରେ ଏବେ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ରହିଛି। ସେଥିମଧ୍ୟରୁ କେବଳ ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିୟମିତ ଅଧକ୍ଷ ନାହାନ୍ତି । ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ମୋଟ ୨୪୦୭ ଗୋଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବି ଥିବା ବେଳେ ଏଥିମଧ୍ୟରୁ ୪୩୬ ଅଧ୍ୟାପକ ପଦବି ଖାଲିପଡିଛି । ସମସ୍ତ ମହାବିଦ୍ୟାଳୟରେ ମୋଟ ୧୭୧୧ଟି ଅଣଶୈକ୍ଷିକ ମଞ୍ଜୁରୀପ୍ରାପ୍ତ ପଦବି ରହିଥିବା ବେଳେ ୭୩୧ଟି ପଦବି ଖାଲିରହିଛି । ରାଜ୍ୟରେ ରହିଥିବା ୪୮୮ ବର୍ଗର ପୂର୍ଣ୍ଣ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟରେ ୮୩୨ଟି ଅଧ୍ୟାପକ ପଦବି ଓ ୩୯୮୨ ଅଣଶିକ୍ଷକ ପଦବି ମଧ ଖାଲିପଡିଛି । ତେବେ ଉଚ୍ଚଶିକ୍ଷା ବିଭାଗ ଅଧୀନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିୟମିତ ଅଧକ୍ଷ ପଦବି ନାହିଁ ବୋଲି ବିଧାନସଭାରେ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଏହି ତଥ୍ୟ ରଖିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

# ଖୁବ୍‌ଶୀଘ୍ର ପୂରଣ ହେବ ତାରକସି ହବ୍‌ର ସ୍ୱପ୍ନ

## ପେଟାନାଳ ରାସ୍ତା ପାର୍ଶ୍ୱରେ ୭ ହଜାର ବର୍ଗଫୁଟ୍ ଜମିରେ ହେବ ନିର୍ମାଣ

**କଟକ, ନ୍ୟୁଜ ବ୍ୟୁରୋ**

କଟକର ବହୁ ପ୍ରତୀକ୍ଷିତ ତାରକସି ହବ୍‌ର ସ୍ୱପ୍ନ ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି । ସିଡିଏ ନିକଟସ୍ଥ ପେଟାନାଳ ରାସ୍ତା ପାଶ୍ୱର୍ରେ ୭ ହଜାର ବର୍ଗଫୁଟ୍ ସ୍ଥାନ ଚିହ୍ନଟ କରାଯାଇଛି । ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିଛି । ଭୁବନେଶ୍ୱର ଆଇଆଇଟି ଏହାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରଦାନ କରିଥିଲା । ଏହି ଡିପିଆର ମୁତାବକ କାମ ହେବ । ତାରକସି ହବ୍‌ର ପ୍ରବେଶ ପଥର ଫଟୋ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଛି । ଆଇଆଇଟି ଭୁବନେଶ୍ୱର କମନ୍ ଫାସିଲିଟି ସେଣ୍ଟରର ଡିଜାଇନ, ବୈଷୟିକ ସହାୟତା, ମାର୍କେଟିଂ ପ୍ଲାନ୍, ବ୍ରାଣ୍ଡ୍ ପ୍ରମୋସନ ମାଧ୍ୟମ ଆଦି ପ୍ରସ୍ତୁତ କରି ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛି । କଟକରେ ତାରକସି ହବ୍ ପାଇଁ ସହରବାସୀ ଦୀର୍ଘ ୧୫ବର୍ଷ ଧରି ଅପେକ୍ଷା କରିଛନ୍ତି । ମାତ୍ର ଏହି ପ୍ରକଳ୍ପ କେବଳ ଫାଇଲ୍‌ରେ ଗଡୁଥିଲା । ହବ୍



ପାଇଁ ବାରମ୍ବାର କଟକ ସହରରେ ବିଭିନ୍ନ ଜମି ଚିହ୍ନଟ ହେଲା । କିନ୍ତୁ ପ୍ରକଳ୍ପର ରୂପରେଖ ସାମ୍ନାକୁ ଆସିପାରିଲାନି । କେତେବେଳେ ତୁଳସୀପୁର ତ' କେତେବେଳେ ମାତାମଠରେ ଜମି ଚିହ୍ନଟ ହୋଇଥିବାର ଲଲିପପ୍ ଦେଖାଇ ଭଣ୍ଡାଇ ଚାଲିଥିଲା ପ୍ରଶାସନ । କିନ୍ତୁ ପ୍ରକଳ୍ପର କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସୁନଥିଲା । ଏମିତିକି ରାଜନେତାମାନେ ମଧ କଟକର ଏହି ହସ୍ତଶିଳ୍ପର ବିକାଶ ନେଇ ସ୍ୱରକୁ ଶାଣିତ କରୁଥିବାର କେବେ ହେଲେ ଦେଖାଯାଇ ନଥିଲା । କିନ୍ତୁ ଗତ ୬ ମାସ ଭିତରେ ତାରକସି ହବ୍ ନେଇ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । କାରିଗର ମାନଙ୍କ ସହ ଆଲୋଚନା କରିବା ଠାରୁ ଆରମ୍ଭ କରି ଅନ୍ୟ ରାଜ୍ୟର ତାରକସି ଶିଳ୍ପର ସ୍ଥିତିକୁ ନେଇ ବିଭିନ୍ନ ବର୍ଗ ସହିତ ଆଲୋଚନା କରାଯାଇଛି । ତା'ଛଡ଼ା ଚଳିତବର୍ଷ କଟକ ତାରକସି ଜିଆଇ ମାନ୍ୟତା ପାଇବା ପରେ ପ୍ରଶାସନ ଉପରେ ଚାପ ବଢିଥିଲା । ଦୀର୍ଘ ଦିନର ତାରକସି ହବ୍‌କୁ ରୂପରେଖ ଦେବାକୁ ଯାଇ ଏବେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି । ରୁପା ତାରକସି କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ତଥା ତାରକସି ଶିଳ୍ପର ଉନ୍ନତିକରଣ ନିମନ୍ତେ କଟକରେ ତାରକସି ହବ୍ ନିର୍ମାଣ ହେବ । ଏହି ତାରକସି ଉତ୍କର୍ଷ କେନ୍ଦ୍ରରେ କାରିଗରମାନଙ୍କୁ ନୂତନ ଜ୍ଞାନକୌଶଳ, ଯନ୍ତ୍ରପାତି ଓ ଅତ୍ୟାଧୁନିକ ତାଲିମ୍ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିବ । ଏଥିସହିତ ତାରକସି ସାମଗ୍ରୀ ପ୍ରଦର୍ଶନୀ, ଏହାର ବିକ୍ରି ତଥା ରପ୍ତାନୀ, ବିନା ଶୁଳ୍କରେ କିପରି ରୁପା କ୍ରୟ କରାଯାଇପାରିବ, ତାରକସି ସାମଗ୍ରୀ ତିଆରି ସମୟରେ ଏହାର ନିର୍ମାଣ ମୂଲ୍ୟ ବା ମେକିଂ ଚାର୍ଜ କିପରି ହ୍ରାସ କରାଯାଇପାରିବ ତଥା ମାନ ନିର୍ଦ୍ଧାରଣ ସୁବିଧା ଆଦି ଉପରେ ଗୁରୁତ୍ୱ ଦିଆଯିବ । ସବୁଠୁ ବଡ଼ କଥା ଏହି ଉତ୍କର୍ଷ କେନ୍ଦ୍ର ଠାରେ ଗ୍ରାହକମାନେ ତାରକସି କାରିଗରମାନଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବାର ସୁଯୋଗ ମଧ୍ୟ ପାଇପାରିବେ । ଏଥିରେ ଭୂମିକା ରହୁଥିବା ବିଭିନ୍ନ ଗୋଷ୍ଠୀଙ୍କ ସହିତ ଆଲୋଚନା ସରିଛି। ତାରକସିର ପ୍ରସାର ପାଇଁ କୋଲକତା ସ୍ଥିତ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲ୍ ସହିତ ପୂର୍ବରୁ ପ୍ରଶାସନ ପକ୍ଷରୁ ବୈଠକ କରାଯାଇଛି । ଅନ୍ୟପକ୍ଷରେ ରୁପା ତାରକସି ସହ ଜଡ଼ିତ ଥିବା ପ୍ରକୃତ କାରିଗରମାନେ ଏଣିକି ବ୍ୟକ୍ତିଗତ ଭାବେ ଜିଆଇ ମାନ୍ୟତାର ଲାଭ ହାସଲ କରିପାରିବେ। ପ୍ରକୃତ କାରିଗର, ବିକେତ୍ରା ଓ ଉତ୍ପାଦନକାରୀ ଗୋଷ୍ଠୀଙ୍କୁ ଜିଆଇ ପ୍ରମାଣପତ୍ର ମିଳିବାର ବାଟ ଖୋଲିଛି । ମଧ୍ୟମ, କ୍ଷୁଦ୍ର, ଅଣୁ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ତରଫରୁ ଏନେଇ ଉଦ୍ୟମ କରାଯାଇଛି। କଟକର ୪୨ଜଣ କାରିଗର, ବିକ୍ରେତା ଜିଆଇ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମଥର କୌଣସି ଜିଆଇ ମାନ୍ୟତାପ୍ରାପ୍ତ ଦ୍ରବ୍ୟର ଲାଭ ତୃଣମୂଳ ସ୍ତରରେ ଏହାର କାରିଗରଙ୍କୁ ସିଧାସଳଖ ପ୍ରମାଣପତ୍ର ଆଧାରରେ ମିଳିବାକୁ ଯାଉଛି । ଯାହାଫଳରେ ପ୍ରକୃତ କଟକ ରୁପା ତାରକସିର ଆଦୃତି ଆହୁରି ବୃଦ୍ଧି ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

## ଲୋୟର ସୁକ୍‌ତେଲରେ ଦୁର୍ନୀତି ଅଭିଯୋଗ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀରର ଜୀବନରେଖା ଲୋୟର ସୁକ୍‌ତେଲ୍ ପ୍ରକଳ୍ପରେ ବାରମ୍ବାର ଦୁର୍ନୀତିର ଛିଟା ବାଜୁଛି। ବିସ୍ଥାପିତଙ୍କୁ ଚିହ୍ନଟ ଓ କ୍ଷତିପୂରଣ ଦେବାରେ ଦୁର୍ନୀତି ଅଭିଯୋଗର ତାଲିକା ବହୁତ ଲମ୍ବା। ଗତବର୍ଷ ଜୁଲାଇରେ ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ ରାଉତ ଭିଜିଲାନ୍ସ ଜାଲରେ ପଡ଼ିବା ପରେ ପ୍ରକଳ୍ପ ନିର୍ମାଣ ଏବଂ କ୍ଷତିପୂରଣ ବାବଦକୁ ବଡ଼ଧରଣର ଦୁର୍ନୀତି ହୋଇଥିବା ସ୍ପଷ୍ଟ ହୋଇଥିଲା। ଭିଜିଲାନ୍ସ ଟିମ୍ ଶ୍ରୀ ରାଉତଙ୍କ କୋଟି କୋଟି ଆୟ ବହିର୍ଭୂତ ଟଙ୍କା ଠାବ କରିଥିଲା। ଏବେ ଉକ୍ତ ପ୍ରକଳ୍ପରେ ଏକଦା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଭାବେ କାମ କରିଥିବା ବିନୟ ଗଡ଼ନାୟକ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଦୁର୍ନୀତିର ଆଉ ଏକ ବଡ଼ ପ୍ରମାଣ। ଶ୍ରୀ ରାଉତ ପାଖାପାଖି ୭ କୋଟି ଟଙ୍କା କ୍ଷତିପୂରଣ ଓ ଗାଡ଼ିଭଡ଼ା ଖର୍ଚ୍ଚ ବାବଦରେ ହେରଫେର କରିଥିବାର ପ୍ରମାଣ ପାଇବା ପରେ ଭିଜିଲାନ୍ସ ତାଙ୍କ ବିରୋଧରେ ୨୦୦୮ ମସିହାରୁ ୧୨ଟି ମାମଲା ରୁଜୁ କରିଥିଲା। ଏବେ ପ୍ରଶ୍ନ ଉଠୁଛି, ଏହି ପ୍ରକଳ୍ପ ବାବଦକୁ ଖର୍ଚ୍ଚ ହୋଇଥିବା ୨୭୨୩ କୋଟି ଟଙ୍କାରୁ କିଏ କେତେ ଚଲୁ କରିଛନ୍ତି କିଛି ଦିନ ପୂର୍ବରୁ ବାରପୁଡୁଗିଆ ଗ୍ରାମବାସୀ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଅଫିସରେ ପହଞ୍ଚି ସବୁ କର୍ମଚାରୀଙ୍କୁ ତାଲା ଠୁଙ୍କିଥିଲେ। ୧୯୮୮ ମସିହାରେ ସେମାନଙ୍କୁ



ବାରପୁଡୁଗିଆ ରାସ୍ତା କଡ଼େ ୪ ଡିସିମିଲ୍ ଲେଖାଏଁ ଜାଗା ଦିଆଯାଇଥିଲା। ୨୦୦୬ରେ ଲୋୟର ସୁକତେଲ୍ ପ୍ରକଳ୍ପ ସର୍ଭେ ବେଳେ କ୍ଷତିପୂରଣ ତାଲିକାରେ ସେମାନଙ୍କ ନାମ ନଥିଲା। ୭୨ଟି ପରିବାର ମଧ୍ୟରୁ ଯେଉଁମାନଙ୍କୁ କ୍ଷତିପୂରଣ ମିଳିଛି, ସେମାନେ ବୁଡ଼ି ଅଞ୍ଚଳରେ ନାହାନ୍ତି। ଅଧିକାରୀମାନଙ୍କୁ ୨ ଲକ୍ଷ ଟଙ୍କା ଲାଞ୍ଚ ଦେଇ କ୍ଷତିପୂରଣ ମିଳିଛି। ସର୍ଭେ ସମୟରେ ଉପସ୍ଥିତ ନ ଥିବା ଲୋକଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ଗ୍ରାମବାସୀ ଗୁରୁତର ଅଭିଯୋଗ କରିଥିଲେ। ଲୋୟର ସୁକତେଲ୍ ପ୍ରକଳ୍ପରେ ବଲାଙ୍ଗୀର ସଦର ବ୍ଲକ୍‌ର ୧୭ଟି ଗ୍ରାମରୁ ୩୫୩୫ ଜଣ ଏବଂ ଲୋଇସିଂହା ବ୍ଲକ୍‌ର ୧୧ଟି ଗ୍ରାମରୁ ୩୧୮୪ ଜଣ ବିସ୍ଥାପିତ ହୋଇଛନ୍ତି। ସର୍ବମୋଟ ୨୯ ଖଣ୍ଡ ଗ୍ରାମର ମୋଟ ୫୩୩୯ ରୟତି ଖାତାଦାରଙ୍କ ୯୮୫୦.୫୬ ଏକର ଜମି ଅଧିଗ୍ରହଣ କରାଯାଇଛି। ବର୍ତ୍ତମାନ ଯାଏଁ ୨୪୦ଟି ବିସ୍ଥାପିତ ପରିବାର ଥଇଥାନ ସହାୟତା ରାଶି ଗ୍ରହଣ କରିନାହାନ୍ତି। ୧୩ଟି ଭୂମିହୀନ ପରିବାର, ଭୂମିହରା ପ୍ରଜାଙ୍କ ମଧ୍ୟରୁ ୧୧୨୪ ଖାତାଦାର ମଧ୍ୟ ତାଙ୍କ କ୍ଷତିପୂରଣ ରାଶି ଗ୍ରହଣ କରିନାହାନ୍ତି। ପ୍ରାୟ ସମସ୍ତଙ୍କ ଅଭିଯୋଗ ହେଲା, ଯିଏ ହାତଗୁଞ୍ଜା ଦେଇଛି, ସେ ଭଲ କ୍ଷତିପୂରଣ ରାଶି ପାଇଛି। ଠିକ୍ ମୂଲ୍ୟାୟନ ହେଉନଥିବାରୁ କ୍ଷତିପୂରଣ ରାଶି ନେବାକୁ ବହୁ ବିସ୍ଥାପିତ ମନା କରି ଦେଉଛନ୍ତି। କିନ୍ତୁ ବିଧିବଦ୍ଧ ତଦନ୍ତ ହେଉ ନ ଥିବାରୁ ଦୁର୍ନୀତିର ଅସଲ ଚିତ୍ର ସାମନାକୁ ଆସିପାରୁନାହିଁ।



## ଆର୍ଥିକ ସ୍ଥିତାବସ୍ଥା ନେଇ ରାଷ୍ଟ୍ରପତିଙ୍କ ପରାମର୍ଶ

# ସରକାର ଓ ଆର୍‌ବିଆଇ ମଧ୍ୟରେ ସ୍ଥାୟୀ ସହଯୋଗ ଜରୁରୀ

**ମୁମ୍ବାଇ, ନ୍ୟୁଜ୍ ବ୍ୟୁରୋ**

ପ୍ରଯୁକ୍ତିବିଦ୍ୟା ଏବଂ ଜ୍ଞାନକୌଶଳର ଅଗ୍ରଗତି ଯୋଗୁ ଆର୍ଥିକ ଠକେଇ ଏବଂ ସାଇବର ଆକ୍ରମଣର ବିପଦ ବୃଦ୍ଧି ପାଇବାରେ ଲାଗିଛି । ଏଭଳି ସ୍ଥିତିରେ ବ୍ୟାପକ ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଏବଂ ସରକାରଙ୍କ ମଧ୍ୟରେ ସ୍ଥାୟୀ ସହଯୋଗ ଜରୁରୀ । ଆର୍‌ବିଆଇର ୯୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଏହି ମନ୍ତବ୍ୟ ଦେଇଛନ୍ତି । ଏଠାରେ ରାଷ୍ଟ୍ରପତି ବ୍ୟାଙ୍କିଂ ବ୍ୟବସ୍ଥାକୁ ମଜବୁତ୍ ଏବଂ ସୁରକ୍ଷିତ କରିବା ପାଇଁ ଆର୍‌ବିଆଇ ନେଇଥିବା ପଦକ୍ଷେପକୁ ଖୁବ୍ ପ୍ରଶଂସା କରିଥିଲେ । ସେ କହିଥିଲେ । ଯେ ଆର୍ଥିକ ଏବଂ ସାଇବର ଠକେଇ ଚିନ୍ତା ବୃଦ୍ଧି କରୁଛି । ଏହା ଉପରେ କ୍ରମାଗତ ଭାବେ ନଜର ରଖିବା ଜରୁରୀ । ଗତ ୯୦ ବର୍ଷର ଉଲ୍ଲେଖନୀୟ ଯାତ୍ରାରେ ଆର୍‌ବିଆଇ ସରକାରଙ୍କ ଦୂରଦର୍ଶିତା ଏବଂ ନୀତି ସହିତ ଘନିଷ୍ଠ ଭାବେ ଜଡ଼ିତ ହୋଇ ରହିଛି । ଏହି କାର୍ଯ୍ୟକ୍ରମରେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଥିଲେ ଯେ ପରିବର୍ତ୍ତିତ ଆର୍ଥିକ ସ୍ଥିତିରେ ବ୍ୟାଙ୍କିଂ ପରିସରର ସମ୍ପ୍ରସାରଣ, ଦକ୍ଷତାରେ ସୁଧାର ଏବଂ ନମନୀୟତାକୁ ମଜବୁତ୍ କରିବା ପାଇଁ ବ୍ୟାଙ୍କ କ୍ରମାଗତ ଭାବେ କାର୍ଯ୍ୟ କରୁଛି । ସମସ୍ତ ଆହ୍ୱାନ୍‌ର ସାମ୍ନା କରିବା ଏବଂ ଅନିଶ୍ଚିତତା ମଧ୍ୟରେ ଭବିଷ୍ୟତର ଦୁଃସାହସିକ ରାସ୍ତା ପ୍ରସ୍ତୁତ କରି ସବୁ ସୁଯୋଗର ଲାଭ ଉଠାଇବା ପାଇଁ ଆର୍‌ବିଆଇ ପ୍ରସ୍ତୁତ ଅଛି । ଆର୍‌ବିଆଇର ଏହି କାର୍ଯ୍ୟକ୍ରମରେ । କେନ୍ଦ୍ର ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିଶ ମଧ୍ୟ ସାମିଲ୍ ହୋଇଥିଲେ ।

### ଲାଲୁ ଯାଦବ ଅସୁସ୍ଥ:ଦିଲ୍ଲୀ ଏମ୍ସ ଗଲେ

**ପାଟନା, ନ୍ୟୁଜ୍ ବ୍ୟୁରୋ**

ଆରଜେଡି ନେତା ଲାଲୁ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଅବନତି ଘଟିବାରୁ ବୁଧବାର ସନ୍ଧ୍ୟାରେ ତାଙ୍କୁ ଦିଲ୍ଲୀ ନିଆଯାଇଛି । ତାଙ୍କର ଅଚାନକ୍ ରକ୍ତଚାପ ହ୍ରାସ ପାଇବାରୁ ଲାଲୁଙ୍କୁ ପାଟନା ସ୍ଥିତ ପାରସ ହସ୍ପିଟାଲ୍ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତରମାନେ କିଛି ସମୟ ଚିକିତ୍ସା କରିବା ପରେ ଲାଲୁଙ୍କୁ ଦିଲ୍ଲୀ ଏମ୍ସ ନେଇ ଯିବାକୁ ପରାମର୍ଶ ଦେଇଥିଲେ । ଏହାପରେ ହସ୍ପିଟାଲରୁ ହିଁ ତାଙ୍କୁ ବିମାନ ବନ୍ଦର ନିଆଯାଇଥିଲା । ଲାଲୁ ବିମାନ ବନ୍ଦର ଯାଉଥିବାର ଏକ ଭିଡିଓ ଭାଇରାଲ୍ ହୋଇଥିଲା ବେଳେ ଅମ୍ଳଜାନ ମାସ୍କ ପିନ୍ଧିଥିବା ଦେଖାଯାଇଛି । ଲାଲୁ ଯାଦବଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ପରେ ଆରଜେଡି କର୍ମୀ ଏବଂ ସମର୍ଥକମାନେ ଚିନ୍ତିତ ହୋଇପଡ଼ିଛନ୍ତି ।

# ଭାଷାଭିତ୍ତିକ ରାଜ୍ୟ ଗଠନରେ ଦେଶରେ ଓଡ଼ିଶା ପ୍ରଥମ:ସମବାୟ ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ-୨୦୨୫ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପ୍ରଦୀପ ବଳ ସାମନ୍ତ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବାହ୍ନ ୪.୩୦ ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଯାଜପୁର ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଉତ୍କଳ ବନ୍ଦନା ଗାନ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରଭାତ ଫେରୀର ଆୟୋଜନ କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ସମବାୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ, ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ସମସ୍ତ ସମ୍ମାନିତ ଅତିଥିମାନେ ଯାଜପୁର ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି, କିଆନାଳୀ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବଂ ଜିଲ୍ଲା ସ୍କୁଲ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମେତ ଅନ୍ୟାନ୍ୟ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଜିଲ୍ଲା କାରାଗାରର ଅନ୍ତେବାସୀ, ଉତ୍କଳ ବାଳାଶ୍ରମର ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଏହାପରେ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ ସମୃଦ୍ଧ ସଂସ୍କୃତି ଗୌରବମୟ ଇତିହାସ ଓ ଗରିମାମୟ ପରମ୍ପରାର ଉଜ୍ଜ୍ୱଳ ସ୍ୱାକ୍ଷରର ଋଦ୍ଧିମନ୍ତ ଆମର ପ୍ରିୟ ଜନ୍ମ ଭୂମି ଓଡ଼ିଶା । ଆଜକୁ ଅଣାନବେ ବର୍ଷ ପୂର୍ବେ, ଏହି ପବିତ୍ର ଦିବସରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ଦୀର୍ଘଦିନର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରି ଗଠିତ ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ । ଭାଷାକୁ ଆଧାର କରି ସ୍ୱତନ୍ତ୍ର ରାଜ୍ୟ ଗଠନ ହେବାରେ ଓଡ଼ିଶା ଥିଲା ପ୍ରଥମ । ଆଜିର ଏହି ଐତିହାସିକ ଦିବସରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନର ମହାପୁରୁଷ ମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଦୀର୍ଘ ଦିନର ସଂଘର୍ଷ ପରେ ବିହାର – ଓଡ଼ିଶା – ମାଡ୍ରାସ୍ ପ୍ରେସିଡେନ୍ସିରେ ଥିବା ଓଡ଼ିଆ ଭାଷା କହୁଥିବା ଅଞ୍ଚଳକୁ ନେଇ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ଯେଉଁମାନେ ସେମାନଙ୍କର ତ୍ୟାଗ, ଅଧ୍ୟବସାୟ, ପରିଶ୍ରମ ଓ ସାମର୍ଥ୍ୟ ବିନିଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ, ରାଜା ହରିହର ମର୍ଦ୍ଦରାଜ, ବ୍ୟାସକବି ଫକିର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, କର୍ମବୀର ଗୌରୀଶଙ୍କର ରାୟ, ପଣ୍ଡିତ ନୀଳକଣ୍ଠ ମିଶ୍ର, ଆଚାର୍ଯ୍ୟ ହରିହରଙ୍କ ପରି ଅନେକ ଯୋଗଜନ୍ମା । ସେମାନଙ୍କ ଉଦ୍ୟମର ଫଳସ୍ୱରୂପ ଆଜି ଆମେ ଓଡ଼ିଆ ଭାବରେ ଗର୍ବ କରୁଛେ । ଏହି ଦିବସରେ ସମସ୍ତ ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି ବୋଲି ମନ୍ତ୍ରୀ କହିଥିଲେ ।



## କାର୍ ଦୁର୍ଘଟଣାରେ ହୋଣ୍ଡା ସୋ-ରୁମ୍ ମ୍ୟାନେଜରଙ୍କ ମୃତ୍ୟୁ, ଡ୍ରାଇଭର୍ ଗୁରୁତର

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ରମ୍ଭା ଜାତୀୟ ୧୬ ନମ୍ବର ରାଜପଥ ସୁଜନ୍ୟା ଢାବା ନିକଟ ୧୦ ଫୁଟ୍ ତଳକୁ କାର୍ ଖସି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣଙ୍କ ହେଲେ ବ୍ରହ୍ମପୁର ହୋଣ୍ଡା ସୋ-ରୁମ୍‌ର ମ୍ୟାନେଜର ସୁଶାନ୍ତ ମିଶ୍ର ଓ ଗୁରୁତର ଆହତ ବ୍ୟକ୍ତି ଜଣଙ୍କ ହେଲେ ସୁଶାନ୍ତ ମିଶ୍ରଙ୍କ ଡ୍ରାଇଭର୍ ଜୟ ଆନମୂଳ । ଅପରାହ୍ନ ୩ଟା ସମୟରେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କାର୍ ଭାରସାମ୍ୟ ହରାଇ ୧୦ ଫୁଟ୍ ତଳକୁ ଖସି ଏକ ଗଛକୁ ପିଟି ଦେବା ଫଳରେ ଘଟଣାସ୍ଥଳରେ ବ୍ରହ୍ମପୁର ହୋଣ୍ଡା ସୋରୁମ୍‌ର ମ୍ୟାନେଜରଙ୍କର ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର୍ ଜଣଙ୍କ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ରମ୍ଭା ଥାନା, ରମ୍ଭା ଅଗ୍ନିଶମ ବିଭାଗ ଓ ହାଇୱେ ପାଟ୍ରୋଲିଂ ପୋଲିସକୁ ଖବର ଦେବାପରେ ପୋଲିସ କର୍ମଚାରୀ, ଅଗ୍ନିଶମ ବିଭାଗର କର୍ମଚାରୀ, ହାଇୱେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଡ୍ରାଇଭର୍‌ଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜିକୁ ଚିକିତ୍ସା ପାଇଁ ନେଇଥିଲେ । ମୃତକ ବ୍ୟକ୍ତିଙ୍କ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଥିବା ଜଣାପଡିଛି । ଏନେଇ ସୁଶାନ୍ତ ମିଶ୍ରଙ୍କ ସ୍ତ୍ରୀ ସାଧନା ଚୌଧୁରୀ ଡ୍ରାଇଭର୍‌ଙ୍କ ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ହୋଇଥିବା ନେଇ ରମ୍ଭା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି ।

## ବିଦ୍ୟୁତ୍ ଶୁଳ୍କ କମ୍ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପିଆଇର ଦାବିପତ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ଦାବିପତ୍ର କେନ୍ଦ୍ରାପଡା ଡିପିସିଏଲ୍‌ର ଅଧିକ୍ଷଣ ଯନ୍ତ୍ରୀ ପ୍ରଶାନ୍ତ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଖରାଦିନେ ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା, ଜନ ବିରୋଧୀ ପ୍ରପେଡ୍ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରବା, ଓଡ଼ିଆ ଲେଖା ବିଲ୍ ପ୍ରଦାନ କରିବା, ବିଦ୍ୟୁତ୍ ଶୁଳ୍କ କମ୍ କରିବା, କର୍ମଚାରୀଙ୍କୁ ସରକାରୀ ଚାକିରୀର ମାନ୍ୟତା ଦେବା, କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ପ୍ରଦାନ କରିବା, ନୂତନ ଘରୋଇ ଲାଇନ୍ ସଂଯୋଗ, ୩୯୦୦ ପରିବର୍ତ୍ତେ ୧୫୦୦ ଟଙ୍କା କରିବା, ମିଟର ବାବଦରେ ନେଇଥିବା ୪୦ ଟଙ୍କା ବନ୍ଦ କରିବା ଆଦି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସିପିଆଇର ଜିଲ୍ଲା ସଂପାଦକ ରମଣୀ ରଂଜନ ରାଉତରାୟ, ରମେଶ ଚନ୍ଦ୍ର ନାୟକ, ବିକାଶ ଚନ୍ଦ୍ର ବେହୁରା, ଅଜୟ କୁମାର ସାମଲ, ସଂଯୁକ୍ତା ରାଉତ, ପ୍ରଦିପ୍ତ ବେହେରା, ପ୍ରତ୍ୟୁଷ ରଂଜନ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।



## ଅଗ୍ନିବୀର ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଅନୁଗୁଳ, ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ ହୋଇଛି । ଏହି ଆର୍ମି ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ୨୫୦ ଟଙ୍କା ଫି ଦେୟ ପଡିବ । ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍‌ଲାଇନ୍ ପରୀକ୍ଷା ଅନୁସାରେ ପ୍ରାର୍ଥୀମାନେ ନିଯୁକ୍ତି ପାଇବେ । ରାଲି ବିଜ୍ଞାପନ ଜଏନ୍ ଇଣ୍ଡିଆନ୍ ଆର୍ମି ୱେବସାଇଟ୍ www.joinindianarmy.nic.in ରେ ଦେଖିପାରିବେ । ଆବେଦନ କରିବା ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ବାଧ୍ୟତାମୂଳକ ଅଟେ । ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଏପ୍ରିଲ୍ ୧୦ ତାରିଖ ପର୍ଯ୍ୟନ୍ତ ଖୋଲାରହିବ । ଆର୍ମି ନିଯୁକ୍ତି ପଞ୍ଜିକରଣ ସମ୍ପୂର୍ଣ୍ଣ ଭାବେ ମାଗଣା ହୋଇଥିବା ବେଳେ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ – ମେଲରେ ଏଡମିଟ୍ କାର୍ଡ ପ୍ରେରଣ କରାଯିବ ବୋଲି ସୂଚନା ମିଳିଛି । ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ସୂଚନା ନିମନ୍ତେ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ ।

## ସ୍କୁଲ୍ ପିଲାଙ୍କୁ ମିଳିଲା ପୋଷଣଯୁକ୍ତ ମାଣ୍ଡିଆ ଲଡୁ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ପୋଷଣ ଯୁକ୍ତ ମାଣ୍ଡିଆ ଲଡୁ ଓ ନବମ ଦଶମ ଶ୍ରେଣୀ ପିଲାଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ । ସ୍କୁଲ ପିଲାଙ୍କ ମାନସିକ ଓ ବୌଦ୍ଧିକ ଚିନ୍ତାର ବିକାଶ ପାଇଁ ପୋଷଣକୁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର । ଏଥିପାଇଁ ପୋଷଣ ଯୁକ୍ତ ମାଣ୍ଡିଆ ଲଡୁ ବଣ୍ଟନ ଶୁଭାରମ୍ଭ ହୋଇଛି । ଏଥିସହ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୋଷଣ ଯୁକ୍ତ ମଧ୍ୟାହ୍ନ ଭୋଜନକୁ ଶୁଭାରମ୍ଭ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ଠାରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଉଭୟ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ଲଡୁ ପ୍ରଦାନ କରିଛନ୍ତି । ବିଧାୟକ ଗୌରୀଶଙ୍କର ମାଝୀ ମଧ୍ୟ ନବରଙ୍ଗପୁର ସହର ମଧ୍ୟରେ ଥିବା ସରକାରୀ ପୌରପାଳିକା ଉଚ୍ଚ ବିଦ୍ୟାଳୟରେ ମାଣ୍ଡିଆ ଲଡୁ ଓ ମଧ୍ୟାହ୍ନ ଭୋଜନ ବଣ୍ଟନ କରିଥିଲେ । ନବରଙ୍ଗପୁର ଜିଲ୍ଲାରେ ଡ୍ରପ୍ ଆଉଟ୍‌ଙ୍କ ସଂଖ୍ୟା ସବୁଠାରୁ ଅଧିକା ରହୁଥିବା ବେଳେ ଏହି ଯୋଜନା ଯୋଗୁଁ ଜିଲ୍ଲାରେ ଡ୍ରପ୍ ଆଉଟ୍‌ଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି । ପୂର୍ବରୁ ପ୍ରଥମରୁ ଅଷ୍ଟମ ଯାଏ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଘରକୁ ଖାଇବାକୁ ଯାଉଥିଲେ କିମ୍ବା ବିଦ୍ୟାଳୟରେ ଉପାସ ରହୁଥିଲେ । ଅତି ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ଅଷ୍ଟମ ପରେ ପାଠ ମଧ୍ୟ ଛାଡି ଦେଉଥିଲେ । କିନ୍ତୁ ଏବେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏହାର ଲାଭ ଉଠାଇ ପାରିବେ । ଏହା ସହ ମାଣ୍ଡିଆ ଲଡୁ ସପ୍ତାହକୁ ତିନି ଦିନ ବଣ୍ଟନ କରାଯିବ । ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଖୁସି ପ୍ରକଟ କରିଛନ୍ତି । ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିଜେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ସହ ମାଣ୍ଡିଆ ଲଡୁ ଦେବା ସହ ପିଲାଙ୍କ ସହ ମିଶି ଭୋଜନ କରିଥିଲେ । ଯାହା ପିଲାଙ୍କୁ ବେଶ୍ ଉତ୍ସାହିତ କରିଛି । ସମସ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଣ୍ଡିଆ ଲଡୁ ଦିଆଯିବ । ସପ୍ତାହର ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଏହି ଲଡୁ ଦିଆଯିବ । ଏଥିସହ ସପ୍ତାହକୁ ଅତିରିକ୍ତ ଗୋଟିଏ ଲେଖାଏଁ ଅଣ୍ଡା ପିଲାଙ୍କୁ ଦିଆଯିବ । ଅର୍ଥାତ୍ ଆଗରୁ ୨ ଦିନ ଅଣ୍ଡା ଦିଆଯାଉଥିଲା, ଏବେ ସପ୍ତାହକୁ ୩ ଦିନ ଦିଆଯିବ ବୋଲି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୦ ଇନ୍ଦିରା କଲୋନୀରେ ବୁଧବାର ଜଣେ ଯୁବକ ବେକରେ ଫାସି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତ ଯୁବକ ହେଲେ ସଦର ନୂଆପଡା ଇନ୍ଦିରା କଲୋନୀ ୱାର୍ଡ ନଂ- ୧୦ ର ସୋମଚନ୍ଦ ଗୁପ୍ତା (୩୨) । ମଙ୍ଗଳବାର ରାତିରେ ପରିବାର ଖାଇ ସାରି ନିଜ ନିଜ କୋଠରୀକୁ ଶୋଇ ଯାଇଥିଲେ । ସକାଳେ ଉଠି ଦେଖିଲା ବେଳକୁ ସୋମଚନ୍ଦ ନିଜ ବେକରେ ଏକ ପତଳା କମ୍ବଳରେ ବାନ୍ଧି ହୋଇ ଘର ଛାତ ପାଖରେ ଲାଗିଥିବା ଲୁହା ଏଙ୍ଗଲ୍‌ରେ ଝୁଲୁଥିବା ପରିବାର ଦେଖିବାକୁ ପାଇଥିଲେ । କେଉଁ କାରଣରୁ ସୋମଚନ୍ଦ ଆତ୍ମହତ୍ୟା କରିଛନ୍ତି । ପ୍ରକୃତରେ ଏହା ସୁପରିକଳ୍ପିତ ହତ୍ୟା କି ଆତ୍ମହତ୍ୟା ଜଣାପଡିନାହିଁ । ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହା ହତ୍ୟା କି ଆତ୍ମହତ୍ୟା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।

## ଖଣ୍ଡା ଚୋଟରେ ଦୁଇ ଭାଇ ଗୁରୁତର:ଏମ୍ସରେ ଭର୍ତ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖଣ୍ଡଗିରି ଥାନା ପାତ୍ରପଡ଼ା ଗାଁରେ ଦୁଇ ଭାଇ ପ୍ରାଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି । ଖଣ୍ଡା ଚୋଟରେ ଆହତ ହୋଇଥିବା ଦୁଇ ଭାଇ ହେଲେ ଜୀବନ ସାମନ୍ତରାୟଙ୍କ ପୁଅ ଆଲୋକ ଓ ଜୀବନଙ୍କ ଭାଇ ଗଣେଶଙ୍କ ପୁଅ ଦିବ୍ୟଜ୍ୟୋତି । ଆଲୋକ ଓ ଦିବ୍ୟ ଉଭୟଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି ଏବଂ ସେମାନେ ଏବେ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି । ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଛି ଏବଂ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ପୋଲିସ ମୁତୟନ ହୋଇଛନ୍ତି । ଜୀବନଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୋଲିସ ଆକ୍ରମଣକାରୀମାନଙ୍କୁ ଗିରଫ କରିବା ଲାଗି ଚଢ଼ଉ ଚଳାଇଛି । ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଦୁଇ ଭାଇ ଆଲୋକ ଓ ଦିବ୍ୟ ସ୍ଥାନୀୟ ତାରିଣୀ ମନ୍ଦିର ଛକକୁ ଦହିବରା ଖାଇବାକୁ ଯାଇଥିଲେ । ପୂର୍ବରୁ ସେହି ଛକରେ ବିଜୟ ପାଟଶାଣୀ, ଲଲାଟ ଦାସ, ଲକି ଜେନା, ରଞ୍ଜିତ ଦାସ ଓ ସୁନୀଲ ପଟ୍ଟନାୟକ ପ୍ରମୁଖ ଥିଲେ । ପୂର୍ବ ବିବାଦ ଥିବାରୁ ଦୁଇ ପକ୍ଷ ମଧ୍ୟରେ କମେଣ୍ଟ ମରାମରି ହୋଇଥିଲା । ପରେ ଉଭୟ ପକ୍ଷ ହାତାହାତି ଅବସ୍ଥାକୁ ଚାଲିଯାଇଥିଲେ । ଗଣ୍ଡଗୋଳ ବଢ଼ାଇବାକୁ ଯୋଜନା କରି ପ୍ରସ୍ତୁତ ଥିବା ବିଜୟ ପାଟଶାଣୀ ଗୋଷ୍ଠୀ ହଠାତ୍ ମାରଣାସ୍ତ୍ର ବାହାର କରି ଦୁଇ ଭାଇଙ୍କୁ ଆକ୍ରମଣ କରିଥିଲେ ଓ ଖଣ୍ଡା ଦେଖି ଦୁଇ ଭାଇ ଘଟଣାସ୍ଥଳରୁ ଦୌଡ଼ିବାକୁ ଲାଗିଥିଲେ । କିନ୍ତୁ ଖଣ୍ଡା ଚୋଟରୁ ବର୍ତ୍ତି ନଥିଲେ । ଏତିକିବେଳେ ଛକରେ ଉପସ୍ଥିତ ଥିବା ଗାଁ ଲୋକେ ପାଟି କରି ଘଟଣାସ୍ଥଳକୁ ଧାଇଁ ଯାଇଥିଲେ । ତେଣୁ ଆକ୍ରମଣକାରୀ ମାନେ ସେଠାରୁ ପଳାଇଥିଲେ । ସ୍ଥାନୀୟ ଅଞ୍ଚଳରୁ ମିଳିଥିବା ଖବର ଅନୁସାରେ ଏହି ଦୁଇ ପକ୍ଷଙ୍କ ମଧ୍ୟରେ ହୋଲି ପରଠୁ ଛକାପଞ୍ଝା ଲାଗି ରହିଥିଲା ।



## ଅଗ୍ନିବିପନ୍ନ ପରିବାରକୁ ବିଧାୟକ ଭେଟିଲେ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଖଇରା ଗାଁରେ ଦୋକାନ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିବାରୁ ଦୋକାନ ଗୃହ ଜଳିଯାଇଥିଲା । ଦୋକାନ ସାମଗ୍ରୀ ଜଳି ପାଉଁଶ ହୋଇଯାଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ । ଏହି ଖବର ପାଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ବୁଧବାର ଖଇରା ଗାଁକୁ ଯାଇ ଅଗ୍ନିବିପନ୍ନ ଦୀପକ ରଣାଙ୍କ ପରିବାରକୁ ଭେଟି ଆଶ୍ୱାସନା ଦେଇଛନ୍ତି । ବିଧାୟକ ଅଗ୍ନି ବିପନ୍ନ ପରିବାରକୁ ଦେଖା କରିବା ସହ କିଭଳି ସରକାରୀ ସାହାଯ୍ୟ ମିଳିପାରିବ ସେନେଇ ପଦକ୍ଷେପ ନେବେ ବୋଲି ବିଧାୟକ କହିଥିଲେ । ଏତିକି ସମୟରେ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ ।

# ଉତ୍କଳ ମାତୃକାର ଜନ୍ମତିଥି ଆଜୀବନ ପାଳନ ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ



**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଆ ଜାତି ଓ ଏହାର ମହାନ୍ ପରମ୍ପରାକୁ ସମ୍ମାନ ଦେବା ସହ ଓଡ଼ିଆ ହେବା ନେଇ ଗର୍ବ ଅନୁଭବ କରିବାର ଆବେଗ, ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ୯୦ ତମ ଓଡ଼ିଶା ଦିବସ (ଉତ୍କଳ ଦିବସ) ପାଳନ ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଜଣେ ଶ୍ରେଷ୍ଠ ଓଡ଼ିଆ ଭାବେ ନିଜର ସ୍ୱାଭିମାନ ଓ ସ୍ୱାଧୀନତାକୁ ନେଇ ସମ୍ମାନ ଲଭିବା ସହ ଉତ୍କଳ ମାତୃକାର ଜନ୍ମତିଥିକୁ ଆଜୀବନ ପାଳନ କରିବାକୁ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ । ଏଥିସହିତ ସମୟାନୁସାରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଦେଖାଯାଇଥିବା ଗୁଣାତ୍ମକ ଉନ୍ନତି ଓ ପରିବର୍ତ୍ତନର ବିଭିନ୍ନ ଦିନଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ । ମାନସିକତାରେ ପରିବର୍ତ୍ତନ, ପୂର୍ଣ୍ଣାଙ୍ଗ ଶିକ୍ଷା ବ୍ୟବସ୍ଥାରେ ସୁଧାର, ଓଡ଼ିଶାରେ ଗଚ୍ଛିତ ପ୍ରାକୃତିକ ସମ୍ପଦର ପ୍ରକୃଷ୍ଟ ଉପଯୋଗ, ସାହିତ୍ୟର ଗବେଷଣା କ୍ଷେତ୍ରରେ ଉନ୍ନତି, ପ୍ରଶାସନିକ ବ୍ୟବସ୍ଥାର ଲୋକାଭିମୁଖୀ କାର୍ଯ୍ୟକଳାପ ଇତ୍ୟାଦି ପ୍ରସଙ୍ଗରେ କୁଳପତି ପ୍ରଫେସର ତ୍ରିପାଠୀ ନିଜର ସକାରାତ୍ମକ ମନୋଭାବ ଅଭିବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ରୂପେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ ବିଶ୍ୱ ବିଦ୍ୟାଳୟର କୁଳସଚିବ କୁକୁମୀନା ଦାସ ଉପସ୍ଥିତ ହୋଇ ଓଡ଼ିଶା ଦିବସ ପାଳନର ମହତ୍ତ୍ୱ ସଂପର୍କରେ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର, ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ, ଓଡ଼ିଆ ହେବା ସହ ନିଜ ହୃଦୟରେ ଓଡ଼ିଶାର ଅସ୍ମିତାକୁ ନେଇ ପରିଚିତ ହେବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର, ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଯୋଗଦେଇ ପ୍ରାଚୀନ କଳିଙ୍ଗର ଆଧୁନିକ ଓଡ଼ିଶା ରୂପାୟନ ନେଇ ନିଜର ଜୀବନ ଅନୁଭୂତି ବାଣ୍ଟିଥିଲେ । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର, ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଇତିହାସ ବର୍ଣ୍ଣନା ସହ ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ କରି ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିସହ ଓଡ଼ିଶା ଦିବସ ପାଳନ ଅବସରରେ ଆୟୋଜିତ ହୋଇଥିବା ଚିତ୍ରାଙ୍କନ, ବକ୍ତୃତା, ରଙ୍ଗ-ମୁରୁଜ ଝୋଟି ଆଦି ଅନ୍ୟାନ୍ୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମର ସଞ୍ଚାଳନ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର କରିଥିଲେ । ଡକ୍ଟର ଶିଖାଶ୍ରୀ ରାୟ କାର୍ଯ୍ୟକ୍ରମଟିକୁ ସଂପାଦନା କରିଥିଲେ । ଏହି ଉତ୍ସବ ପାଳନରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ । ସହକାରୀ ଅଧ୍ୟାପିକା ଜିନା ପ୍ରିୟଙ୍କା ଜେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଆରମ୍ଭ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଶିକ୍ଷା ବର୍ଷରୁ ଲାଗୁ କରାଯାଇଥିବା ନୂତନ ଶିକ୍ଷାନୀତି ଆରମ୍ଭ ହୋଇଛି । ଶିଶୁ ବାଟିକାରେ କୁନି କୁନି ପିଲାମାନେ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପୂର୍ବରୁ ଅଭିଭାବକ ମାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶିଶୁ ବାଟିକାରେ ନାମ ଲେଖେଇବାକୁ ରାଜ୍ୟ ସାରା ସ୍କୁଲ୍ ଆସିଛନ୍ତି କୁନି କୁନି ପିଲା । ପିଲାଙ୍କ ଭିତରେ ବିଦ୍ୟାଳୟ ଭୟ ଦୂର କରିବା ସହ ବିଦ୍ୟାଳୟ ଆସିବା ପ୍ରତି ଆକୃଷ୍ଟ କରିବା ଓ ଶିକ୍ଷକ ଏବଂ ଅଭିଭାବକଙ୍କ ମଧ୍ୟରେ ଉଚିତ୍ ସମନ୍ୱୟ ରଖିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାରେ ସମୁଦାୟ ୨୨୬୧ଟି ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରାଯାଇଛି । କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ ଯୋଗଦେଇ ପିଲାଙ୍କୁ ଖଡ଼ି ଧରାଇ ସିଲଟ ପଟାରେ ବିଦ୍ୟା ଆରମ୍ଭ କରାଇଥିଲେ ଓ ସ୍କୁଲ୍ ବ୍ୟାଗ୍ ବଣ୍ଟନ କରିଥିଲେ । ଏଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲ୍‌ରେ ପ୍ରଥମକରି ପାଦ ଥାପୁଥିବା ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଉତ୍ସାହିତ ହେବେ ଏବଂ ଜୀବନବ୍ୟାପୀ ସେମାନଙ୍କ ସ୍କୁଲ୍‌ରେ ପ୍ରଥମ ଦିନର ଅନୁଭୂତିକୁ ସ୍ମରଣୀୟ କରିବ । ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ କେନ୍ଦୁଝର ପ୍ରଶାସନ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ଶିଶୁ ବାଟିକାର ଭିତ୍ତି ଉପରେ ନୂଆପିଢ଼ିର ଭବିଷ୍ୟତ ନିର୍ଭର କରୁଛି ତେଣୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସବୁ ପଦକ୍ଷେପ ନିଆଯାଇ ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବା ଲକ୍ଷ୍ୟ ବୋଲି କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି । ଶିଶୁ ବାଟିକାରେ ପିଲାଙ୍କୁ କିଭଳି ଭାବରେ ଗୁଣାତ୍ମକ ପାଠ ପଢାଯିବ ସେନେଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ ଜିଲ୍ଲାପାଳ ଶ୍ରୀ ସିଂହ । ଏହାପରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ସଭିଏଁ ସ୍କୁଲ୍ ଯିବା ଆଧାରିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ସବୁଜ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ଶିକ୍ଷାଧିକାରୀ ପୁର୍ଣ୍ଣଚନ୍ଦ୍ର ବରିହା, କେନ୍ଦୁଝର ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ କୁମାର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ – ୧୪୩୨ ସାଲ, ଶକାବ୍ଦଃ – ୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୪।୪।୨୦୨୫, ଚୈତ୍ର ଦି୨୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୮।୫୦** **ଚନ୍ଦ୍ରୋଦୟ- ଦିଘ ୧୦।୨୬।୧୨**

**ସପ୍ତମୀ-** ରାଘ ୮।୧୩ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଗତେ ଆର୍ଦ୍ରା କ୍ଷୟ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୮।୧୩ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୨ ଗତେ ଘ ୬।୩୧ ମଧ୍ୟେ । ଦିଘ ୧୨।୧୪ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ବାସନ୍ତୀକ ସପ୍ତମୀ ପୂଜା ଆରମ୍ଭ ।



**ମେଷ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟର ପରିମାଣ ବଢ଼ିବ । ଶତ୍ରୁ ନାଶ ହେବେ । କଚେରି ମାମଲାରେ ସୁଫଳ ପାଇବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।




**ବୃଷ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଲେ ମଧ୍ୟ ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ରୋଜଗାର ଭଲ ହେବ । ଗୃହେ କଳହ ।



**ମିଥୁନ:** ଶରୀର ସୁସ୍ଥ ରହିବ । ଅଟକି ରହିଥିବା କାମଟି ଶେଷ ପର୍ଯ୍ୟାୟରେ ପହଞ୍ଚିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**କର୍କଟ:** କର୍ମକ୍ଷେତ୍ରରେ ଆଶାତୀତ ଫଳ ମିଳିବ ନାହିଁ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଅଯଥା ଭ୍ରମଣ କରିବାକୁ ପଡ଼ିପାରେ । ପରିବାରରୁ ସୁଖ ଓ ଶାନ୍ତି ହ୍ରାସ ହେବାର ସମ୍ଭାବନା ମଧ୍ୟ ରହିଛି ।



**ସିଂହ:** ପରୋପକାରୀ ହେବେ । ଦେହ ଓ ମନ ଭଲ ରହିବ । ସାଧନାରେ ସିଦ୍ଧି ଲାଭ କରିବେ । ଦେବ ଦର୍ଶନ ମଧ୍ୟ କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଶାନ୍ତିର ବାତାବରଣ ରହିବ ।




**କନ୍ୟା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ । ଅଯଥା କଥା ନିମନ୍ତେ ଟେନ୍‌ସନ୍ ହେବେ । ବ୍ୟୟ ଯୋଗ ରହିଛି ।



**ତୁଳା:** ଦୂରଯାତ୍ରା କରି ସଫଳତା ହାସଲ କରିବେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ ।



**ବିଛା:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେଇପାରେ ।



**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦ ମଧ୍ୟ ଲାଗି ରହିପାରେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମକର:** ବ୍ୟବସାୟରେ ଲାଭବାନ୍ ହେବେ । ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ଦେହ ଓ ମନ ଭଲ ରହିବ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଠକ ମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ପିଲାମାନେ ପମାପଢ଼ିରେ ଆଗେଇବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**ମୀନ:** ଅତ୍ୟଧିକ ପରିଶ୍ରମ ହେତୁ କ୍ଲାନ୍ତି ଅନୁଭବ କରିବେ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । ମାନସିକ ଦୁର୍ଶ୍ଚିନ୍ତା ଦେଖାଦେବ । ଘରେ କଳହର ସୂଚନା । ମହିଳାମାନେ ଗର୍ବୀ ହେବେ ।

# ଆମାଜନ୍-ଫ୍ଲିପ୍‌କାର୍ଟର ୯୯ ପ୍ରତିଶତ ଜିନିଷ ଡୁପ୍ଲିକେଟ୍


**ଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଘରେ ବସି ଆବଶ୍ୟକୀୟ ଜିନିଷ ହାତପାହାନ୍ତାରେ ପାଇବା ଆଧୁନିକ ମଣିଷର ଅଭ୍ୟାସରେ ପାଲଟି ଗଲାଣି । ଏଥିପାଇଁ କେତୋଟି ସପିଂ ଆପ୍ ଯଥା ଆମାଜନ୍, ଫ୍ଲିପ୍‌କାର୍ଟ ବର୍ତ୍ତମାନ ନକଲି ବ୍ୟବସାୟରେ ଚରମ ସୀମାରେ ପହଞ୍ଚିଛନ୍ତି । ଗ୍ରାହକଙ୍କ ଚାହିଦା ମେଣ୍ଟାଇବା ସେମାନଙ୍କ ପାଖରେ ସମ୍ଭବ ହେଉନାହିଁ । ଏପଟେ ଏହି ଆପ୍ ସବୁ ବଜାର ଦରଠାରୁ ଖୁବ୍ କମ୍ ମୂଲ୍ୟରେ ଗ୍ରାହକଙ୍କ ଆବଶ୍ୟକୀୟ ଜିନିଷ ଯୋଗାଇ ଦେଉଥିବାରୁ କେହି ଆଉ ବଜାର ଯିବାକୁ ପସନ୍ଦ କରୁନାହାନ୍ତି । ଗ୍ରାହକଙ୍କ ଏହି ବିକଳପଣକୁ ସଉଦା କରିବାକୁ ଯାଇ ଉପରୋକ୍ତ କମ୍ପାନୀମାନେ ବଡ ଚାଲାକ ଭାବେ ସବୁ ଜିନିଷର ଡୁପ୍ଲିକେଟ୍ କରି ଗ୍ରାହକଙ୍କୁ ଠକି ଚାଲିଛନ୍ତି । ଏହା ନିରାଟ ସତ୍ୟ । ଗତ ଏକ ମାସ ମଧ୍ୟରେ ବିଆଇଏସ୍ ଟିମ୍ ଦେଶର ବିଭିନ୍ନ ରାଜ୍ୟରେ ଯଥା ଦିଲ୍ଲୀ, ଗୁଡଗାଁଓ, ଫରୀଦାବାଦ, ଲକ୍ଷ୍ନୌରେ ଥିବା ଏହି କମ୍ପାନୀ ଗୁଡିକର ଗୋଦାମରେ ଛାପା ମାରିବାରୁ ଅସଲ କଥା ସାମ୍ନାକୁ ଆସିଛି । ବିଆଇଏସ୍‌ର ବୈଧ ଲାଇସେନ୍ସ ବା ଅନୁପାଳନ ପ୍ରମାଣପତ୍ର ସିଓସି ବିନା ଜିନିଷ ବେଧଡକ ବିକ୍ରି ଚାଲିଛି । ବିଆଇଏସ୍ ଟିମ୍‌ର ଦିଲ୍ଲୀ ବ୍ରାଞ୍ଚ ମୋହନ କୋଅପରେଟିଭ୍ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ସ୍ଥିତ ଆମାଜନ୍ ସେଲର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଗୋଦାମ୍‌ରେ ଛାପାମାରିଥିଲେ । ଦୀର୍ଘ ୧୫ ଘଣ୍ଟାରୁ ଅଧିକ ସମୟ ଧରି ଯାଞ୍ଚ କରିଥିବାବେଳେ ସାମ୍ନାକୁ ଆସିଲା ୩,୫୦୦ରୁ ଅଧିକ ନକଲି ଜିନିଷ ମିଳିଥିଲା ଯାହା ବିନା ଆଇଏସ୍‌ଆଇ ମାର୍କରେ ବିକ୍ରି ଚାଲିଥିଲା । ଏହି ସବୁ ଜିନିଷର ମୂଲ୍ୟ ୭୦ ଲକ୍ଷରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଏହି ବିଆଇଏସ୍ ଟିମ୍ ଦିଲ୍ଲୀର ତ୍ରିନଗରରେ ସ୍ଥିତ ଫ୍ଲିପ୍‌କାର୍ଟର ସହାୟକ ଟିମ୍ ଇନ୍‌ଷ୍ଟାକାର୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଉପରେ ମଧ୍ୟ ଛାପା ମାରିଲାବେଳେ ଅନେକ ନକଲି ଜିନିଷ ଧରାପଡିଛି । ତାହା ମଧ୍ୟରେ ରହିଛି ୬ ଲକ୍ଷ ଟଙ୍କାର ନକଲି ଜୋତା । ତେଣୁ ଗ୍ରାହକଙ୍କୁ ଏଥିପାଇଁ ସତର୍କ ରହିବାକୁ ହେବ । ବିନା ଆଇଏସ୍‌ଆଇ ମାର୍କାର ଜିନିଷ ଆପଣଙ୍କର ଉପକାର ବଦଳରେ କ୍ଷତି ହିଁ କରିବ । ଏଥିପାଇଁ ସଚେତନତା ଆବଶ୍ୟକ ବୋଲ ଗ୍ରାହକମାନେ ଜାଣିନେବା ଉଚିତ୍ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ୧୦% ଲୋକଙ୍କ ପ୍ରିମିୟମ ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି। କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ । କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ। ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି । ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ 'ଡିଡକ୍ଟେବଲ' ବିକଳ୍ପ ବି ବାଛୁଛନ୍ତି। 'ଡିଡକ୍ଟେବଲ'ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ। ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।



### ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ
## ଗୀତାମୃତ ଲହରୀ

ତୃତୀୟ ଅଧ୍ୟାୟ
(ବରଜରାଜ ତନୁଜ-ବୃତ୍ତେ)

ତ୍ରୟଅଧ୍ୟାତତ୍ତ୍ୱ ଅର୍ଥ ତଥ୍ୟ ତୁ ଶୁଣ,
ତହିଁରେ ଥୋଇଣ ମନ
ହିତ ହେବ ଚିନ୍ତ କର୍ମଯୋଗ କାରଣ। ପଦ
ଜଗତେ ଅକର୍ମା ହୋଇ ନାହାଁନ୍ତି କେହି,
ରେ ବୀର ନାହାନ୍ତି କେହି
ବିନା କର୍ମେ ଜ୍ଞାନ ଜାତ ହୁଅଇ ନାହିଁ,
ହେବ ଯେ ଯେତେ ସିଦ୍ଧ    ତେତେ ଆଦର୍ଶବାଦ
ଆଚର ସେବା କର୍ମ    ନଗଣି ପରମାଦ
ନ ରଖି ସ୍ୱାର୍ଥ ସ୍ୱଧର୍ମେ ରତ
ହୋଇ ମୃତ୍ୟୁ କାଳେ ଲାଭ ଶୁଭଲକ୍ଷଣ ।୧।
ଦେଖୁଛୁ ତ ନେତ୍ରେ ମୋତେ ଗାଣ୍ଡିବଧାରୀ
ରେ ମୋତେ ଗାଣ୍ଡିବଧାରୀ,
ଅନାସକ୍ତେ ଖଟୁଛି ମୁଁ ଦିବାଶର୍ବରୀ
ନ କଲେ ମୁଁ କରମ    ଉଚ୍ଛନ୍ନ ହେବେ ଜନ
ରବି ଚନ୍ଦ୍ର ତାରକା,    ତେଜିବେ ନିଜ ଧର୍ମ
ସରିବ ସବୁ ଜାଣିଥା ବାବୁ
କରମ ପାଇଁକି ସୃଷ୍ଟି ହେଲା ଭିଆଣ ।୨।
ଆତ୍ମାକୁ ଠକିବା ବାଟ ନ କର ତୁହି,
ରେ ବାବୁ ନକର ତୁହି,
ବିବେକ ବିଚାରେ ଚଳ ବୁଦ୍ଧି ଖଟାଇ
ହେବ ତୋହର ଭଲ    ମାନ ମୋହର ବୋଲ
କାମ କ୍ରୋଧରେ ପଡି,    ନ ହୁଅ କଲବଲ
କର୍ମ-ବନ୍ଧନ କାଟ ବହନ
ବଇକୁଣ୍ଠ ମନେ ମନେ କରେ ଧିଆନ ।୩।

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୮)
## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ତେବେ ଯାହାବି ହେଉ ଯେଉଁ ଐତିହାସିକ ବିଷୟ ବସ୍ତୁ ଗୁଡିକ ବିଶର ମହାନ୍ତିଙ୍କ ପରିଚୟକୁ ଆଧାର କରି ଦିଆଗଲା, ତାହା ଶତପ୍ରତିଶତ ସନ୍ତୋଷ ଜନକ ନହେଲେବି, ଏତିକି ଏଠାରେ ନିଶ୍ଚିତ ସତ୍ୟ ଯେ ବିଶର ମହାନ୍ତି ନାମକ ଜଣେ ବିଶୁଦ୍ଧ ଜଗନ୍ନାଥ ପ୍ରେମୀ ପ୍ରସିଦ୍ଧ ଭକ୍ତଥିଲେ ଏହି ଉତ୍କଳରେ, ଯାହାଙ୍କର ଦୁର୍ବାର ସାହସ, ନିରବିଚ୍ଛିନ୍ନ ଉଦ୍ୟମ, ଦୁଃସାହସର ପ୍ରୟୋଗ କରି ଜଗନ୍ନାଥଙ୍କ ବ୍ରହ୍ମଙ୍କୁ ଉଦ୍ଧାର କରି ପୁନର୍ବାର ଉତ୍କଳର ଗୌରବମୟ ଅଧ୍ୟାୟକୁ ବିଶ୍ୱରେ ପ୍ରତିଷ୍ଠା କରି ପାରିଥିଲେ। ତାଙ୍କର ଏହି ନରଶ୍ରୁମ୍ବୀ ତ୍ୟାଗ ଓ ମହାନ ଅବଦାନ ପାଇଁ ଉତ୍କଳବାସୀ ଯେତେ ବିନମ୍ର କୃତଜ୍ଞତା ଜଣାଇଲେ ମଧ୍ୟ ତାହା ବହୁତ କମ୍ ହେବ ବୋଲି ଆଶାକରୁ । ଆମେ ଏଠାରେ ନୀରବତା ଅବଲମ୍ବନ ନ କରି ଫେରି ଆସିବା ବିଶର ମହାନ୍ତିଙ୍କ ନିକଟକୁ, ଯେଉଁ ସାଗର କୂଳରେ ମୃଦଙ୍ଗ ମଧ୍ୟରେ ଜଗନ୍ନାଥଙ୍କ ବ୍ରହ୍ମଙ୍କୁ ଗୁପ୍ତରେ ରଖି ଦଣ୍ଡାୟମାନ ହୋଇଛନ୍ତି। ଏକଧ୍ୟାନ ଓ ଲୟ ରଖି ସମୁଦ୍ର ଗର୍ଭକୁ ଚାହିଁ ରହିଛନ୍ତି, କିପରି ପୁନର୍ବାର ଫେରିବେ ଉତ୍କଳକୁ। ସାଗର ବେଳାଭୂମି ସଂପୂର୍ଣ୍ଣ ଶୂନ୍ୟ, ନିର୍ଜନ ତାର ଚୌହଦୀ ମଧ୍ୟରେ ସମୟେ ସମୟେ ସେ ଚାହୁଁଛନ୍ତି ନୀଳ ଆକାଶକୁ। ସୂର୍ଯ୍ୟ ଧୀରେ ଧୀରେ ଉପରକୁ ଉଠି ଆସିଲେଣି। ମଧ୍ୟାହ୍ନ ହେବା ପାଇଁ ଆଉ ସ୍ୱଳ୍ପ ସମୟ ବାକି ଅଛି। କ'ଣ କରିବେ ସେ ଜାଣିପାରୁନାହାଁନ୍ତି। ମନେ ପଡିଯାଉଛି ଶ୍ରୀମଦ୍ ଭାଗବତର ଗୋଟିଏ ମନଛୁଆଁ ପଦ "ହସି କହନ୍ତି ଦାମୋଦର। ଶୁଣ ଉଦ୍ଧବ ଜ୍ଞାନସାର।। ମୁଁ ଯେ ବୋଲୁଛି ମୋତେ ଭଜ। ସଂସାରୁ ସର୍ବ କର୍ମ ତେଜ। ସକଳ ତୀର୍ଥ ତୋ ଶରଣେ, ବଦ୍ରିକା ଯିବି କିକାରଣେ। ଆଶ୍ରମ ନାମେ ବଦରିକା। ସେକି ତୋ ଚରଣୁ ଅଧିକା।। ଭାଗବତ ମହାପୁରାଣର କିଛି କିଛି ପଦ ମନେ ପଡିଯାଇ ଆଖିରୁ ଲୁହ ଝରାଇ ଦେଉଛି। ଆଜି ସେହି ନୀଳମଣୀକୁ ମୃଦଙ୍ଗ ମଧ୍ୟରେ ରଖି ଅଶ୍ରୁପାତ କରୁଛନ୍ତି ବିଶର। ସାମୁଦ୍ରିକ ସମୀରତାରେ ବିଶର ମହାନ୍ତିଙ୍କ ମସ୍ତକରେ ଥିବା କହରା କେଶ ଗୁଡିକ ତାଙ୍କ ମଥା ଉପରେ ଆନ୍ଦୋଳିତ ହୋଇଯାଉଛି। ପନ୍‌ଝା ପନ୍‌ଝା ପକ୍ଷୀ ଗୁଡିକ ବିଭିନ୍ନ କଳରବ କରି ଆନନ୍ଦରେ ଉଡିଯାଉଛନ୍ତି ନୀଳ ଆକାଶକୁ। ସମୁଦ୍ର ବକ୍ଷରେ କୌଣସି ନୌକାର ଚିହ୍ନବର୍ଣ୍ଣ ଦେଖାଯାଉନାହିଁ। ମୁଣ୍ଡରେ ଗୋଟିଏ ଚିନ୍ତା ଜଗନ୍ନାଥଙ୍କ ବ୍ରହ୍ମଙ୍କୁ କିପରି ଉତ୍କଳ ଦେଶରେ ପହଞ୍ଚାଇବ। ଚାହୁଁ ଚାହୁଁ ଆଜକୁ ହୋଇଗଲାଣି ମାସ। ମୁଁ ଖାଇ ପିଇ ଘରେ ଶୋଇବି ଆଉ ମୋ ପ୍ରଭୁ ଏ ନିର୍ଜନ ଅରଣ୍ୟ ମଧ୍ୟରେ ଉପବାସରେ ପଡିଥିବେ ? ଭାବିଲା ବେଳକୁ ଛାତିଫାଟି ଯାଉଛି। ଯେଉଁ ମହାପ୍ରଭୁ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାମହୀମ ସମ୍ରାଟ, ଯିଏ ରତ୍ନ ସିଂହାସନରେ ବିରାଜମାନ ହୋଇ ଷାଠିଏ ପଉଟି ଅନ୍ନ ଭୋଜନ କରନ୍ତି। ଯାହାଙ୍କର ଚତୁର୍ଦ୍ଦିଗରେ ମଣିମା, ମଣିମା ଶବ୍ଦରେ ପ୍ରକମ୍ପିତ ହୁଏ, ସେହି ମହାପ୍ରଭୁ ଆଜି ନିର୍ଜନ କାନ୍ତାରରେ ବର୍ଷ ବର୍ଷ ଧରି ଉପବାସରେ ପଡିଥିବେ, କେମିତି ସହିବି, କେମିତି ସହିବି ? ଏ ହୃଦୟ ବିଦାରକ ପରିସ୍ଥିତିକୁ ?" ବିଶର ଏହି କଥା ଚିନ୍ତା କରି କରି ପାଗଳ ପ୍ରାୟହୋଇ ଗଲେଣି, ପୁନର୍ବାର କହିଲେ "ହେ ମହାପ୍ରଭୁ ! ମୁଁ ମରିଯିବି କିମ୍ବା ମୋତେ କିଏ ମାରିଦେବ ଅଥବା ଏହିକ୍ଷଣି ମରିଯିବି, ସେଥିପାଇଁ ସତକରି କହୁଛି ପ୍ରଭୁ ମୋ ମନରେ ତିଳେ ହେଲେ ଭୟନାହିଁ। କେବଳ ଚିନ୍ତା ଆପଣଙ୍କ ପାଇଁ, କାହିଁକି ନା ଆପଣ ହେଉଛନ୍ତି ଏ ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାନାୟକ ଭାବେ ପରିଚିତ ନାମ ରହିଛି ଜଗନ୍ନାଥ, ପତିତପାବନ, ସର୍ବଶକ୍ତିମାନ, ସର୍ବ ବ୍ୟାପକ, ସର୍ବେଶ୍ୱର, ସର୍ବଦର୍ଶୀ ଭଳି ଅସରନ୍ତି ଦୁର୍ଲ୍ଲଭ ନାମକୁ ବହନ କରିଛନ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡରେ ଆପଣ। ଜଳ, ସ୍ଥଳ ଓ ଆକାଶରେ ତୁମେ ସର୍ବ ବ୍ୟାପକ, ସବୁଠାରେ ତୁମର ଅହର୍ନିଶି ଲୀଳା ଚାଲିଛି। ଯେତେ ବଡ ମହାପାତକ ହେଉ ଅବା ଦୁରାଚାରୀ ହେଉ, ଯଦି ଥରୁଟିଏ ବିକଳରେ ତୁମର ଶରଣାପନ୍ନ ହୋଇଯାଏ, ତେବେ ତାକୁ କୋଳକୁ ନେଇ ସମସ୍ତ ପାପରୁ ମୁକ୍ତି କରିଦେବାର ଅସୀମ ସାମର୍ଥ୍ୟଥିବାରୁ ତୁମକୁ ପତିତପାବନ ନାମରେ ଏଜଗତ ତୁମକୁ ପ୍ରତି ମୁହୂର୍ତ୍ତରେ ପ୍ରଣିପାତ କରୁଛି। (କ୍ରମଶଃ)

# ବିଦ୍ୟୁତ୍ ଚାଳିତ ଯାନ: ପରିବହନର ଭବିଷ୍ୟତ



ହିତାଂଶୁ ଶେଖର ମହାନ୍ତ
ଯଶିପୁର, ମୟୂରଭଞ୍ଜ,
ମୋ-୯୪୩୭୮୭୨୯୦୪

ପୃଥିବୀ ପୃଷ୍ଠରୁ ଧୀରେ ଧୀରେ ସରି ଆସୁଛି ପେଟ୍ରୋଲିୟମ୍ ଇନ୍ଧନ । ଏହାର କ୍ରମହ୍ରାସମାନତାକୁ ଲକ୍ଷ୍ୟକରି ବର୍ତ୍ତମାନ ସମୟରେ ବିଦ୍ୟୁତ୍ ଚାଳିତ ଯାନ ପୃଥିବୀରେ ପରିବହନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । କେବଳ ପେଟ୍ରୋଲିୟମର ସ୍ୱଳ୍ପତା ନୁହେଁ, ପରନ୍ତୁ ପରିବେଶ ପ୍ରଦୂଷଣରେ ମଧ୍ୟ ଏହାର ସିଂହଭାଗ ଯୋଗଦାନ ରହୁଥିବାରୁ ଏଥିରୁ ନିବୃତ୍ତି ପାଇବାକୁ ବୈଦ୍ୟୁତିକ ଯାନ ଏକମାତ୍ର ବିକଳ୍ପ ଭାବରେ ଉଭା ହୋଇଛି । ଏପରି ସମୟରେ ଏଭଳି ଯାନ(ଇଭି)ର ବ୍ୟାଟେରୀ ଉତ୍ପାଦନରେ ବ୍ୟବହୃତ ହେଉଥିବା ୨୮ଟି ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରି ଭାରତ ଏହାର ଉତ୍ପାଦନ ବୃଦ୍ଧି ଦିଗରେ ଏକ ବଳିଷ୍ଠ ଓ ସକାରାତ୍ମକ ହାତ ବଢ଼ାଇଛି । ଅବଶ୍ୟ ଏହାପଛର କାରଣ ଆମେରିକାର ହୁଙ୍କାର ହୋଇଥାଇପାରେ କିମ୍ବା ଭାରତ ଦ୍ୱାରା ରପ୍ତାନୀ କରାଯାଉଥିବା ଦ୍ରବ୍ୟ ଉପରୁ ଆମେରିକାର 'ଶୁଳ୍କ ଆକ୍ରୋଶ'ରୁ ରକ୍ଷା ପାଇବାକୁ ଏକ ଚାଲ୍ ହୋଇପାରେ। ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବାକୁ ଆମେରିକା ପ୍ରତି ଏହା କେନ୍ଦ୍ର ସରକାରଙ୍କ କୋହଳ ମନୋଭାବ । କାରଣ ବୈଦ୍ୟୁତିକ ଯାନର ଏସବୁ ପାର୍ଟ୍ସ ଆମେରିକାରେ ଉତ୍ପାଦିତ ହେଉଛି ଓ ଭାରତ ତାହା ଆମଦାନୀ କରୁଛି । ତେବେ କାରଣ ଯାହା ବି ଥାଉନା କାହିଁକି, ଏହାଦ୍ୱାରା ଘରୋଇ ସ୍ତରରେ ବୈଦ୍ୟୁତିକ ଯାନ (ଇଭି)ର ଉତ୍ପାଦନ ବୃଦ୍ଧି ପାଇବ । ଏଥିରେ ନିୟୋଜିତ ଥିବା ଉଦ୍ୟୋଗଗୁଡ଼ିକ ମଧ୍ୟ ଉତ୍ସାହିତ ହୋଇ ଏହାର ଉତ୍ପାଦନ ବଢ଼ାଇବେ ।

ଗତ ମଙ୍ଗଳବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ପ୍ରସ୍ତାବିତ ଏବଂ ସଂସଦରେ ଔପଚାରିକ ଭାବରେ ପାରିତ ଅର୍ଥ ବିଧେୟକ-୨୦୨୫ ଏ ଦିଗରେ ସରକାରଙ୍କ ପକ୍ଷରୁ ଏକ ବଳିଷ୍ଠ ସଙ୍କେତ ବୋଲି ଗଣାଯାଉଛି । ମାର୍ଚ୍ଚ ଆରମ୍ଭରୁ ବୈଦ୍ୟୁତିକ ଯାନ କ୍ଷେତ୍ରରେ ଚୀନର ସର୍ବବୃହତ୍ କମ୍ପାନୀ 'ବିୱାଇଡି' ତା'ର 'ସୁପର ଇ-ପ୍ଲାଟଫର୍ମ' ଉନ୍ମୋଚିତ କରିଛି । ଏହି ପ୍ଲାଟଫର୍ମ ବିଦ୍ୟୁତ୍ ଚାଳିତ ଯାନକୁ ମାତ୍ର ୫ ମିନିଟ୍ ଚାର୍ଜିଂରେ ୫୦୦ କିଲୋମିଟର ଯିବାର ଶକ୍ତି ପ୍ରଦାନ କରୁଛି । ଏହା ଇଭିକୁ ନେଇ ଥିବା ଅନେକ ନକାରାତ୍ମକ ଚିନ୍ତାକୁ ଦୂରେଇବାରେ ସହାୟକ ହେଉଛି । ମୁଖ୍ୟତଃ ଖର୍ଚ୍ଚକୁ ନେଇ ଭାରତ ପରି ଦେଶରେ ଲୋକଙ୍କ ଚିନ୍ତା ଏହାଦ୍ୱାରା କିଛିଟା ହ୍ରାସ ପାଇବ। ଗୋଟିଏ କଥା, ବର୍ତ୍ତମାନ ଯଦି ପେଟ୍ରୋଲ୍ ପମ୍ପ ଭଳି ଦେଶର ସବୁଠାରେ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯାଏ, ତେବେ ବୈଶ୍ୱିକ ସ୍ତରରେ ବୈଦ୍ୟୁତିକ ଯାନର ବ୍ୟବହାର ଲମ୍ଫ ପ୍ରଦାନ କଲାଭଳି ବୃଦ୍ଧି ପାଇବ। ଆଉ ଏକ କଥା, ଗୋଟିଏ ବୈଦ୍ୟୁତିକ ଯାନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବା ପାର୍ଟ୍ସ ହେଉଛି ତାହାର ବ୍ୟାଟେରୀ। ଏହା ଉକ୍ତ ଯାନର ସମୁଦାୟ ମୂଲ୍ୟର ୪୦ ପ୍ରତିଶତ କିମ୍ବା ସ୍ଥଳ ବିଶେଷରେ ଏହାଠାରୁ ମଧ୍ୟ ଅଧିକ ହୋଇଥାଏ । ତେଣୁ ବୈଦ୍ୟୁତିକ ଯାନ, ପେଟ୍ରୋଲିୟମ୍ ଜାତ ଇନ୍ଧନ ବ୍ୟବହୃତ ହେଉଥିବା ଯାନଠାରୁ ପ୍ରାୟ ଦୁଇଗୁଣ ଅଧିକ ମୂଲ୍ୟରେ ବିକ୍ରି ହୁଏ । ଏହି ଅଧିକ ମୂଲ୍ୟ ହିଁ ଭାରତ ଭଳି ନିମ୍ନ ଆୟକାରୀ ରାଷ୍ଟ୍ରଗୁଡ଼ିକରେ ଏଭଳି ଯାନବାହନର ବ୍ୟବହାରକୁ ଉତ୍ସାହିତ କରୁନାହିଁ । ତେଣୁ ଇନ୍ଧନ ତୈଳ ଆମଦାନୀ କମ୍ ହେବାଯୋଗୁଁ ଦେଶ ତଥା ବ୍ୟବହାରକାରୀଙ୍କ ପକେଟକୁ ଦୀର୍ଘମିଆଦି ଲାଭ ହେବାର ସମ୍ଭାବନା ଥିଲେ ମଧ୍ୟ ଯାନର ମାତ୍ରାଧିକ ମୂଲ୍ୟ ଏଥିପ୍ରତି ଗ୍ରାହକଙ୍କୁ ଆକର୍ଷିତ କରିପାରୁ ନ ଥିଲା । ଏହାଛଡ଼ା ବ୍ୟାଟେରୀ ଉତ୍ପାଦନରେ ସ୍ୱଦେଶୀ ଜ୍ଞାନକୌଶଳର ବ୍ୟବହାର ଅତ୍ୟନ୍ତ ନଗଣ୍ୟ ଥିବାରୁ ମଧ୍ୟ ଦେଶବାହାରୁ ବ୍ୟାଟେରୀ (ଯେଉଁଥିରେ କି ଚୀନର ଅଖଣ୍ଡ ଆଧିପତ୍ୟ ରହିଛି) କିଣିବାକୁ ଭାରତ ବାଧ୍ୟ ହେଉଛି । ଫଳରେ ଏହି ଯାନର ସାମଗ୍ରିକ ମୂଲ୍ୟ ବୃଦ୍ଧି ପାଉଛି। ଯାହା ଏଥିପ୍ରତି ଗ୍ରାହକଙ୍କ ଆକର୍ଷଣରେ ଭଟ୍ଟା ପକାଇବାର ପ୍ରମୁଖ କାରଣ । ଆନ୍ତର୍ଜାତିକ ସ୍ତରରେ 'ଇଭି' ବ୍ୟାଟେରୀ ଉତ୍ପାଦନର ୭୦ ପ୍ରତିଶତରୁ ଅଧିକ କେବଳ ଚୀନ୍ ହାତରେ ରହିଛି । ଫଳରେ ସ୍ୱାଭାବିକ ଭାବରେ ଏଗୁଡ଼ିକର ଦର ନିର୍ଦ୍ଧାରଣ କ୍ଷମତା ମଧ୍ୟ ଚୀନ୍ ଜାବୁଡ଼ି ଧରି ବସିଛି । ଲିଥିୟମ୍-ଆଇରନ୍-ଫସଫେଟ୍(ଏଲଏଫପି) ବ୍ୟାଟେରୀ ଏହାର କମ୍ ଉତ୍ପାଦନ ଖର୍ଚ୍ଚ ଏବଂ ଉଚ୍ଚକ୍ଷମତା ଯୋଗୁଁ ଗତ ପାଞ୍ଚ ବର୍ଷ ଧରି ଏହି ଉଦ୍ୟୋଗର ମେରୁଦଣ୍ଡ ସାଜିଛି ।

ଗତ ବର୍ଷ (୨୦୨୪) ଚୀନରେ ସମୁଦାୟ କାର୍ ପଞ୍ଜିକରଣର ୪୫ ପ୍ରତିଶତ କେବଳ ବିଦ୍ୟୁତ୍ ଚାଳିତ ଗାଡ଼ି (ଇଭି) ହିଁ ଥିଲା । ଅପରପକ୍ଷରେ ଭାରତରେ ଏହାର ପରିମାଣ ଥିଲା ମାତ୍ର ୨ପ୍ରତିଶତ । ତେବେ ଭାରତରେ ଦୁଇଚକିଆ ଇଭି ବିକ୍ରୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖିବାକୁ ମିଳିଛି । ୨୦୨୪ରେ ଭାରତରେ ୧୧,୪୦,୦୦୦ଦୁଇଚକିଆ ବିଦ୍ୟୁତ୍ ଚାଳିତ ଗାଡ଼ି ବିକ୍ରି ହୋଇଛି। ଏହା ସମୁଦାୟ ବୈଦ୍ୟୁତିକ ଯାନ ବିକ୍ରିର ପ୍ରାୟ ୬୦ ପ୍ରତିଶତ । ଏଥିରୁ ଗୋଟିଏ କଥା ସ୍ପଷ୍ଟ, ଲୋକେ ବାଇକ୍ ଓ ସ୍କୁଟରର ବିକଳ୍ପ ଭାବରେ ବିଦ୍ୟୁତ୍ ଚାଳିତ ଦୁଇଚକିଆ ଗାଡ଼ିକୁ ସହଜରେ ଗ୍ରହଣ କରି ନେଇଥିବା ବେଳେ ଚାରିଚକିଆ କିମ୍ବା ତଦୁର୍ଦ୍ଧ୍ୱର ବିକଳ୍ପ ଭାବରେ ଏହାକୁ ସେଭଳି ଗ୍ରହଣ (ହୁଏତ ଏହାର ମୂଲ୍ୟ ପାଇଁ) କରିପାରି ନାହାନ୍ତି । ତେବେ ଭାରତ ଭଳି ବିଶାଳ ଦେଶର ରାସ୍ତାରେ ଗଡୁଥିବା ଏବଂ ପରିବେଶକୁ ପ୍ରଦୂଷିତ କରୁଥିବା ବିଲିୟନ୍ ବିଲିୟନ୍ ପେଟ୍ରୋଲିୟମ୍ ଚାଳିତ ଗାଡ଼ିରୁ ନିର୍ଗତ ହେଉଥିବା କାର୍ବନରୁ ତ୍ରାହି ପାଇବାକୁ ସବୁ ସ୍ତରରେ ସକାରାତ୍ମକ ଉଦ୍ୟମ ହେବା ଆବଶ୍ୟକ । ସେଥିପାଇଁ ଭାରତକୁ ଇଭି ବ୍ୟାଟେରୀର ବୈଶ୍ୱିକ ମୂଲ୍ୟ ଶୃଙ୍ଖଳାର ଅପ୍ ଷ୍ଟ୍ରିମ୍ (ଖନନ ଏବଂ ଶୋଧନ) ଏବଂ ଡାଉନ୍ ଷ୍ଟ୍ରିମ୍ (ଉତ୍ପାଦନ ଏବଂ ସଂଯୋଜନ) ଉଭୟଟି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ । ଏହା କେବଳ ବାହାର ଦେଶରୁ ବ୍ୟାଟେରୀ ଆମଦାନୀ କମ୍ କରିବାରେ ସହାୟକ ହେବନାହିଁ, ଅଧିକନ୍ତୁ ବିକଶିତ ଦେଶଗୁଡ଼ିକ ଦୃଷ୍ଟିରେ ଭାରତକୁ ଚୀନର ଏକ ବିଶ୍ୱସନୀୟ ବିକଳ୍ପ ଭାବରେ ମଧ୍ୟ ଛିଡ଼ା କରିଦେବ। 'ଇଭି' କ୍ଷେତ୍ରରେ ଭାରତର ଦୀର୍ଘକାଳୀନ ସଫଳତା ଅନୁକୂଳ ବ୍ୟବସାୟୀ ନୀତିର ଲାଭ ଉଠାଇବାକୁ, ଗବେଷଣା ଓ ବିକାଶରେ ନିବେଶ କରିବାକୁ ତଥା ବୈଶ୍ୱିକ ବ୍ୟାଟେରୀ ବଜାରରେ ସ୍ଥିତି ଜାହିର କରିବାରେ ମଧ୍ୟ ସାହାଯ୍ୟ କରିବ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭାରତ ୨୮ଟି ବୈଦ୍ୟୁତିକ ଗାଡ଼ି ଉତ୍ପାଦ ଉପରୁ ଶୁଳ୍କ ହ୍ରାସ କରି ନିଶ୍ଚିତ ଗୋଟିଏ ଗୁଳିରେ ଦୁଇଟି ଶିକାର (ଆମେରିକା ସହ ସମ୍ପର୍କରେ ଉନ୍ନତି ଓ ଘରୋଇ ବଜାରରେ 'ଇଭି' ବ୍ୟବହାରକୁ ପ୍ରୋତ୍ସାହନ) କରିଛି ।

# ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ



ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ମୋ-୭୦୨୦୬୧୧୩୦୦

ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ। ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଏକବିଂଶ ଶତାବ୍ଦୀର ରାଜନେତାଙ୍କ ଠାରେ ପରିଲକ୍ଷିତ ହୁଏ । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା ।

ଏଥିରେ ହିଂସାର କୌଣସି ସ୍ଥାନ ନାହିଁ। 'ବସୁଧୈବ କୁଟମ୍ବକମ' ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ। ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ । ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତାରେ ଏହାର ଯଥେଷ୍ଟ ପ୍ରଣାମ ରହିଛି। ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ। ହିନ୍ଦୁ ସନାତନ ଧର୍ମ ଉପରେ ଏହିପରି ବାରମ୍ବାର ଆକ୍ରମଣ ଅଗଣିତ ହିନ୍ଦୁଙ୍କୁ ଏହା ଗଭୀର ମର୍ମାହତ ଓ ବ୍ୟଥିତ କରିଛି। ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ଋଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇଁ କୁହାଯାଇଛି ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ । ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ । ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ। ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ' ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭିତ୍ତିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା ।ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ଧର୍ମନିରପେକ୍ଷତା ଆଜି କେବଳ ଆଧୁନିକ ଭାରତର ଏକ ସ୍ଲୋଗାନ ନୁହେଁ, ଏହାର ଐତିହ୍ୟ ସୁପ୍ରାଚୀନ ଅଟେ । ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପ୍ରତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି। ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି । ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ। ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା । ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ । ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି 'ଦିନ -ଇ -ଇଲାହି' ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ । ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ' ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ ; ସୁତରାଂ ଧର୍ମନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ । ସର୍ବପୁରାତନ ସର୍ବଶ୍ରେଷ୍ଠ ସନାତନ ଧର୍ମର ଉତ୍ପତ୍ତି ସୃଷ୍ଟିର ଆରମ୍ଭରୁ ରହିଛି ଏବଂ ମାନବସଭ୍ୟତା ରହିଥିବା ଯାଏଁ ଏହାର ଅସ୍ତିତ୍ୱ ରହିଥିବ। କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ । ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ। ଏ ବିଶ୍ୱବ୍ରହ୍ମାଣ୍ଡରେ କୌଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ। ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ । ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ । ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ । ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ। ଏହି ମହାନ ବାଣୀକୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇପାରିବ । ରାମାୟଣ ପୁରାଣରେ ଆମ ଜୀବନ ସହିତ ଆଧାରିତ ବିଷୟବସ୍ତୁ ଦେଖିବାକୁ ମିଳେ । ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ । ପିତୃସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ । ସେହିପରି ମନୁଷ୍ୟ ଜୀବନ ରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ୍ୟ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ । ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ । ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ । ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ । ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ । ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ,ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ୍ୟ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ । ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ । ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ । ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବିଭୋର ବେଳା

ସ୍ନିଗ୍ଧା ପଣ୍ଡା

କଥା ମାନି ତୋର ଛାଡି ନିଜ ଘର ପରବାସେ ଆସି ରହିଲି
ଫେରିବାର ବେଳ କହିନାହୁଁ ବୋଲି ସମୟର ଦାଉ ସହିଲି ।।

କଥା ଥିଲା ଯେବେ ଲୋଡିବି ତତେ ମୁଁ ରଥ ପଥ ଦେବୁ ସଜେଇ
କ୍ଷଣକରେ ଆସି ଲେଉଟାଇ ନେବୁ ରୋଷଣିରେ ବାଜା ବଜେଇ
ଏଡେ ଚଞ୍ଚଳ ତୁ ପାଶୋର ହେବାର କଥାଟି କହିବି କାହାକୁ
ଶିଖୁଥିବି ଖାଲି ଟିକେ ଶବଦରେ କାନେଇ ରହିବା କଳାକୁ ।।

ଝୁଲୁଛି ନିତି ମୁଁ ଆଗକୁ ପଛକୁ ତୋ ପାଶେ ପହଞ୍ଚି ପାରେନା
ଆଇନାରେ ଖାଲି କାଚ ରହିଥାଏ ଛବି ଜମା ଆଙ୍କି ହୁଏନା
ପାଦ ତଳ ମାଟି ଭରିବାକୁ ସିନା ଜୀବନର ମୋହ ବୁଣୁଛି
ପାଣି ଫୋଟକାରେ ସମୁଦ୍ର ସାଇତି ହୁଏ ନାହିଁ ଏବେ ଜାଣୁଛି ।।

ପଚାରିଲେ କହୁ ସକାଳେ ଆସିବି ସକାଳକୁ ସଞ୍ଜ ବିଚାର
ଏମିତି ଲାଗୁଛି ଇଚ୍ଛାରେ ତୋର ତୁ ଜାଣି କି କରୁଛୁ ଉଚ୍ଛୁର
କେତେ ଦିନ ଆଉ ମୁଁ- ମୋର ହୋଇ ରହିବାର ଅଛି ଏଇଠି
ମୁଁ- ତୋର ହେବା ବିଭୋର ବେଳାଟି ଲୁଚି ଯାଇଛି କି କେଉଁଠି ।।



ମୋ-୯୮୬୧୩୨୩୬୫୦

# ନିଜ ଲୋକ


ଏଇ ଟିକିଏ ଆଗରୁ
ଯେଉଁ ମାନେ ମୋ ସାଙ୍ଗରେ ଥିଲେ,
ସେମାନେ ସଭିଏଁ ମୋ ନିଜ ଲୋକ ।।

ଯେଉଁ ମାନେ
ମୋର ପ୍ରତିଟି ହସ, ଉଲ୍ଲାସ
ସୁଖଦ ମୁହୂର୍ତ୍ତରେ ଧାଇଁ ଆସି
ମୁଣ୍ଡେଇ ନେଉଥିଲେ ନିଜ ନିଜ ଦାୟିତ୍ୱ,
କହୁଥିଲେ -ଏ କେବଳ ତୋର ନୁହଁ,
ଆମ ସମସ୍ତଙ୍କର ମୁଣ୍ଡର ବୋଝ ।।

ଆଜି
ଘର ଭିତରେ ତଣ୍ଟିଏ ପାଣି,
ଆଗରେ ଆଁ କରି ଛକି ବସିଛି କୁମ୍ଭୀର
ଡାକ ଛାଡିଲା ବେଳକୁ
ଦୂର ଦୂର ଯାଏଁ ଦେଖା ନାହିଁ କାହାର !
କେହି ଜଣେ ତ ଆଗେଇ ଆସନ୍ତେ...
ହାତ ଲମ୍ବେଇ ଉଦ୍ଧାରି ନିଅନ୍ତେ ପାଣିରୁ,
କହନ୍ତେ ଏଇ ସାମାନ୍ୟ ପାଣିକୁ ଏତେ ଡର
କିଆଁ,
ଆମେ ପରା ତୋ' ସାଙ୍ଗରେ !!



ସୁଧୀର ମେହେର



ଏତକ କଥାରେ
ମୁଁ ଫେରି ପାଆନ୍ତି ଶହେ ହାତୀର ଦମ୍ଭ,
କିନ୍ତୁ ଏଡେ ଏଡେ ନିଜ ଲୋକସବୁ
ଗଲେ କୁଆଡେ ?
କେହି ଶୁଣୁ ନାହାନ୍ତି କାହିଁକି ??

ତେବେ କ'ଣ
ନିଜ ଲୋକମାନେ କେବଳ ସୁଖର !!

ଚିଟୈଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪ ସଂପର୍କ-୯୫୮୩୫୮୮୮୭

# ରଙ୍ଗ

ଡ. ଅନିଲ ନନ୍ଦ

ସେ ଛାତି ଜମା ମୋର୍ ନଥିଲା
ସେ ହାତ ବି ତ ନଥିଲା
ବନ୍ଧୁତାର ସେତୁ
ଯାହାକୁ ଭରସା କରି
ଆମେ ଠିଆ ହୋଇ ଯାଆନ୍ତି
ଥରେ ଥରେ ମଝି ରାସ୍ତାରେ ।

କ୍ଷୀଣ ଦୃଷ୍ଟିରେ ତୁମେ ଯୋଉ
ଅଭ୍ୟନ୍ତରକୁ ଦେଖୁଥାଅ ମୋର୍
କହି ପାରିବ କ'ଣ କେମିତି ତା' ରଙ୍ଗ
ସବୁଜ, ଲାଲ ନା କଳା ?

ମୁଁ କେବେ ବି ନଥାଏ ସେଠି
ଯୋଉଠି ତମେ ଆଲିଙ୍ଗନ କରିଥାଅ
ମୋ ପାଞ୍ଚଫୁଟ୍ ଦଶଇଞ୍ଚର ଚେହେରା
ତୁମ ନିର୍ମଳ ଆକାଶ ବକ୍ଷରେ
ଇନ୍ଦ୍ରଧନୁଟିଏ ଆଙ୍କିଦେବା ହିଁ ଯଥେଷ୍ଟ
ବିଭ୍ରାନ୍ତ କରି ଖସି ଯିବାପାଇଁ ।

ଆଜି ଯାଏ ଯେତେଥର ଭେଟିଛ
ଯେଉଁସବୁ ସ୍ଥାନରେ ମୋତେ
ସେତେଥର ବୋଧେ
ମୁଁ ରଙ୍ଗ ବୋଲି ହୋଇଥାଏ
ତିଆରି କରିଥିବା ନୂଆ ରଙ୍ଗ ।

ଆସ ଏଥର
ଛଳନାରେ ଚିକ୍କଣ ହେଇଥିବା
ମୁହଁଟା ଉପରେ ଏବେ
ବୋଳି ଦେଇଯିବ ପୋଷେ କଳାରଙ୍ଗ
ଈର୍ଷାରେ ଜଳି ଚାଲିଥିବା
ଛାତି ଉପରେ ମୋର ଢାଳିଦେବ
ବାଲଟିଏ ଲାଲରଙ୍ଗର ପାଣି
ହୁଏତ ମୋ ରୂପକୁ ନେଇ
ଆଉ ନଥିବ ସନ୍ଦେହ
ଶତ୍ରୁ ବା ମିତ୍ର ବୁଝି ପାରିବାର ।



କ୍ୟାମ୍ପସ -୯, କିଟ୍
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮

# ।। ପ୍ରଣୟିନୀ ତେଜ ଗୁମାନ ବାରେ ।।

ସିଦ୍ଧେଶ୍ୱର ତ୍ରିପାଠୀ

ସୁନ୍ଦରୀ ରାଗିଛ କାହିଁକି
ଜମା କହୁନ କଥା
ଆଗ ଭଳି ଆଉ ପଠାଉ ନାହଁ
ମଧୁ ବାରତା ।

ଅଙ୍କରେ ସଙ୍ଗିନୀ ବସାଇ
ଦେଉନାହଁ ଚୁମ୍ବନ
କାହିଁ ମୁଁ କେବେଠୁ ପାଇନି
ତୁମ ସେ ଆଲିଙ୍ଗନ ।

ଗୁମାନ କରିଯେ ରହିଛ
କେଉଁ ଦୋଷ ମୋ ଦେଖି
ଆସ ଆସ ପ୍ରାଣ ବଲ୍ଲଭି
ଦେହେ କାମନା ମାଖି ।

ଫିଟାଇ ଦିଅଗୋ ବସନ
ପ୍ରୀତି ଜୋଛନା ଝରୁ
କୋଳ କରି ନିଅ ସୁନ୍ଦରୀ
ଏ ରାତି ସରୁ ସରୁ ।

ଧିର ମନ୍ଥରସେ ପୀଡାକୁ
ଆସ ସହିବା ଆମେ
ରଜନୀ ସାଥିରେ ସଜନୀ
ମାତି ଯିବାଗୋ କାମେ ।

କହେ ସିଦ୍ଧେଶ୍ୱର ଏ ବେଳ
ଦେଖ ଉଚ୍ଛୁର ହେଲା
ପୀରତି ସରାଗେ ଏମନ
ତୁମ ବାଟ ଚାହିଁଲା ।



କୁଣ୍ଡିଲୋ ଖୋର୍ଦ୍ଧା

# ଭାଷା

ଡ. ଦୀପକ କୁମାର ମିଶ୍ର

କାନ୍ଦୁଥିବା ଛୁଆଟିର ଭାଷାରେ
କି ଭେଳିକି ଥାଏ କେଜାଣି
ମା'ର ଥନରୁ ଥପ ଥପ ଝରିପଡ଼େ ଅମୃତ
ଆପେ ଆପେ ।

ଆକାଶରୁ ଝରୁଥିବା ବର୍ଷାବିନ୍ଦୁର
କୋମଳ କଥାରେ
କାଞ୍ଚେଇଯାଏ ପତ୍ର
ଶୀତେଇଯାଏ ଦେହ

ସବୁଜିମାର ସାରେଗାମାରେ
ଝୁମିଉଠେ ମନ
ପୃଥିବୀରେ କୋଣେକୋଣେ ଫୁଟିଉଠେ
ଜୀବନ, ଜୀବନ ।

ସୁନ୍ଦରୀ ତରୁଣୀର
ଆଖି, ଭ୍ରୂଲତା, ଅଧର, ଗଣ୍ଡପୃଷ୍ଠ,
ସବୁ ତ ଗୋଟେ ଗୋଟେ
ବହୁଅର୍ଥ ବିଦିତ ଶବ୍ଦକୋଶ

ଯେଉଁଠି ଭାଷା ଅଟକିଯାଏ
ଝୁଣ୍ଟେ, ବାଟବଣା ହୁଏ
ହୃଦୟ ଉବୁଟୁବୁ ହୁଏ
ବୁଡ଼େ, ଉଠେ
କେତେବେଳେ କେଉଁ କୂଳ ଛୁଏଁ
ନାଉରିଆକୁ ଅଜଣା ।

ଠାର ଠାରୁ ପ୍ରଗଳ୍ଭ ଭାଷା ବୋଧେ
ଆଉ କିଛି ନାହିଁ

ଆନମନା ଆଖି ଠାରି ଦେଲେ
ଲାଗିଯାଏ ନିଆଁ
ଅଦୃଶ୍ୟ ଧୂଆଁରେ ରୁଦ୍ଧ ହୋଇଯାଏ
ତନ, ତନ୍ମୟ ତାରୁଣ୍ୟ ।

ତୁମର ଅକୁହା ଭାଷାକୁ
ବୋଧଗମ୍ୟ କରିପାରିନି ବୋଲି
ଅନୁବାଦିତ ପ୍ରେମ ସାହିତ୍ୟକୁ ବୋଧେ
ବୁଝିପାରିଲିନି ଆଜିଯାଏଁ ।



ମୋ-୮୨୮୦୨୧୧୦୦୦

# 'ବାର୍ତ୍ତାବହ'

ପୀୟୂଷ ପଟ୍ଟନାୟକ

ଭାସମାନ କେତେ ତରୁ ମୁ ବି ଏକ ତରୁର ଡାଳରେ
ଦିନୁଦିନ ଏ ନଦୀର ସୁଅ ହୁଏ କ୍ଷିପ୍ର କ୍ଷିପ୍ରତର
ଆଶଙ୍କିତ ତରୁଡାଳ ଅର୍ଦ୍ଧମଗ୍ନ, ଶୀତାର୍ତ୍ତ ପ୍ରହରେ
ପ୍ରବହମାନ ଜୀବନେ ପ୍ରଶ୍ନର ମୁ ନପାଏ ଉତ୍ତର

କେଉଁଦିଗେ ଗତି ମୋର କେଉଁ ଦିଗେ ନଦୀର କିନାରା
ଲିଭା ଲିଭା ସମୟର ମୋ ପାଇଁ ବା ନାହିଁ ତ ଆବେଶ
ସମୟର ପଶାପାଲି ମୋ ପାଇଁ ବା ନିର୍ଜୀବ ସାହାରା
କ୍ରୀଡ଼ନକ ହାତେ ତାର ଦିଶେ ନାହିଁ ଆଲୋକ ଉନ୍ମେଷ

ଅଚାନକ କିଏ ଆସେ ଆଲୋକର କ୍ଷୀଣ ବତୀ ଧରି
ଜାଗାଏ ମନରେ ସ୍ୱପ୍ନ ଶିହରୀତ ଦେହେ ଜିଜିବିଷା

ସେ ସ୍ୱପ୍ନତ ସଖ୍ୟ ମୋର, ଯଦିଚ ଏ ବିକ୍ଷୁବ୍ଧ ଭଉଁରୀ
କିନାରେ ବା ଟାଣିନେବ ପୂର୍ଣ୍ଣ କରି ସମସ୍ତ ଜିଜ୍ଞାସା

ପ୍ରଣମିତ ନତ ଶିର ସେ ଆଲୋକ ବତୀ ବାର୍ତ୍ତାବହେ
ଏ ଜୀବନ ବିତିଯାଉ ସେ ଦ୍ୟୁତିର ସ୍ୱର୍ଣିତ ସମ୍ମୋହେ ।।



ମୋ-୭୫୦୬୧୭୯୦୩୦

# କାନ୍ଦୁଛି ପ୍ରକୃତି

ଶୁଭସ୍ମିତା ମହାପାତ୍ର

ସକାଳୁ ଉଠି ଝରକାକୁ ଚାହିଁଦେଲେ
କାହିଁ ସେ ପକ୍ଷୀର କୁହୁତାନ
ବିନା ମୋବାଇଲ୍ ବିନା ଡାଟାରେ
କଟୁ ନାହିଁ ଆଉ ଗୋଟେ ଦିନ ।

ହିଂସ୍ର ମାନବ ଧ୍ୱଂସ କରୁଛି
ପ୍ରକୃତିର ସେହି ଶୋଭାକାନ୍ତି
ଆଜି ଭୂମିକମ୍ପ କାଲି ବାତ୍ୟା
ଦେଖାଉଛି ତାର ପରିଣତି ।

ଖବର ପଢ଼ିଲେ ନିତି ଜଣାପଡେ
ବନ୍ୟଜନ୍ତୁ ଯେ ମାରିଲେଣି ମଣିଷ
ତୁମେ ଯଦି ବନ ନଷ୍ଟ କରିବ
ତାର ଫଳ ଆଉ ହେବ କିସ ?

ମାନବ ନାମରେ ଅସୁର ସାଜିଛ
ମାରି ଖାଇଯାଅ ଜୀବଜନ୍ତୁ
ପ୍ରକୃତିର ସେ କରୁଣ କାନ୍ଦଣା
ସୃଷ୍ଟି କି କରୁନି ଭାବ ବିନ୍ଦୁ ?

କେତେ ବା ସହିବ ଆଉ ଏ ଧରଣୀ
ପ୍ରଦୂଷଣର ଗନ୍ତାଘର ସାଜିଲାଣି
କ୍ଷଣମାତ୍ରେ ଯଦି କୋପି ଉଠିବ
ତୁମେ କି ପାରିବ ତାକୁ ଜିଣି ?



ପଳାଶୁଣି, ନରଗାଙ୍ଗ,
ବାଙ୍କୀ, କଟକ

# ମଉଳା ଜହ୍ନ...

ଶୁଭସ୍ମିତା ଜେନା

ମଲା ଜହ୍ନର ତ ନାଁ ଖୁବ୍ ଜଣାଶୁଣା
ହେଲେ ମଉଳା ଜହ୍ନର କାହିଁକି ନୁହେଁ ?
କାହିଁ କେତେ ଦିନରୁ ଜହ୍ନର ହସ ହଜି ଯାଇଛି
କେଉଁ ଦୂର ରାଇଜର ମରୀଚିକା ପଛରେ
ଅବା କେଉଁ ଅସୁମାରୀ ସପନର ଭଙ୍ଗା ରାଇଜରେ
ଆଉ ସେ ଲୁଚି ଯାଉନି ଲାଜ କରି
ବାଦଲର କଳା ଓଢଣି ପଛରେ
ହସି ପଦେ ସେ ଢାଳି ଦେଉନି
ତାର ସୁଶୀତଳ ପ୍ରୀତି ପୁଲକିତ ଜ୍ୟୋସ୍ନା
ତାର ଜ୍ୟୋସ୍ନାସ୍ନାତରେ ବିଧୌତ
ହୋଇଯାଉନାହିଁ ସାରା ପୃଥିବୀ ଟା
ଜହ୍ନର ପୁଣି କ'ଣ ବା ଦୁଃଖ, କ'ଣ ଅଭିଯୋଗ
କ'ଣ ପୁଣି ତାର ଅବସାଦ ?
ହୁଏତ ସେ କଳଙ୍କର ଯାତନା
ଚିରଦିନ ପାଇଁ କରିଦେଇଛି ତାକୁ ନିସ୍ତବ୍ଧ
ସତେ ଯେମିତି ସେ ପାଲଟି ଯାଇଛି
ସ୍ଥାଣୁ, ନୀରବ, ନିଶ୍ଚଳ ଅବା ଜଡ
କ'ଣ କେବେ ଜହ୍ନ କଥା କୁହେ
ଶୁନଶାନ ନିଛାଟିଆ ଜନାକୀର୍ଣ୍ଣ ନିଶିରେ
କ'ଣ ସେ ବୁଝେ, କ'ଣ ସେ ଶୁଣେ ?
କାହିଁକି ରାତି ରାତି ଉଜାଗର ହୋଇ
ସେ ପ୍ରେମୀ ମାନେ ମଉଳା ଜହ୍ନଟା କୁ କ'ଣ କୁହନ୍ତି ?
ଆଜି ତାର ସବୁ ସୁନ୍ଦରତା ମଉଳି ଯାଇଛି
ସବୁ ଆଭା ଓ ଆକର୍ଷଣ ତାର
ଶଂଖ ମଲମଲ ଦେହରୁ ଉଭେଇ ଯାଇଛି
କାହିଁକି ପ୍ରେମୀଯୁଗଳଙ୍କ ବିରହ ପ୍ରେମର
ଜୀବନ୍ତ ଦ୍ରଷ୍ଟା ଓ ସାକ୍ଷ୍ୟ ସାଜେ ସେ
ଯେ ନିଜେ କଳଙ୍କର ଦାଗକୁ ଆଲିଙ୍ଗନ କରି ବଞ୍ଚେ
ଯେ ନିସ୍ତବ୍ଧ ହୋଇ ସବୁ ସହ୍ୟ କରିବାକୁ ବାଧ୍ୟ
ସେ କ'ଣ କେବେ ବୁଝିପାରେ କାହାର ବେଦନା ?
ସେ କ'ଣ ନିଜେ ମଉଳି ଯାଇଥିଲେ ବି
ଆଣିଦେଇ ପାରେ କାହା ଓଠରେ
ଅକଳନୀୟ ହସର ସମ୍ଭାର ?
ତାହା କେବଳ କଳ୍ପନା ମାତ୍ର...



ଶେଲଟର ଛକ ତୁଳସୀପୁର, ଫୋନ : ୮୫୯୪୮୮୯୧୫୩
କଟକ, ଓଡ଼ିଶା, ୭୫୩୦୦୮

# ହାଇଦ୍ରାବାଦକୁ ୮୦ ରନରେ ହରାଇଲା କୋଲକାତା

**କୋଲକାତା**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଗୁରୁବାର ଖେଳାଯାଇଛି ୧୫ତମ ମୁକାବିଲା। ଇଡେନ ଗାର୍ଡେନରେ ମୁହାଁମୁହିଁ ହୋଇଥିଲେ କୋଲକାତା ନାଇଟ୍ ରାଇଡର୍ସ ବନାମ ସନ୍ ରାଇଜର୍ସ ହାଇଦ୍ରାବାଦ। ଟସ୍ ଜିତି ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ଏସଆରଏଚ୍। ତେବେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ କେକେଆର୍ ୨୦୦ ରନ୍ କରିଥିଲା।

ଏଥିପରେ ମାତ୍ର ୧୨୦ ରନରେ ଅଲଆଉଟ୍ ହୋଇଯାଇଥିଲା ସନ୍ ରାଇଜର୍ସ ହାଇଦ୍ରାବାଦ। ଫଳରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ବଡ଼ ବିଜୟ ମିଳିଛି। ୮୦ ରନରେ ମ୍ୟାଚକୁ ଜିତି ନେଇଛି କୋଲକାତା ନାଇଟ ରାଇଡର୍ସ। ବରୁଣ ଚକ୍ରବର୍ତ୍ତୀ ଓ ବୈଭବ ଅରୋରା ଜବରଦସ୍ତ ବୋଲିଂ କରିଥିଲେ। ଉଭୟଙ୍କୁ ୩ଟି ଲେଖାଏଁ ୱିକେଟ୍ ମିଳିଥିଲା।

ପ୍ରଥମ ଇନିଂସରେ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇ ଥିଲେ କୋଲକାତା ନାଇଟ ରାଇଡର୍ସଙ୍କ ଦୁଇ ଓପନର କ୍ୱିଣ୍ଟନ ଡିକକ୍ ଓ ସୁନିଲ୍ ନାରିନ୍। ହେଲେ ହାଇଦ୍ରାବାଦ ତିନି ଓଭର ଭିତରେ ଦୁଇ ଓପନରଙ୍କୁ ଆଉଟ୍ କରି କେକେଆରଙ୍କୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲେ। ମାତ୍ର ଟିମକୁ ସାମ୍ଭାଳି ନେଇଥିଲେ ଅଧିନାୟକ ଆଜିଙ୍କ୍ୟ ରାହାଣେ ଓ ଅଙ୍ଗକ୍ରିଶ୍ ରଘୁବଂଶୀ। ଦୁଇ ବ୍ୟାଟର ଖେଳକୁ ୧୦ ଓଭର ପର୍ଯ୍ୟନ୍ତ ଟାଣି ନେଇଯାଇଥିଲେ। ରାହାଣେ



୩୮ ରନ୍ କରି ଅନ୍‌ସାରୀଙ୍କ ଶିକାର ହୋଇଥିଲେ। ସେପଟେ ଯୁବ ତାରକା ରଘୁବଂଶୀ ଦମଦାର୍ ବ୍ୟାଟିଂ ଦେଖାଇଥିଲେ। ସେ ମାତ୍ର ୩୨ ବଲ୍ ଖେଳି ୫୦ ରନ୍ ସଂଗ୍ରହ କରିଥିଲେ। ଏହାପରେ ଭେଙ୍କଟେଶ୍ ଆୟର ଓ ରିଙ୍କୁ ସିଂ ଏସଆରଏଚ୍ ବୋଲରଙ୍କ ଉପରେ ପ୍ରହାର କରିଥିଲେ। ଆୟର ୨୯ଟି ବଲ୍ ଖେଳି ୨୦୬ ଷ୍ଟ୍ରାଇକ୍ ରେଟରେ ସର୍ବାଧିକ ୬୦ ରନ୍ ସଂଗ୍ରହ କରିଛନ୍ତି। ସେହିପରି ରିଙ୍କୁ ସିଂ ୧୭ ବଲରେ ୩୨ ରନ କରିଛନ୍ତି। ହାଇଦ୍ରାବାଦ ପକ୍ଷରୁ ମହମ୍ମଦ ଶାମି, ପ୍ୟାଟ୍ କମିନ୍, ଜିଶାନ ଅନସାରୀ, ହର୍ଷାଲ୍ ପଟେଲ ଓ କାମିନ୍ଦୁ ମେଣ୍ଡିସ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

# ଏଥର ଅରେଞ୍ଜ କ୍ୟାପ୍ ରେସ୍‌ରେ ସାଇ ସୁଦର୍ଶନ, ଶ୍ରେୟସ ଆୟର ଓ ଋତୁରାଜ ଗାଏକ୍‌ୱାଡ୍

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ରେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ବିରାଟ କୋହଲି କିମ୍ବା ଶୁଭମନ ଗିଲ୍‌ଙ୍କ ଭଳି ବଡ଼ ନାଁ ସାମ୍ନାକୁ ଆସୁନି। କିନ୍ତୁ ସିଜିନ୍‌ରେ ଏହି ୩ ଭାରତୀୟ ପ୍ଲେୟର କରୁଛନ୍ତି ରନ ବର୍ଷା।

ଆଇପିଏଲ୍ ୨୦୨୫ରେ ବର୍ତ୍ତମାନ ଯାଏଁ ଖେଳାଯାଇଛି ୧୬ ମ୍ୟାଚ୍। ପ୍ରତ୍ୟେକ ଟିମ ଅତିକମ୍‌ରେ ୨ଟି ଲେଖାଏଁ ମ୍ୟାଚ୍ ଖେଳି ସାରିଲେଣି। ଗୋଟିଏ ପଟେ ପଏଣ୍ଟ ଟେବୁଲ୍ ନିଜର ପ୍ରାରମ୍ଭିକ ସ୍ଥିତି ନେବାରେ ଲାଗିଛି। ଅନ୍ୟପଟେ ଅରେଞ୍ଜ କ୍ୟାପ ରେସ୍‌ରେ ହେବାରେ ଲାଗିଛି ରୋମାଞ୍ଚକର। ଆଇପିଏଲ ଇତିହାସରେ ସର୍ବାଧିକ ଥର ଅରେଞ୍ଜ କ୍ୟାପ୍ ଜିତିଥିବା ଖେଳାଳି ହେଉଛନ୍ତି ଡେଭିଡ୍ ୱାର୍ଣ୍ଣର। ସେ ଏହି ପୁରସ୍କାର ୩ ଥର ଜିତିଛନ୍ତି। କିନ୍ତୁ ଆଇପିଏଲ୍ ୨୦୨୫ର ୩ଜଣ ନୂଆ ଭାରତୀୟ ଷ୍ଟାର ବ୍ୟାଟର କରୁଛନ୍ତି ରନ୍ ବର୍ଷା।



ପ୍ରଥମରେ ରହିଛନ୍ତି ସାଇ ସୁଦର୍ଶନ। ସେ ୨୦୨୩ରୁ ଗୁଜୁରାଟ ଟାଇଟାନ୍ସ ଟିମ୍‌ରେ ରହିଛନ୍ତି। ସାଇ ସୁଦର୍ଶନ ଗୁଜରାଟର ଶ୍ରେଷ୍ଠ ବ୍ୟାଟରଙ୍କ ମଧ୍ୟରୁ ଜଣେ। ଏପର୍ଯ୍ୟନ୍ତ ଆଇପିଏଲ ୨୦୨୫ ସେ ୨ଟି ଇନିଂସରେ ୧୩୭ ରନ କରିଛନ୍ତି। ସୁଦର୍ଶନ ଉଭୟ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଉ ରହିଛନ୍ତି ଦମଦାର ଫର୍ମରେ।

ଏହାପଛକୁ ରହିଛନ୍ତି ଶ୍ରେୟସ ଆୟର। ସେ ପଞ୍ଜାବ କିଙ୍ଗ୍ସ ଟିମ୍‌ର ଅଂଶ। ଶ୍ରେୟସ ବର୍ତ୍ତମାନ ଆଇପିଏଲ୍ ୨୦୨୫ର ସର୍ବାଧିକ ରନ୍ ସ୍କୋର କରିଥିବା ଭାରତୀୟ ବ୍ୟାଟର। ଏହାବ୍ୟତୀତ ସେ ଅରେଞ୍ଜ କ୍ୟାପ୍ ରେସର ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆୟର ଏପର୍ଯ୍ୟନ୍ତ ପଞ୍ଜାବ କିଙ୍ଗ୍ ପାଇଁ ଖେଳିଛନ୍ତି ୨ଟି ମ୍ୟାଚ୍। ଆଉ କରିଛନ୍ତି ୧୪୯ ରନ୍। ଉଭୟ ମ୍ୟାଚ୍‌ରେ ଶ୍ରେୟସ ଅପରାଜିତ ରହିଥିଲେ। ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିରେ ଆୟର ଭାରତର ସର୍ବାଧିକ ସ୍କୋରର ଥିଲେ। ଯେଉଁଠାରେ ସେ ୨୪୩ ରନ କରିଥିଲେ। ସେ ଆଇପିଏଲରେ ମଧ୍ୟ ତାଙ୍କର ଉତ୍କୃଷ୍ଟ ଫର୍ମ ବଜାୟ ରଖିଛନ୍ତି।

ଶିଖର ତୃତୀୟରେ ରହିଛନ୍ତି ଋତୁରାଜ ଗାଏକ୍‌ୱାଡ୍। ସେ ହେଉଛନ୍ତି ସିଏସକେର ଅଧିନାୟକ। ଯଦିଓ ଆଇପିଏଲ୍ ୨୦୨୫ରେ ଭାରତ ପାଇଁ ତୃତୀୟ ସର୍ବାଧିକ ରନ ସ୍କୋରର ହେଉଛନ୍ତି ଅଭିଷେକ ଶର୍ମା। କିନ୍ତୁ ଫର୍ମ ଏବଂ ସ୍ଥିରତା ଆଧାରରେ ଋତୁରାଜ ଗାଏକ୍‌ୱାଡ୍ ଭଲ ଲୟରେ ଦେଖିବାକୁ ମିଳିଛନ୍ତି। ଗାୟକ୍‌ୱାଡ୍ ଏପର୍ଯ୍ୟନ୍ତ ଆଇପିଏଲ୍ ୨୦୨୫ରେ ୩ଟି ମ୍ୟାଚ୍ ଖେଳି ୧୧୬ ରନ କରିଛନ୍ତି। ଯେଉଁଥିରେ ତାଙ୍କ ବ୍ୟାଟରୁ ୨ଟି ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି।

# ବିସିସିଆଇ ଜାରି କଲା ଟିମ୍ ଇଣ୍ଡିଆର ହୋମ୍ ସିଡ୍ୟୁଲ

**ନୂଆଦିଲ୍ଲୀ**

ବିସିସିଆଇ ଭାରତୀୟ ଦଳର ୨୦୨୫ ଘରୋଇ ସିଜିନର କାର୍ଯ୍ୟସୂଚୀ ଜାରି କରିଛି। ଭାରତ ଅକ୍ଟୋବର ମାସରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍‌ରୁ ଘରୋଇ ସିଜିନ ଆରମ୍ଭ କରିବ। ଦୁଇ ଦଳ ମଧ୍ୟରେ ଦୁଇ ମ୍ୟାଚ୍‌ର ଟେଷ୍ଟ ସିରିଜ୍ ଖେଳାଯିବ। ଏହା ପରେ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଭାରତ ଗସ୍ତରେ ଆସିବ। ଏଥିରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ।

ଚଳିତ ବର୍ଷ ଫେବୃୟାରୀ ୯ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ୍‌ର ଆୟୋଜନ କରିଥିଲା ବାରବାଟୀ। ଆଉ ଗୋଟିଏ ବର୍ଷ ଭିତରେ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାର ଅଧିକାର ଓଡ଼ିଶା କ୍ରିକେଟ୍ ଆସୋସିଏସନକୁ ମିଳିଛି।

ବିସିସିଆଇର କାର୍ଯ୍ୟସୂଚୀ ଅନୁଯାୟୀ, ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ଭାରତ ଓ ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅକ୍ଟୋବର ୨ ତାରିଖରେ ଖେଳାଯିବ। ଅକ୍ଟୋବର ୧୦ରୁ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ। ଏହା ପରେ ନଭେମ୍ବର ୧୪ରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ସିରିଜ୍ ଆରମ୍ଭ ହେବ। ଦିନିକିଆ ସିରିଜ୍ ନଭେମ୍ବର ୩୦ ଓ ଟି-୨୦ ସିରିଜ୍ ନଭେମ୍ବର ୯ରୁ ଖେଳାଯିବ। ଏହିପରି ଭାରତର ହୋମ ସିଜିନ ଡିସେମ୍ବର ୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍ ସହ ସମାପ୍ତ ହେବ। ଭାରତୀୟ ଦଳ ଘରୋଇ ସିଜିନ ପୂର୍ବରୁ ଇଂଲଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଏହି ସିରିଜ୍ ଜୁନ ୨୦ରୁ ଆରମ୍ଭ ହେବ ଏବଂ ଶେଷ ଟେଷ୍ଟ ଜୁଲାଇ ୩୧ରୁ ଖେଳାଯିବ।

**ଭାରତୀୟ ଦଳର ଘରୋଇ କାର୍ଯ୍ୟସୂଚୀ**

ୱେଷ୍ଟଇଣ୍ଡିଜର ଭାରତ ଗସ୍ତ : ପ୍ରଥମ ଟେଷ୍ଟ- ଅକ୍ଟୋବର ୨ରୁ ଅକ୍ଟୋବର ୬, ଅହମ୍ମଦାବାଦ, ସକାଳ ୯ଟା ୩୦। ଦ୍ୱିତୀୟ ଟେଷ୍ଟ- ଅକ୍ଟୋବର ୧୦ରୁ ଅକ୍ଟୋବର ୧୪, କୋଲକାତା, ସକାଳ ୯ଟା ୩୦।

ଦକ୍ଷିଣ ଆଫ୍ରିକାର ଭାରତ ଗସ୍ତ : ପ୍ରଥମ ଦିନିକିଆ- ନଭେମ୍ବର ୩୦, ରାଞ୍ଚି, ଅପରାହ୍ନ ୧ଟା ୩୦। ଦ୍ୱିତୀୟ ଦିନିକିଆ-ଡିସେମ୍ବର ୩, ରାଇପୁର, ଅପରାହ୍ନ ୧ଟା ୩୦। ତୃତୀୟ ଦିନିକିଆ- ଡିସେମ୍ବର ୬, ବିଶାଖାପଟନମ୍, ଅପରାହ୍ନ ୧ଟା ୩୦।

ପ୍ରଥମ ଟି-୨୦- ଡିସେମ୍ବର ୯, କଟକ, ସନ୍ଧ୍ୟା ୭ଟା। ଦ୍ୱିତୀୟ ଟି-୨୦- ଡିସେମ୍ବର ୧୧, ନୂଆ ଚଣ୍ଡିଗଡ଼, ସନ୍ଧ୍ୟା ୭ଟା। ତୃତୀୟ ଟି-୨୦- ଡିସେମ୍ବର ୧୪, ଧର୍ମଶାଳା, ସନ୍ଧ୍ୟା ୭ଟା। ଚତୁର୍ଥ ଟି-୨୦- ଡିସେମ୍ବର ୧୭, ଲକ୍ଷ୍ନୌ, ସନ୍ଧ୍ୟା ୭ଟା। ପଞ୍ଚମ ଟି-୨୦- ଡିସେମ୍ବର ୧୯, ଅହମ୍ମଦାବାଦ, ସନ୍ଧ୍ୟା ୭ଟା।

# କୋହଲିଙ୍କ ଆଗରେ ଲୁହ ଛଳଛଳ ହୋଇଗଲେ ସିରାଜ, କରିପାରିଲେନି ବୋଲିଂ

**ବେଙ୍ଗାଲୁରୁ**

ଆଇପିଏଲ-୨୦୨୫ରେ ଏପ୍ରିଲ ୨ରେ ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସଙ୍କ ପରାଜିତ ହୋଇଛି ଆରସିବି। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ ୮ ୱିକେଟରେ ଆରସିବିକୁ ପରାସ୍ତ କରିଥିଲା। ଗୁଜୁରାଟର ବିଜୟର ନାୟକ ସାଜିଥିଲେ ମହମ୍ମଦ ସିରାଜ, ଯିଏ ମ୍ୟାଚ୍‌ରେ ୩ ଉଇକେଟ ନେଇଥିଲେ। ତେବେ ଏହି ମ୍ୟାଚ୍‌ରେ ସିରାଜଙ୍କୁ ଭାବପ୍ରବଣ ହେବାର ଦେଖାଯାଇଥିଲା। କିଛି ମୁହୂର୍ତ୍ତ ପାଇଁ ଏଭଳି ଲାଗିଥିଲା ଯେପରି ତାଙ୍କ ଆଖିରୁ ଲୁହ ବୋହିଯିବ। ବିରୋଧୀ ଆରସିବି ପାଇଁ ଖେଳୁଥିବା ବିରାଟ କୋହଲିଙ୍କ ସମ୍ମୁଖରେ ସିରାଜ ଛଳଛଳ ହୋଇଯାଇଥିଲେ।

ଆରସିବି ବିପକ୍ଷରେ ଗୁଜରାଟ ପ୍ରଥମେ ବୋଲିଂ କରିଥିଲା। ମହମ୍ମଦ ସିରାଜ ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିଲେ। ଅପରପକ୍ଷେ ଆରସିବି ପାଇଁ ଫିଲ ସଲ୍ଟ ଏବଂ ବିରାଟ କୋହଲି ବ୍ୟାଟିଂ ଆରମ୍ଭ କରିଥିଲେ। ସିରାଜଙ୍କ ପ୍ରଥମ ବଲ୍ ଫିଲ୍ ସଲ୍ଟଙ୍କ ସାମ୍ନା କରିଥିଲା ଏବଂ ସେ ଗୋଟିଏ ସିଙ୍ଗଲ୍ ନେଇଥିଲେ। ଏହା ପରେ ଯେତେବେଳେ ସିରାଜ ଦ୍ୱିତୀୟ ବଲ୍ ବୋଲିଂ କରିବା ଆରମ୍ଭ କଲେ, ବିରାଟ କୋହଲି ତାଙ୍କ ଆଗରେ ଥିଲେ। ବିରାଟ ବିପକ୍ଷ ଦଳର ଖେଳାଳି ଥିଲେ। ଏହା ସତ୍ତ୍ୱେ ସିରାଜ ତାଙ୍କୁ ବୋଲିଂ କରିପାରି ନ ଥିଲେ। ସେ ଭାବପ୍ରବଣ ହୋଇଯାଇଥିଲେ। ଏଭଳି ଲାଗୁଥିଲା ଯେପରି ସେ କାନ୍ଦି ପକାଇବେ।

ଭିଡିଓରେ ସିରାଜ ଏବଂ ବିରାଟଙ୍କ ମଧ୍ୟରେ ଯାହା ଘଟୁଥିବାର ଦେଖାଗଲା, ତାହା ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁଭମନ ଗିଲ୍‌ଙ୍କ ପ୍ରତିକ୍ରିୟାରୁ ମଧ୍ୟ ଭଲ ଭାବରେ ବୁଝିହେଉଥିଲା। ଗିଲଙ୍କ ଭାବନା ସିରାଜ ଏବଂ ବିରାଟଙ୍କ ମଧ୍ୟରେ ଘଟିଥିବା ଘଟଣାର ସମ୍ପୂର୍ଣ୍ଣ ସତ୍ୟତା କହିଥିଲା। ତେବେ ମ୍ୟାଚ ଶେଷ ହେବା ପରେ ସିରାଜଙ୍କୁ ଏ ବିଷୟରେ ପଚରାଯାଇଥିଲା। ତାଙ୍କୁ ପଚରାଗଲା ଯେ ସେ କାହିଁକି ଭାବପ୍ରବଣ ହୋଇଗଲେ? ଏହା ଉପରେ ସେ କହିଥିଲେ ଯେ ସେ ଭାବପ୍ରବଣ



ହୋଇଯାଇଥିଲେ କାରଣ ତାଙ୍କର ଆରସିବି ସହିତ ୭ ବର୍ଷର ଲମ୍ବା ସମ୍ପର୍କ ରହିଛି। ବିରାଟ କୋହଲି ତାଙ୍କର ଆଦର୍ଶ। ଏହା ବ୍ୟତୀତ ସେ ଟିକେ ନର୍ଭସ ମଧ୍ୟ ଥିଲେ। ମ୍ୟାଚ ଆରମ୍ଭରେ ସିରାଜ ଫିଲ ସଲ୍ଟ ଏବଂ ଦେବଦତ୍ତ ପାଡ଼ିକ୍କଲଙ୍କୁ ଆଉଟ କରି ଆରସିବିର ଆରମ୍ଭକୁ କ୍ଷତି ପହଞ୍ଚାଇଥିଲେ। ତା'ପରେ ସେ ବିପଜ୍ଜନକ ଦେଖାଯାଉଥିବା ଲିଭିଙ୍ଗଷ୍ଟୋନଙ୍କ ଅର୍ଦ୍ଧଶତକୀୟ ଇନିଂସର ଅନ୍ତ ଘଟାଇ ତାଙ୍କ ଦଳ ଗୁଜରାଟ ଟାଇଟାନ୍ସର ବିଜୟ ପାଇଁ ମୂଳଦୁଆ ପକାଇଥିଲେ।

# ମୁମ୍ବାଇ ଛାଡ଼ି ଯିବେନି ସୂର୍ଯ୍ୟକୁମାର : ଏମସିଏ

**ମୁମ୍ବାଇ**



ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଛାଡ଼ି ଯାଉ ନାହାନ୍ତି। ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମସିଏ) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଜଏସ୍ୱି ଜୟସ୍ୱାଲ ଆଗାମୀ ଘରୋଇ ସିଜନ ଲାଗି ମୁମ୍ବାଇ ଛାଡ଼ି ଗୋଆ ଦଳରେ ଯୋଗ ଦେବା ପରେ ସୂର୍ଯ୍ୟକୁମାର ମଧ୍ୟ ସମାନ ବାଟ ବାଛିପାରନ୍ତି ବୋଲି କିଛି ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ଏମସିଏ ପକ୍ଷରୁ ରିପୋର୍ଟକୁ ଖଣ୍ଡନ କରାଯାଇଛି।

ସୂର୍ଯ୍ୟକୁମାର ମୁମ୍ବାଇ ବଦଳରେ ଗୋଆ ପାଇଁ ଆଗାମୀ ଘରୋଇ ସିଜନରେ ଖେଳିବାକୁ ଯାଉଥିବା ନେଇ ସୋସିଆଲ ମିଡିଆରେ ହେଉଥିବା ଗୁଜବ ସମ୍ପର୍କରେ ଏମସିଏକୁ ଜଣାଇଛି। ଏମସିଏ ଅଧିକାରୀ ଗୁରୁବାର ସକାଳେ ସୂର୍ଯ୍ୟଙ୍କ ସହ କଥା ହୋଇଥିଲେ ଏବଂ ଏସବୁ ରିପୋର୍ଟରେ କୌଣସି ସତ୍ୟତା ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସୂର୍ଯ୍ୟକୁମାର ମୁମ୍ବାଇ ପାଇଁ ଖେଳିବା ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ମୁମ୍ବାଇ ଲାଗି ଖେଳୁଥିବାରୁ ଗର୍ବିତ। ଆମେ ସମସ୍ତଙ୍କୁ ମିଥ୍ୟା ଖବର ପ୍ରସାର କରିବାଠାରୁ ଦୂରେଇ ରହିବାକୁ ଅନୁରୋଧ କରୁଛୁ ବୋଲି ଏମସିଏ ସମ୍ପାଦକ ଅଭୟ ହଡପ କହିଛନ୍ତି।

# ବେଲପଡ଼ାରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଦିବସ ପାଳିତ



**ବେଲପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ବିଛୁଆହାଲି ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଘନଶ୍ୟାମ ସେଠେଙ୍କ ଅଧ୍ୟକ୍ଷତାରେ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରଥମ ଦିନରେ ୫ ବର୍ଷ ଯୁକ୍ତ ବୟସ ୮ ଜଣ ଛାତ୍ରଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଥିଲେ। ସମସ୍ତ ନୂତନ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇ ଥିବା ବେଳେ ସମସ୍ତଙ୍କ ପାଇଁ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ଛାତ୍ରଛାତ୍ରୀ ବୃନ୍ଦଙ୍କ ଖଡ଼ି ଛୁଆଁ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଏସ୍‌ଏମ୍‌ସି କମିଟିର ସଭାପତି ଭୋଜେବ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଭିଭାବକ ସଂଘର ବରିଷ୍ଠ ସଦସ୍ୟ ତୁଲାରାମ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଗୋଦାବରୀ ମାଝୀ ଏବଂ ଶିକ୍ଷକ ପାହାନ୍ତ କୁମାର ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିଶୁ ବାଟିକା କକ୍ଷରେ ସ୍ୱାଗତ କରିବା ସହ ସ୍କୁଲ ତରଫରୁ ସମସ୍ତଙ୍କୁ ଚକ୍‌ଲେଟ୍, ବିସ୍କୁଟ୍ ଓ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ମଧୁମିତା ବାଗ୍, ସଂଯୁକ୍ତା କିଶାନ ସହଯୋଗ କରିଥିଲେ। ଏସଏମସି କମିଟିର ସଦସ୍ୟ ବିଶ୍ୱନାଥ ପୁଟେଲ, ସୁଧାର ବାଗ, କୈଳାସ ପୁଟେଲ ସଦସ୍ୟା ମିତା ପୁଟେଲ ଏବଂ ନୂତନ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ମଧ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସହକାରୀ ଶିକ୍ଷକ ଜ୍ୟୋତିର୍ମୟ ନାଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା : ଚିଲିଦା ଚାମ୍ପିଅନ୍



**ପାଟଣା**

ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡ଼ନେଉଳି ପଞ୍ଚାୟତର ପାଖଶଙ୍କିସ୍ଥିତ ମା' ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଚିଲିଦା ଓ କାଳୁଳିକନା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଚିଲିଦା ଦଳ ବିଜୟୀ ହୋଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ରେଫରୀ ଲାଲୁପ୍ରସାଦ ସେଠୀ ଓ ବାସୁଦେବ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବାବେଳେ ମା' ବୀଣାପାଣି ଯୁବକ ସଂଘର ସଦସ୍ୟ କର୍ମ୍ମ ଦାସ, ସୁଶୀଲ ମହାନ୍ତ, ବିପୁଳ ମହାନ୍ତ, ପ୍ରଦୋଷ ମହାନ୍ତଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ରୁଙ୍ଗଟା ପକ୍ଷରୁ ୨୪୦ ଜଣଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅଧୀନ ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇ ଯାଇଛି। କାରାଖେଣ୍ଡରା ପଞ୍ଚାୟତ ଅନ୍ତର୍ଗତ କାରାଖେଣ୍ଡରା ଓ କାରାକୋଲହାଡ଼ରେ ପୃଥକ ଭାବେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାରାଖେଣ୍ଡରା ସ୍ଥିତ ଗ୍ଲାଣ୍ଟ ତରଫରୁ କାରାଖେଣ୍ଡରା ଗ୍ରାମ ପଞ୍ଚାୟତ ଅଫିସ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ କାରାଖେଣ୍ଡରା ଏବଂ ଆଖ ପାଖ ଗ୍ରାମରୁ ପ୍ରାୟ ତିନି ଶହରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ସେହିପରି କାରାକୋଲହାଡ଼ରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୪୦ ଜଣ ରୋଗୀ ଏହି ଚିକିତ୍ସା



ଶିବିରରେ ଲାଭ ନେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଭାଗର ଡାକ୍ତରୀ ଚିକିତ୍ସାର ସୁବିଧା ଯୋଗାଇ ଦିଆଯାଇଥିଲା। ବିଭିନ୍ନ ବିଭାଗର ତାରିକଜଣ ବିଶେଷଜ୍ଞ ଡାକ୍ତର ରୋହନ ହେମ୍ବ୍ରମ, ଡାକ୍ତର ଶ୍ରୀକାନ୍ତ କୁମାର ରଥ, ଡାକ୍ତର ତାରିଣୀ ପ୍ରସାଦ ସାହୁ, ଡାକ୍ତର ଦେବାଶିଷ ଭଞ୍ଜ ଏବଂ ପାରାମେଡିକାଲ କର୍ମଚାରୀ ମାନଙ୍କ ଦ୍ୱାରା ଏହି ଶିବିରରେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟାଯାଇଥିଲା। ରୁଙ୍ଗଟା ମାଇନ୍ସ କରାଖେଣ୍ଡାର ନିର୍ଦ୍ଦେଶକ ପ୍ରଣୟ କୁମାର ଦେବ, ମହା ପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ମହା ପ୍ରବନ୍ଧକ ଆନନ୍ଦ ଚରଣ ସାହୁ, ମହା ପ୍ରବନ୍ଧକ ବିଶ୍ୱରଞ୍ଜନ ପାଢ଼ୀ, କାରଖାନା ପ୍ରବନ୍ଧକ ବିଦ୍ୟାନନ୍ଦ ଝା ଏବଂ ମାନବ ସମ୍ବଳ ବିଭାଗର ସରୋଜ ମହାପାତ୍ର, କେ.ସି. ପାତ୍ର, ପି ସୁବ୍ରମ, ଧର୍ମେନ୍ଦ୍ର ମହାନ୍ତ, ସଞ୍ଜୟ କୁମାର କର୍ନେଥିଆ, ଚନ୍ଦ୍ରଶେଖର ମିଶ୍ର, ସୁରକ୍ଷା ଅଧିକାରୀ ଲଳାଟେନ୍ଦୁ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ସରପଞ୍ଚ ସୁବୁନି ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲୋକ ପ୍ରତିନିଧି ଏହି ଶିବିର ଗ୍ରାମବାସୀ ମାନଙ୍କର ସହଯୋଗରେ ଶାନ୍ତି ଶୃଙ୍ଖଳା ପୂର୍ବକ ସଫଳତାର ସହିତ ସମ୍ପୂର୍ଣ୍ଣ କରାଯାଇଥିଲା।

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗୌରବମୟ ଇତିହାସ ଉପରେ ଆଲୋକପାତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

୯୦ତମ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ୩୩ତମ ସ୍ୱତନ୍ତ୍ର ଜିଲ୍ଲା ଗଠନ ସ୍ମୃତି ସମାରୋହର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ସଦର ମହକୁମା ପୌରସଂସ୍ଥା ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତ୍ରିଭୁବନ ଜୟସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଉପ ଜିଲ୍ଲାପାଳ ଅସୋକ କୁମାର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡଃ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଐତିହାସିକ ପୃଷ୍ଠଭୂମି ଓ ଏଥିପାଇଁ ଦୀର୍ଘ କାଳ ସଂଗ୍ରାମ କରିଥିବା ମନିଷିମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗୌରବମୟ ଇତିହାସ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାଲା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଭୃତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଥିଲା। ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂହ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ।

# ସୁବର୍ଣ୍ଣପୁରରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡ଼ିଆ ଠାରେ ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଏସ୍‌ପି ରାମ ପ୍ରସାଦ ସାହୁ ଯୋଗଦେଇ ପୋଲିସ ଅଭିବାଦନ ଗ୍ରହଣ କରିଥିଲେ। ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ପରେ ପରେ ଜିଲ୍ଲାର ସର୍ବଶ୍ରେଷ୍ଠ ଇନ୍‌ସପେକ୍ଟର ଭାବେ ମେଣ୍ଡାର ଇନ୍‌ସପେକ୍ଟର ପ୍ରଧାନ, ଶ୍ରେଷ୍ଠ ଗ୍ରାମିକ ସାହୁଙ୍କୁ, ସର୍ବଶ୍ରେଷ୍ଠ ଏଏସଆଇ ଭାବେ ବିନିକା ପିଏସର ରାଜଶ୍ରୀ କୁମାର ନାୟକ, ସର୍ବଶ୍ରେଷ୍ଠ ହାବିଲଦାର ଭାବେ ସୋନପୁର ରିଜର୍ଭର ଚମରା ପ୍ରଧାନ, ସର୍ବଶ୍ରେଷ୍ଠ ଓ ଆର୍ ହାବିଲଦାର ଭାବେ



ଜିଲ୍ଲା ପୋଲିସ ଅଫିସର ସୁଭାଷିନୀ ପ୍ରଧାନ, ସର୍ବଶ୍ରେଷ୍ଠ ଏଡ଼ିଆର୍ କନଷ୍ଟେବଲ୍ ଭାବେ ସୋନପୁର ରିଜର୍ଭର କିରୁନ କୁମାର ପ୍ରଧାନ, ଶ୍ରେଷ୍ଠ ଗ୍ରାମିକ କନେଷ୍ଟେବଲ ଭାରତୀ ବେହେରାଙ୍କୁ ଦିବସର ମୁଖ୍ୟ ଅତିଥି ଏସ୍‌ପି ଶ୍ରୀ ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଏସ୍‌ପି ବିରେନ୍ଦ୍ର କୁମାର ନାୟକ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡିଏସ୍‌ପି ପ୍ରଦୀପ ରଣା, ବୈକୁଣ୍ଠ ସେଠ ପ୍ରମୁଖ ଯୋଗ ଦେଇଥିଲେ। ଆରଆଇ କାହ୍ନୁ ଚରଣ ମାରାଣ୍ଡି ପରେଡ୍ ପରିଚାଳନା କରିଥିବା ବେଳେ ପୋଲିସ କନେଷ୍ଟେବଲ ସଂଘ ସଭାପତି ଦିନେଶ ରଞ୍ଜନ ମିଶ୍ର, ସମ୍ପାଦକ ରଞ୍ଜିତ ପ୍ରଧାନ, କୁମୁଦ ରଞ୍ଜନ ସାହୁ, ମନୋଜ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ୧୪ରେ ଓଡ଼ିଆ ନୂଆ ବର୍ଷ ପାଳନ ସହ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ରାଜଧାନୀ ଭୁବନେଶ୍ୱରର ୭୭ତମ ପ୍ରତିଷ୍ଠା ଦିବସ ପାଳନ କରାଯିବା ଉପଲକ୍ଷେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୧୩ ଏପ୍ରିଲ ୧୯୪୮ରେ ପ୍ରତିଷ୍ଠା ହୋଇଥିବା ଭୁବନେଶ୍ୱର ରାଜଧାନୀ ଏ ବର୍ଷ ୭୭ ବର୍ଷରେ ପଦାର୍ପଣ କରୁଛି। ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ସଂପର୍କରେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସକୁ ଏପ୍ରିଲ ୧୩ ଓ ୧୪ ଦୁଇଦିନ ଧରି ମହାସମାରୋହରେ ପାଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରେଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ' ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ପ୍ରତି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅପ୍ରେଲ ୧୩ ତାରିଖ ରବିବାର ପାରମ୍ପରିକ 'ଓଡ଼ିଆ ଖାଦ୍ୟ ପାଇଁ ଦିନଟିଏ' ଏବଂ ଅପ୍ରେଲ ୧୪ରେ 'ଓଡ଼ିଆ ନୂଆବର୍ଷ' ପାଳନ ହେବ। ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜଧାନୀରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବାରୁ ୧୪ଦିନ ବ୍ୟାପି ରାଜଧାନୀରେ ଉତ୍ସବର ମାହୋଲ ରହିବ। ଏହାକୁ ଦୃଷ୍ଟିରେ ରଖି ଅପ୍ରେଲ ୧୩ ତାରିଖରେ ରାଜଧାନୀ ପ୍ରତିଷ୍ଠା ଦିବସପାଳନ ସହ ଉତ୍ସବ ସମାରୋହ ସହ ୧୪ ତାରିଖ ଦ୍ୱିତୀୟ ଦିନରେ ଓଡ଼ିଆ ନୂଆବର୍ଷ ପାଳନ ସମେତ ରାଜଧାନୀ ପ୍ରତିଷ୍ଠା ଦିବସକୁ ସାମିଲ କରାଯାଇ ଉତ୍ସବକୁ ଅଧିକ ଆକର୍ଷଣୀୟ ଭାବେ ଆୟୋଜନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ପରି



ଚଳିତ ବର୍ଷ ମଧ୍ୟ ରାଜଧାନୀ ପ୍ରତିଷ୍ଠା ଦିବସକୁ ଶାନ୍ତି, ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ତରଫରୁ ଏହା ପୂର୍ବ ଭଳି ଏଥର ମଧ୍ୟ ଗରିଚି ଧରି ପାଳନ କରାଯିବା ପାଇଁ ଅନୁରୋଧ କରାଯାଇଥିଲା। ଗତ ବର୍ଷ ସାଧାରଣ ନିର୍ବାଚନ-୨୦୨୪ ଆଦର୍ଶ ଆଚରଣ ବିଧି ଏବଂ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହକୁ ସୀମିତ ଆୟୋଜନ ମଧ୍ୟରେ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଥିଲା। 'ରାଜଧାନୀ ପ୍ରତିଷ୍ଠା ଦିବସ' ରାଜଧାନୀ ଭୁବନେଶ୍ୱରର କନ୍ସେପ୍ଟ ହେତୁ ଏହାକୁ ମର୍ଯ୍ୟାଦା ସହକାରେ ପାଳନ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ରାଜଧାନୀ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ଅପ୍ରେଲ ୧୨ ତାରିଖରୁ ଏହାର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଚଳିତ ବର୍ଷ ବେସାମରିକ ପରେଡ୍‌ରେ ଛୋଟ ପିଲାମାନଙ୍କୁ ସାମିଲ କରାନଯାଇ କେବଳ ମହାବିଦ୍ୟାଳୟ ସ୍ତରର ଛାତ୍ର ଛାତ୍ରୀମାନଙ୍କୁ ଅଂଶଗ୍ରହଣ କରିବା ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସହରର ସମସ୍ତ ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟରୁ ପରେଡ୍ ଦଳମାନଙ୍କୁ ଭାଗ ନେବାକୁ ଅନୁରୋଧ କରାଯିବ। ପରେଡ୍‌ରେ ବିଭିନ୍ନ ପ୍ରତିଷ୍ଠାନରୁ ବ୍ୟାଣ୍ଡ ଦଳ ଅଂଶଗ୍ରହଣ ପୂର୍ବକ ଏହାକୁ ଅଧିକ ଚିତ୍ତାକର୍ଷକ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପାରମ୍ପରିକ ରୀତିରେ ଅପ୍ରେଲ ୧୩ ତାରିଖ ସକାଳେ ଓଡ଼ିଶା ବିଧାନସଭା ସୌଧ ସମ୍ମୁଖସ୍ଥ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଓ ପୁଷ୍ପସ୍ତବକ ଅର୍ପଣ କରାଯିବ। ଉତ୍ସବର ମୁଖ୍ୟ ଅତିଥି ରାଜଧାନୀ ପ୍ରତିଷ୍ଠା ଦିବସରେ ପତାକା ଉତ୍ତୋଳନ କରିବେ। ବେସାମରିକ ପ୍ୟାରେଡ୍ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ପ୍ରଦର୍ଶନ ହେବ।

୧୩ ଓ ୧୪ ତାରିଖ ସନ୍ଧ୍ୟାରେ ଉତ୍କଳ ମଣ୍ଡପ ଠାରେ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଉତ୍ସବକୁ ଅତିଥିମାନଙ୍କ ନିମନ୍ତ୍ରଣ, ରାଜଧାନୀ ପ୍ରତିଷ୍ଠା ଫଳକ ଓ ସଂଲଗ୍ନ ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନତା ଓ ସୌନ୍ଦର୍ଯ୍ୟକରଣ, ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପାଇଁ ମଞ୍ଚ ପ୍ରସ୍ତୁତି, ଅତିଥି ଓ ନିମନ୍ତ୍ରିତ ଅତିଥିମାନଙ୍କ ବସିବା ନିମନ୍ତେ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ରାଜଧାନୀ ଭୁବନେଶ୍ୱରର ଐତିହ୍ୟ ସମ୍ବଳିତ ଫଟୋଚିତ୍ରକୁ ସ୍ଥାନିତ କରି ଜୟଦେବ ଭବନ ଠାରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉତ୍ସବ ପରିପ୍ରେକ୍ଷୀରେ ଟ୍ରାଫିକ୍ ନିୟନ୍ତ୍ରଣ, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ଲୋକସେବା ଭବନ, ଓଡ଼ିଶା ବିଧାନସଭା ସମେତ ବିଧାନସଭା ସୌଧ ସ୍ଥିତ ଶିଳାନ୍ୟାସ ଫଳକ, ରାଜଧାନୀର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନ୍ୟାନ୍ୟ ଜାତୀୟ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ସଂଲଗ୍ନ ରାସ୍ତାଘାଟକୁ ଆଲୋକ ମାଳାରେ ସଜ୍ଜିତ କରାଯିବ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥଳ ପରିଷ୍କାର ପରିଚ୍ଛନ୍ନ କରାଯାଇ ମାଲ୍ୟାର୍ପଣ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ମିଶ୍ର, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବି.ଡି.ଏ) ଉପାଧ୍ୟକ୍ଷ ଡ. ଏନ୍. ଥିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡ. ବିଜୟ କୁମାର ଉପାଧ୍ୟାୟ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ (ବିଶେଷଜ୍ଞ) ସୁରେନ୍ଦ୍ର ନାଥ ପରିଡ଼ା, ସଂପାଦକ ପୂର୍ଣ୍ଣ, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଆଦି ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ପୋଲିସ ପ୍ରଶାସନର ଉଚ୍ଚ ପଦାଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବୋଦୟରେ...

ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, କ୍ୟାପିଟାଲ ଗୁଡସ୍ ଓ ରେଳ ଚକ ନିର୍ମାଣ ପ୍ରକଳ୍ପ ରହିଛି। ଏ ଗୁଡ଼ିକ ପାରମ୍ପରିକ ଫାକ୍ଟ୍ରି ନୁହେଁ। ଏ ଗୁଡ଼ିକ ଆଧୁନିକ ଅର୍ଥନୀତିର ବାର୍ତ୍ତାବହ। ଓଡ଼ିଶାରେ ଆଜି ଶିଳ୍ପପତିମାନେ ପୁଞ୍ଜିନିବେଶ ପାଇଁ ଅଭୂତପୂର୍ବ ଆଗ୍ରହ ପ୍ରକାଶ କରୁଛନ୍ତି । ତା'ର କାରଣ ହେଉଛି ଡବଲ ଇଞ୍ଜିନ ସରକାରର ସୁବିଧା ଓ ଇଜ୍ ଅଫ୍ ଡୁଇଂ ବିଜନେସ୍ ପାଇଁ ଅନୁକୂଳ ବାତାବରଣ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଉ କୌଣସି ଅସୁବିଧା ନାହିଁ । ଶିଳ୍ପୋଦ୍ୟୋଗୀମାନଙ୍କୁ ନିୟମ ଅନୁଯାୟୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର କ୍ଲିୟରାନ୍ସ ଓ ପରମିସନ୍ ସୁବିଧାରେ ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଆଜି କୃଷିକ୍ଷେତ୍ରରେ ଯାନ୍ତ୍ରିକୀକରଣ ଆଦୃତି ଫଳରେ କୃଷିକାର୍ଯ୍ୟରେ ମାନବୀୟ ଶ୍ରମର ଚାହିଦା କମି କମି ଯାଉଛି। ତେଣୁ ଅଧିକରୁ ଅଧିକ ଯୁବଶକ୍ତିକୁ ଶିଳ୍ପ ଓ ସେବାନ୍ତିକ ଅର୍ଥନୀତି ପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ। ଆମ ଯୁବ ସମାଜକୁ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ସହିତ ଇଣ୍ଡଷ୍ଟ୍ରି ପ୍ରସ୍ତୁତ କରି ଗଢ଼ି ତୋଳିବାକୁ ପଡ଼ିବ। ଯୁବବର୍ଗଙ୍କୁ ଇଣ୍ଡଷ୍ଟ୍ରି ପ୍ରସ୍ତୁତ କରିବା ପାଇଁ ପ୍ରଧାନମନ୍ତ୍ରୀ ପି.ଏମ୍. ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥିରୁ ଆମ ରାଜ୍ୟର ଯୁବଗୋଷ୍ଠୀ ଲାଭ ପାଇବା ସହିତ ଏହି ଯୋଜନାରେ ରାଜ୍ୟ ସରକାର ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ତେଣୁ ଆସନ୍ତା ୫ ବର୍ଷରେ ରାଜ୍ୟରେ ଯେତେବେଳେ ଶିଳ୍ପ ବିପ୍ଳବ ଆସିଥିବ, ସେତେବେଳେ ଆମ ରାଜ୍ୟର ଯୁବଗୋଷ୍ଠୀ ଇଣ୍ଡଷ୍ଟ୍ରି ପ୍ରସ୍ତୁତ ଥିବେ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବବର୍ଗ ହେଉଛନ୍ତି ଆମ ଅଭିବୃଦ୍ଧିର ଇଞ୍ଜିନ। ସେମାନଙ୍କ ଦକ୍ଷତା ବିକାଶ ପାଇଁ ସି.ଏମ୍.ଆସ୍ୱାୟାର ଯୋଜନା, ନୂଆ-ଓଡ଼ିଶା ଯୋଜନା ଏବଂ ଆଇଟିଆଇ ଓ ପଲିଟେକ୍ନିକ ଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ୱାର୍ଲ୍ଡ ସ୍କିଲ ସେଣ୍ଟରରେ ସେମିକଣ୍ଡକ୍ଟର ସହିତ ଆହୁରି ଅନେକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଟ୍ରେନିଂ ଦିଆଯିବ। ବୃତ୍ତିଗତ ଓ ବୈଷୟିକ ଶିକ୍ଷାରେ ଝିଅମାନଙ୍କୁ ସଶକ୍ତ କରିବା ପାଇଁ ସୁଦକ୍ଷା ଯୋଜନା ଓ ଯୁବପିଢ଼ିଙ୍କୁ ଉଦ୍ୟୋଗୀ କରିବା ପାଇଁ ନାନୋ ୟୁନିକର୍ଣ୍ଣ ଯୋଜନା ଯୁବବର୍ଗଙ୍କ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ।

ଉତ୍କର୍ଷ ଓଡ଼ିଶା ମେକ-ଇନ ଓଡ଼ିଶା କନକ୍ଲେଭ ଆଶାଠାରୁ ଅନେକ ଗୁଣରେ ସଫଳତା ପାଇଛି। ପ୍ରାୟ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ସେଥିମଧ୍ୟରୁ ୧୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ୧୩ ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ବିନା ଭିତ୍ତିଭୂମିରେ ଶିଳ୍ପ ବିକାଶର ପରିକଳ୍ପନା କରାଯାଇପାରିବ ନାହିଁ। ସେଥିପାଇଁ ରାଜ୍ୟ ସରକାର ନୂତନ ସଡ଼କ ନୀତି ପ୍ରସ୍ତୁତ କରିବା ସହିତ ଓଡ଼ିଶା ରାଜପଥ ପ୍ରାଧିକରଣ ଗଠନ କରିବା ପାଇଁ ଯାଉଛନ୍ତି । ଓଡ଼ିଶା ରାଜପଥ ପ୍ରାଧିକରଣ ବିଲ୍ ବିଧାନସଭାରେ ପାରିତ ହୋଇଛି। ଖୁବ୍ ଶୀଘ୍ର ଗଠନ ହେବ। ଶିଳ୍ପାୟନର ସୁବିଧା ପାଇଁ ଆସନ୍ତା ୫ ବର୍ଷରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ଆମର ଲକ୍ଷ୍ୟ ରହିଛି। ଗୁରୁବାର ଉଦ୍‌ଘାଟିତ ହୋଇଥିବା ବରୁଣ ବେଭରେଜ ପ୍ଲାଣ୍ଟରେ ବହୁସଂଖ୍ୟାକ ଓଡ଼ିଆ ଯୁବକଙ୍କ ନିଯୁକ୍ତିକୁ ନେଇ ଖୁସିବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଓଡ଼ିଶାକୁ ଦେଶର ଏକ ମାନୁଫାକ୍ଚରିଂ ହବ୍ କରିବାକୁ ଯାଉଛୁ। ଆପଣମାନେ ଆଉ ବାହାରକୁ ନ ଯାଇ ଏଠାରେ ସମସ୍ତେ ନିଯୁକ୍ତି ପାଇବେ। କେବଳ ନିଯୁକ୍ତି ନୁହେଁ, ଆପଣମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଆମେ ବିଭିନ୍ନ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛୁ। ଶିଳ୍ପାଞ୍ଚଳରେ ଦୀନ୍ ଦୟାଳ କର୍ମଚାରୀ ନିବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ବ୍ୟବସ୍ଥା କରାଯାଉଛି। ଏମଏସଏମଇ କ୍ଷେତ୍ରରେ କାମ କରୁଥିବା ୧୫ରୁ ୨୦ ହଜାର ଶ୍ରମିକମାନଙ୍କ ପାଇଁ ୫ଟି ହଷ୍ଟେଲ କରାଯିବ। ଏହା ସହିତ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ଶିଳ୍ପପତି ଓ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଶିଳ୍ପପତି, ଶ୍ରମିକ ଓ ସରକାର ଏହି ତିନି କ୍ଷେତ୍ର ମଧ୍ୟରେ ସମନ୍ୱୟ ରହିଲେ ପ୍ରଗତି ଆସିବ। କାର୍ଯ୍ୟକ୍ରମରେ ଶିଳ୍ପ ତଥା ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଆଜି ଓଡ଼ିଶାରେ ଲୋକମାନେ ଅନୁଭବ କଲେଣି ଯେ, ଲୋକଙ୍କ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହ ଯୋଡ଼ି ହୋଇ ଅଛନ୍ତି ଓ ଓଡ଼ିଶାର ସମୃଦ୍ଧି ପାଇଁ ଦିନରାତି ଏକ କରି କାମ କରୁଛନ୍ତି। ଉତ୍କର୍ଷ ଓଡ଼ିଶା ଆୟୋଜନର ୨ ମାସ ମଧ୍ୟରେ ଆଜି ଏଠାରେ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି। ଏସବୁ ଶିଳ୍ପପତିମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଆୟୋଜନ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ରୋଡ୍ ସୋ'ରେ କଥାବାର୍ତ୍ତା ହୋଇଥିଲେ। ଏସବୁ ଶିଳ୍ପାନୁଷ୍ଠାନ ଗୁଡ଼ିକରେ ସ୍ଥାନୀୟ ଯୁବଗୋଷ୍ଠୀ ଅଧିକ ନିଯୁକ୍ତି ପାଇବେ। ବରୁଣ ବେଭରେଜର ଏହି ପେପସି ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ଆହୁରି ଅନେକ ବେଭରେଜ କମ୍ପାନୀ ମଧ୍ୟ ଏଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆସିବେ। ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଆମ ସରକାର ଯାହା କଥା ଦିଅନ୍ତି ତାହା ରଖନ୍ତି। କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ କହିଥିଲେ ଯେ, ଦଳମତ ନିର୍ବିଶେଷରେ ଏହି ବିକାଶ କାର୍ଯ୍ୟକୁ ଆମେ ସମସ୍ତେ ସହଯୋଗ କରିବା। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଜିଲ୍ଲାର ପ୍ରଗତିର ଧାରାକୁ ଏହି ଶିଳ୍ପାୟନ ଆହୁରି ତ୍ୱରାନ୍ୱିତ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଶିଳ୍ପପତିମାନେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁଭଳି ସହଯୋଗ ମିଳୁଛି ତାହା ଆଉ କୌଣସି ରାଜ୍ୟରେ ଦେଖିବାକୁ ମିଳେନାହିଁ ବୋଲି କହିଥିଲେ। ଶିଳ୍ପବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଓ ଜିଲ୍ଲାପାଳ ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଥାଇଲାଣ୍ଡରେ ଥାଇ...

ଷଷ୍ଠତମ ଶିଖର ସମ୍ମିଳନୀରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ଶିନାୱାଟ ମନ୍ଦିର ପରିଦର୍ଶନ କରିବା ସହ ସେଠାରେ ଥିବା ବୁଦ୍ଧଙ୍କ ବିଶାଳ ପ୍ରତିମୂର୍ତ୍ତି ଦର୍ଶନ କରିବେ। ଏହି ସମ୍ମିଳନୀରେ ଥାଇଲାଣ୍ଡ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ମିଆଁମାର ଏବଂ ଭୁଟାନର ନେତାମାନେ ଅଂଶଗ୍ରହଣ କରିବେ।

## ଦେଶରେ ୨୨ ଲକ୍ଷ ...

କେନ୍ଦ୍ର ସ୍ଥାପନ ପାଇଁ ଉପଯୁକ୍ତ ପ୍ରସ୍ତାବ ପଠାଇବାକୁ ଅନୁରୋଧ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ପ୍ରତିବର୍ଷ ପ୍ରାୟ ୧.୮ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଭଲଭାବେ ଡ୍ରାଇଭିଂ ଜାଣି ନଥିବା ଡ୍ରାଇଭରଙ୍କ ଯୋଗୁ ମୃତ୍ୟୁବରଣ କରିଥାନ୍ତି।

## ବିଶ୍ୱବିଦ୍ୟାଳୟ...

ଧରି ଆଲୋଚନା ହୋଇଥିଲା। ଆଲୋଚନାର ଉତ୍ତର ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ବିରୋଧୀ ଦଳ କହୁଛନ୍ତି କାହିଁକି ତରବରିଆ ଭାବେ ବିଲ୍ ଗୃହୀତ କରାଯାଉଛି। ସେମାନେ ଜାଣିବା ଦରକାର ଯେ, ରାଜ୍ୟରେ ଏବେ ବିଶ୍ୱବିଦ୍ୟାଳୟ ଗୁଡିକ ମୋଟ ୩୫ ପ୍ରତିଶତ ଶିକ୍ଷକ ପଦବୀ, ୨୯ ପ୍ରତିଶତ ଅଣଶିକ୍ଷକ ପଦବୀରେ ଚାଲିଛି। ୮ଟି ସରକାରୀ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ଥିବା ବେଳେ ୯ଟିର ନାକ୍ ମାନ୍ୟତା ନାହିଁ। ତେଣୁ ବିଶ୍ୱବିଦ୍ୟାଳୟଗୁଡିକରେ ଖାଲି ଥିବା ପଦବୀ ପୂରଣ କରିବା ପାଇଁ ଏହି ବିଲ୍ ଅଣାଯାଇଛି। ସେ କହିଥିଲେ ବିଜେଡି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ ପାଇଁ ଦେଇଥିବା ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିବାକୁ ୟୁଜିସି ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବା ପରେ ତାହା ବନ୍ଦ ହୋଇଥିଲା। ଓପିଏସ୍‌ସି ଦ୍ୱାରା ହୋଇଥିବା ନିଯୁକ୍ତିକୁ ହାଇକୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ କରାଯାଇଥିଲା। ମନ୍ତ୍ରୀ କହିଥିଲେ ପୂର୍ବ ସରକାର ଅଫିସରମାନଙ୍କ ଗ୍ରୁପ୍ ଦ୍ୱାରା କୁଳପତି ବାଛିବାକୁ ଷଡଯନ୍ତ୍ର ହୋଇଥିଲା। ଆମ ସରକାର ବିଶ୍ୱବିଦ୍ୟାଳୟର ସ୍ୱୟତତା ଫେରାଇ ଆଣିବାକୁ ଏହି ନୂଆ ଆଇନ୍ ଆଣିଛନ୍ତି। ବିଶ୍ୱବିଦ୍ୟାଳୟଗୁଡିକୁ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଗତ ସରକାର ଯେଉଁ ପାପ କରିଛନ୍ତି ସେଥିପାଇଁ ସେମାନେ ତ କ୍ଷମା ମାଗିପାରିବେ ନାହିଁ ମୁଁ ଶିକ୍ଷକ ସମାଜକୁ କ୍ଷମା ମାଗୁଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ବାଚନିକ ଭୋଟରେ ବିଲ୍ଟି ଗୃହୀତ ହୋଇଥିଲା।

## ପୁଣି କଂଗ୍ରେସର...

ପିସିସି ସଭାପତିଙ୍କ ଏହି ଘୋଷଣା ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ଜାଗ୍ରତ କରିବାର ଏକ ପ୍ରୟାସ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି ।

## ଆର୍ଥିକ ବିକାଶ ...

ରାଜ୍ୟରେ ରାସ୍ତା ବ୍ୟବହାରକାରୀ ସୁରକ୍ଷା, ଜବରଦଖଲ ନିୟନ୍ତ୍ରଣ ଏବଂ ରାଜପଥର ବୈଜ୍ଞାନିକ ପରିଚାଳନା ସହିତ ଜଡିତ ବିଷୟଗୁଡ଼ିକ ପାଇଁ ଏକ ତ୍ୱରିତ ପଦ୍ଧତି ଆବଶ୍ୟକ। ବର୍ତ୍ତମାନ ସମୟରେ ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର ମଧ୍ୟପ୍ରଦେଶ, କେରଳ ଏବଂ ଗୁଜରାଟ ସମୂହ ରାଜ୍ୟରେ ଏଭଳି ରାଜ୍ୟ ରାଜପଥ ପ୍ରାଧିକରଣ ବ୍ୟବସ୍ଥା ଥିବା ବେଳେ ଓଡ଼ିଶା ଏଥିରେ ସାମିଲ ହୋଇଛି । ସଡ଼କ ଭିତ୍ତିଭୂମିର ପ୍ରଭାବୀ ପରିଚାଳନା, ଯୋଜନା, ବିକାଶ ଓ ରକ୍ଷଣାବେକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ନାମରେ ଏକ ସ୍ୱୟଂଶାସିତ ସଂସ୍ଥା ରହିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ୫ ଯାଏଁ ...

ଯାଏଁ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ଓ ପବନ ସହ କୁଆପଥର ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜୋନରେ ରଖାଯାଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ୮ ଜିଲ୍ଲା ହେଉଛି ମାଲକାନାଗିରି, କୋରାପୁଟ, ରାୟଗଡ, ଅନୁଗୁଳ, କେଉଁଝର, ମୟୁରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର । ସେହିଭଳି ୟେଲୋ ଜୋନରେ ଥିବା ୧୨ ଜିଲ୍ଲା ହେଉଛି ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ନୟାଗଡ, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡା ଓ ଜଗତସିଂହପୁର।

## ବିଧାନସଭାର ଟେକ...

ଓଡ଼ିଶା ବିଶ୍ୱବିଦ୍ୟାଳୟ ବିଲ୍ ଉପରେ ଗୃହରେ ରାତି ତମାମ ଆଲୋଚନା ହୋଇଥିଲା। ସେହିପରି ୨୦୦୩ ମସିହାରେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ମଧ୍ୟ ବିଧାନସଭାରେ ଓଡ଼ିଶା ପୋଲିସ୍ ବିଲ୍ ଉପରେ ଆଲୋଚନା ସାରାରାତି ଚାଲିଥିଲା। ଏବେ ୨୨ ବର୍ଷ ପରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଆଲୋଚନା ହେଲା। ମୋହନ ମାଝୀ ସରକାର ପଣ କରିଥିଲେ ଯାହାବି ହେଉ ବୁଧବାର ବିଧାନସଭାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍-୨୦୨୫ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପ୍ରାଧିକରଣ ବିଲ୍-୨୦୨୫କୁ ଗୃହରେ ପାରିତ କରିବେ। ସେହି ଅନୁସାରେ ବୁଧବାର ଅପରାହ୍ନ ୪ଟାରୁ ଆଲୋଚନା ଆରମ୍ଭ ହେଲା। ଦୀର୍ଘ ସାଢେ ୧୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଆଲୋଚନା ଚାଲିଲା। ଭୋର ୪ଟା ୨୯ରେ ବିଲ୍ ପାରିତ ହେଲା। ତତ୍‌କ୍ଷଣାତ ଆଉ ଏକ ସରକାରୀ ବିଲ୍ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍-୨୦୨୫ ଆଗତ ହେଲା। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଲ୍‌କୁ ଆଗତ କରିଥିଲେ। ତାହା ମଧ୍ୟ ଦୀର୍ଘ ସମୟ ଧରି ଆଲୋଚନା ପରେ ପାରିତ ହୋଇଥିଲା। ବିଧାନସଭାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ବିଧି ବା ଆଇନ୍ ପ୍ରଣୟନ କରିବା। ସେହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମୋହନ ମାଝୀ ସରକାର ସମ୍ପାଦନ କଲେ। ବିଲ୍ ଆଲୋଚନାରେ ରାତି ପାହିଲା। ବିଲ୍ ଉପରେ ଗୁଣାତ୍ମକ ଆଲୋଚନା ପାଇଁ ବିଧାନସଭା ଏକ ବଳିଷ୍ଠ ମଞ୍ଚ ଭାବେ ଦୀର୍ଘ ଦିନ ପରେ ଆତ୍ମପ୍ରକାଶ କରିବା ଭଳି ପ୍ରତୀୟମାନ ହେଲା। ନବାଗତ ବିଧାୟକମାନେ ଏଥିନେଇ ବେଶ୍ ଉତ୍ସାହିତ ହେବା ସହ ବଡ ଖୁସି ଅନୁଭବ କଲେ। ବିଲ୍ ଆଲୋଚନା ବେଳେ ବିରୋଧୀ ଦଳରୁ ଅରୁଣ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଗଣେଶ୍ୱର ବେହେରା ଯଥାକ୍ରମେ ୩ ଘଣ୍ଟା, ଦେଢ ଘଣ୍ଟା ଓ ଘଣ୍ଟାଏ ଉର୍ଦ୍ଧ୍ୱ ସମୟ ବିତର୍କରେ ଭାଗ ନେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ବିରୋଧୀଙ୍କ ସବୁ ଯୁକ୍ତି ଆକ୍ଷେପ ଓ ସମାଲୋଚନାର ପାଲଟା ଜବାବ ଦୃଢତାର ସହ ଦେଇଥିଲେ। ଯାହାକୁ ସମଗ୍ର ଗୃହ ରାତିତମାମ ଉପଭୋଗ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ଗୃହରେ ଉପସ୍ଥିତ ଅନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସମସ୍ତେ ଆଲୋଚନାର ଗୁରୁତ୍ୱକୁ ବେଶ୍ ଭଲ ଭାବେ ଅନୁଭବ କରିଥିଲେ। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ଯଦିଓ ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ବିରୋଧ କରି ସିଲେକ୍ଟ କମିଟିକୁ ପଠାଇବା ସକାଶେ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲା ତେବେ ତାହା ଉପରେ ଆଲୋଚନା ପରେ ପ୍ରସ୍ତାବଟି କାଟ୍ ଖାଇଯାଇଥିଲା। ଯାହାକୁ ନେଇ ବିଜେଡ଼ି ବିଧାୟକମାନେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା ମଧ୍ୟ କରିବାକୁ ପଛାଇ ନଥିଲା। ଏଭଳି ପରିସ୍ଥିତି ମଧ୍ୟରେ ଗୃହ ସକାଳ ୭ଟା ପର୍ଯ୍ୟନ୍ତ ଚାଲିଥିଲା। ବିଲ୍ ଉପରେ ଆଲୋଚନା ବୁଧବାର ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ଗୁରୁବାର ଭୋର ସାଢେ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ବିଲ୍ ଗୃହିତ ହେବା ପରେ ରାଜ୍ୟରାଜପଥ ପ୍ରାଧିକରଣ ବିଲ୍ ଆଗତ ଆଲୋଚନା ଏବଂ ଗୃହୀତ ହୋଇଥିଲା। ଏହା ପରେ ସ୍ୱସ୍ତି ବାଚନିକ ବା ଭାଲିଡେଟାରୀ (ବିଦାୟକାଳୀନ ସମ୍ଭାଷଣ) ପାଇଁ ବାଚସ୍ପତି ଡାକିଥିଲେ। ସେତେବେଳକୁ ମୁଖ୍ୟମନ୍ତ୍ରୀ ଗୃହରେ ଉପସ୍ଥିତ ଥିଲେ ଏବଂ ସଙ୍ଗେ ସଙ୍ଗେ ବିଦାୟ କାଳୀନ ସମ୍ଭାଷଣ ଆରମ୍ଭ କରି ଗୃହ ସୁପରିଚାଳନା ଏବଂ ଏଥିରେ ସହଯୋଗ ପାଇଁ ବାଚସ୍ପତି, ଉପବାଚସ୍ପତି, ଅଧିଷ୍ଠାତା ବର୍ଗ, ବିରୋଧୀ ଦଳ ନେତା, ଅନ୍ୟ ଦଳର ନେତା ଏବଂ ବିଧାନସଭା ସୁରକ୍ଷା କର୍ମଚାରୀ, ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ମିଡିଆ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇବା ପରେ ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତିରେ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏବଂ ଶେଷରେ ବାଚସ୍ପତି ସୁରମା ପାଢୀ ମଧ୍ୟ ଅନୁରୂପ ଭାବେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ପରେ ବାଚସ୍ପତି ଶ୍ରୀମତୀ ପାଢୀ ସକାଳ ୭ଟା ୫ମିନିଟ୍‌ରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏଥର ବଜେଟ ଅଧିବେଶନରେ ଅନେକ ଅଭାବନୀୟ ଘଟଣା ସୃଷ୍ଟି ହୋଇଥିଲା। ଯାହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବା ପାଇଁ ଭରପୁର ଉଦ୍ୟମ କରିଥିଲେ। ହେଲେ ମୋହନ ମାଝୀଙ୍କ ନେତୃତ୍ୱରେ ପରିଚାଳିତ ସରକାର କିନ୍ତୁ ଦୃଢ ରଣକୌଶଳ ପ୍ରସ୍ତୁତ କରି ବିରୋଧୀଙ୍କୁ ପ୍ରତିହତ କରିବାରେ ସକ୍ଷମ ହୋଇଥିଲେ। ଦୁଇଟି ପର୍ଯ୍ୟାୟରେ ବଜେଟ ଅଧିବେଶନ ସମୁଦାୟ ୨୮ଟି କାର୍ଯ୍ୟ ଦିବସ ପାଇଁ ନିର୍ଦ୍ଧାରିତ ହୋଇଥିଲା ବେଳେ ୩ ଦିନ ପୂର୍ବରୁ ଗୃହକୁ ମୁଲତବୀ କରାଯାଇଥିଲା। ଏହି ଅଧିବେଶନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ ଓ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବା ସହ ଆଉ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଲ୍ ମଧ୍ୟ ପାରିତ ହୋଇଥିଲା। ୨୨ଟି ସରକାରୀ ବିଭାଗର ଖର୍ଚ୍ଚ ଦାବି ଉପରେ ଗୃହରେ ଆଲୋଚନା ହୋଇଥିବା ବେଳେ ୧୩ଟି ମୁଲତବୀ ପ୍ରସ୍ତାବ ମଧ୍ୟରୁ ୭ଟିର ଆଲୋଚନା କରାଯାଇଥିଲା। ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିବା ପ୍ରଥମାର୍ଦ୍ଧ ଅଧିବେଶନ କାଳରେ ଗୃହ ୩ ଦିନ ବିରୋଧୀଙ୍କ ହଙ୍ଗାମା, ନାରାବାଜି, ପୋଷ୍ଟର ପ୍ରଦର୍ଶନ ଆଦି କାରଣରୁ ଅଚଳ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧ ଅଧିବେଶନ କାଳରେ ଗୃହ ପାଖାପାଖି ୧୩ ଦିନ ପାଇଁ ଅଚଳ ହୋଇଥିଲା। ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ (ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ନାରୀ ନିର୍ଯ୍ୟାତନା)କୁ ଧରି କଂଗ୍ରେସ ଦଳ ପକ୍ଷରୁ ବିଧାୟକମାନେ ଗୃହ ମଝିରେ ଘଣ୍ଟମାଡ଼, ହୁଇସିଲ ବଜାଇବା, କଳା ପୋଷାକ ପରିଧାନ, ପୋଷ୍ଟର ପ୍ରଦର୍ଶନ ପୂର୍ବକ ହଙ୍ଗାମା ଜାରି ରଖିବାରୁ ଗୃହ ଅଚଳ ହୋଇଥିଲା। ଏପରିକି କଂଗ୍ରେସ ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ତାଙ୍କ ଉପରକୁ କାଗଜ ପୁଡ଼ିଆ ପକାଇବା ସହ ଉଚ୍ଚସ୍ୱରରେ ହୋ ହାଲ୍ଲା କରିଥିଲେ। ଏଭଳି ବିଶୃଙ୍ଖଳିତ ଆଚରଣ ପାଇଁ ବାଚସ୍ପତି ବାରମ୍ବାର ତାଗିଦ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ମିଳିନଥିଲା। ସ୍ୱାଭାବିକ ଗୃହ ପରିଚାଳନା ପାଇଁ ବାଚସ୍ପତି ଅନେକ ବାର ସର୍ବଦଳୀୟ ବୈଠକ ଡାକିବା ସହ ଗୃହକୁ ମୁଲତବୀ ଘୋଷଣା ମଧ୍ୟ କରିଥିଲେ। ଏହା ସତ୍ତ୍ୱେ ସ୍ଥିତିରେ ସୁଧାର ନ ଆସିବାରୁ ଗୃହର ମତ ନେଇ ବାଚସ୍ପତି ତିନୋଟି ପର୍ଯ୍ୟାୟରେ କଂଗ୍ରେସ ଦଳର ୧୪ଜଣ ବିଧାୟକଙ୍କୁ ଗୃହରୁ ୭ ଦିନ ପାଇଁ ନିଲମ୍ବନ କରିଥିଲେ। ପ୍ରଥମଥର ତାରା ପ୍ରସାଦ ବାହିନୀପତିଙ୍କୁ ନିଲମ୍ବନ ଆଦେଶ ଦିଆଯାଇଥିବା ବେଳେ ଦ୍ୱିତୀୟ ଥର ୧୨ଜଣଙ୍କୁ ଏବଂ ତୃତୀୟ ପର୍ଯ୍ୟାୟରେ ଆଉ ଦୁଇଜଣଙ୍କୁ ନିଲମ୍ବିତ କରାଯାଇଥିଲା। ଯାହାଫଳରେ କଂଗ୍ରେସ ବିଧାୟକମାନେ ତୃତୀୟ ପର୍ଯ୍ୟାୟ ଅଧିବେଶନ କାଳର ଶେଷ ଭାଗରେ ଗୃହକୁ ଆଉ ଆସିନଥିଲେ। କେବଳ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଗୃହରେ ଆଲୋଚନାରେ ସରକାରଙ୍କ ସହିତ ଭାଗ ନେଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି, ନାରୀ ସୁରକ୍ଷା, ଏସ୍‌ଟି, ଏସ୍‌ସି, ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଗୃହରେ ସରଗରମ ଆଲୋଚନା ହୋଇଥିଲା। ତେବେ ବିରୋଧୀଙ୍କ ହଙ୍ଗାମା, ନାରବାଜି ଜନିତ ଅଚଳାବସ୍ଥା ଯୋଗୁଁ ଗୃହର ମୂଲ୍ୟବାନ ୩୯.୨ ଘଣ୍ଟା ସମୟ ବରବାଦ ହୋଇଥିଲା। ଯେଉଁଥିପାଇଁ ବାଚସ୍ପତି ଶ୍ରୀମତୀ ପାଢୀ ଗୃହରେ କ୍ଷୋଭବ୍ୟକ୍ତ କରିଥିଲେ ଏବଂ ଏଥିପାଇଁ ଉଭୟ ସରକାର ଓ ବିରୋଧୀ ଦଳଙ୍କ ସହଯୋଗରେ ଗୃହର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସ୍ୱାର୍ଥ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡ଼ି ପକ୍ଷରୁ ଗୃହରେ ଆଲୋଚନା ପାଇଁ ଦାବି ଉଠିଥିଲା। ଅନ୍ୟ ପକ୍ଷରେ ସରକାର ମଧ୍ୟ ଏହାକୁ ଗ୍ରହଣ କରି ଆଲୋଚନା ପାଇଁ ସୁଯୋଗ ଦେଇଥିଲେ। ବିଶେଷକରି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଉପରେ ଗୃହରେ ଆଲୋଚନା ବେଳେ ବିରୋଧୀ ଦଳକୁ ପର୍ଯ୍ୟାପ୍ତ ସୁଯୋଗ ମିଳିଥିଲା। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ସରକାର ବିରୋଧୀ ଦଳକୁ ଆଲୋଚନା ପାଇଁ ସୁଯୋଗ ଦେବା ବିଷୟରେ ଶାସକ ଦଳ ମଧ୍ୟ ସହଯୋଗର ହାତ ବଢାଇଥିଲେ। ଏହି ବିଲ୍ ଉପରେ ଗୃହରେ ସାରଗର୍ଭକ ଆଲୋଚନା ବେଳେ ସମସ୍ତେ ଉପସ୍ଥିତ ରହିଥିବା ଦେଖାଯାଇଥିଲା। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀ ମଣ୍ଡଳର ସଦସ୍ୟ ଏବଂ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ଆରମ୍ଭରୁ ଶେଷ ଯାଏ ଉପସ୍ଥିତ ରହିଥିଲେ।

# ୫ରୁ ୬ ଦିନ ବ୍ୟାପୀ ଲିଙ୍ଗରାଜ ମହୋତ୍ସବ : ଯୋଗଦେବେ ୭୦୦ରୁ ଉର୍ଦ୍ଧ୍ୱ କଳାକାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପ୍ରତିବର୍ଷ ପରି ଚଳିତବର୍ଷ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୫ ତାରିଖ ଶନିବାର ଠାରୁ ୧୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ୬ଦିନ ବ୍ୟାପୀ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଏଥିରେ ୭୦୦ରୁ ଉର୍ଦ୍ଧ୍ୱ କଳାକାର ଯୋଗଦେବେ। ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ରଥଯାତ୍ରା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଓ ସାଧାରଣ ସମ୍ପାଦକ ସନତ ମିଶ୍ର ସୂଚନା ଦେଇଛନ୍ତି।

ଗୁରୁବାର ଦିନ ପୁରୁଣା ଭୁବନେଶ୍ୱରସ୍ଥିତ ଭଜନ ମଣ୍ଡପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତରାୟ ଓ ସାଧାରଣ ସମ୍ପାଦକ ଶ୍ରୀ ମିଶ୍ର କହିଛନ୍ତି ଯେ, ଚଳିତବର୍ଷ ଅଧିକ ପଡ଼ୋଶୀ ରାଜ୍ୟ ଏବଂ ଓଡ଼ିଶାର କଳାକାରମାନେ ନୃତ୍ୟ ପରିବେଷଣ କରିବେ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ପ୍ରତିଭା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬ ଦିନ ବ୍ୟାପୀ ମହୋତ୍ସବ ପାଳନ କରାଯିବ। ୫ ତାରିଖରେ ତ୍ରିଧାରା ଭୁବନେଶ୍ୱରର ଓଡ଼ିଶୀ ନୃତ୍ୟ, ଶ୍ରୀ ଜଗନ୍ନାଥ ସଂସ୍କୃତି କଳା ନିକେତନ ଗଞ୍ଜାମର ଦେବଦାସୀ ନୃତ୍ୟ, ରାଜଜ୍ୟୋତି ଡ୍ୟାନ୍ସ ଗ୍ରୁପ୍ କୋଲକତାର କ୍ରିଏଟିଭ ଡ୍ୟାନ୍ସ, ଗୁରୁ ତାରକ ସାହା କୋଲକତାର ଗୌଡୀୟ ନୃତ୍ୟ ଓ ଇଷ୍ଟର୍ଣ୍ଣ ଜୋନ କଲଚରାଲ ସେଣ୍ଟର ତରଫରୁ ପୁରୁଲିଆ ଛଉନୃତ୍ୟ, ୬ ତାରିଖରେ ପଦ୍ମଶ୍ରୀ ଇଲିଆନ ସୀତାରିଷ୍ଟି ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ବିଦୁଷୀ ଝୀନୁକ୍ ମୁଖାର୍ଜୀ କୋଲକତାଙ୍କ ଭାରତ ନାଟ୍ୟମ, ଶଙ୍କର ବାଇଙ୍କ ସମ୍ବଲପୁରୀ ନୃତ୍ୟ, ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେଣ୍ଟର ପୁରୁଲିଆ ଛଉନୃତ୍ୟ, ତ୍ରିନେତ୍ର କଳାକୁଞ୍ଜର କାଳୀ ନୃତ୍ୟ ଓ ବୀଣାକେଶରୀଙ୍କ ପାଲିନୃତ୍ୟ, ୭ ତାରିଖରେ ଗୁରୁ ମନୋରଞ୍ଜନ ପ୍ରଧାନ ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ବିହାରସ୍ଥିତ ସାକର କଳାକିର୍ତ୍ତୀ (ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେଣ୍ଟର)ଙ୍କ ଫୋକ୍ ନୃତ୍ୟ, ବଲାଙ୍ଗୀରସ୍ଥିତ ଶଙ୍କର ବେହେରାଙ୍କ ସମ୍ବଲପୁରୀ ନୃତ୍ୟ, ବିଦୁଷୀ ଝୀନୁକ୍ ମୁଖାର୍ଜୀ କୋଲକତାଙ୍କ କ୍ରିଏଟିଭ ଡ୍ୟାନ୍ସ ଓ ଛତିଶଗଡ଼ର ଝୁମର ନୃତ୍ୟ, ୮ ତାରିଖରେ ଗୁରୁ ପ୍ରତିଭା ପଣ୍ଡା ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ବିହାରସ୍ଥିତ ସାକର କଳାକିର୍ତ୍ତୀ (ଇଷ୍ଟର୍ଣ୍ଣ ଜୋନ୍ କଲଚରାଲ ସେଣ୍ଟର)ଙ୍କ ଫୋକ୍ ନୃତ୍ୟ, ଭିଲାଇସ୍ଥିତ ରିତେଶ ବାବୁଙ୍କ ଡ୍ୟାନ୍ସ ଡ୍ରାମା, ଶାନ୍ତିନିକେତନର ମଣିପୁର ନୃତ୍ୟ, ଶୁଭଶ୍ରୀ କଳାନିକେତନ ଭୁବନେଶ୍ୱରର ସମ୍ବଲପୁରୀ ନୃତ୍ୟ, ଓ କଟକସ୍ଥିତ ନୃତ୍ୟମ୍‌ର କ୍ରିଏଡ଼ିଭ ଡ୍ୟାନ୍ସ, ୯ ତାରିଖରେ ରାଞ୍ଚିସ୍ଥିତ ଗୁରୁ ସବିତା ମିଶ୍ରଙ୍କ ଓଡ଼ିଶୀ ନୃତ୍ୟ, ଆସାମସ୍ଥିତ ରୁପମ୍ ଶର୍ମାଙ୍କ ବିହୁ ନୃତ୍ୟ, କଟକସ୍ଥିତ କଳା ବିକାଶ କେନ୍ଦ୍ରର ଓଡ଼ିଶୀ ନୃତ୍ୟ, କୋଲକତାସ୍ଥିତ କଳା ରସିକ ଫାଉଣ୍ଡେସନର କ୍ରିଏଟିଭ ନୃତ୍ୟ, ଆଲୋକ ବିଶୋୟୀଙ୍କ ଆନିମଲ ମାସ୍କ ଓ ମମତା ଶତପଥୀ ଭୁବନେଶ୍ୱରଙ୍କ କ୍ରିଏଟିଭ ଡ୍ୟାନ୍ସ ଏବଂ ୧୦ ତାରିଖରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ଭୁବନେଶ୍ୱରଙ୍କ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱରସ୍ଥିତ ଶିଳ୍ପୀକାର କ୍ରିଏଟିଭ ନୃତ୍ୟ, କଟକଜିଲ୍ଲା ଚୌଦ୍ୱାରସ୍ଥିତ ପଦ୍ମଶ୍ରୀ ଉତ୍ସବ ଦାସଙ୍କ ଘୋଡ଼ାନାଚ, ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଡ୍ୟାନ୍ସ ଏକାଡ଼େମୀର ଓଡ଼ିଶୀ ନୃତ୍ୟ, କୋଲକତାସ୍ଥିତ ଆଦି ନୃତ୍ୟକଳା ଏକାଡ଼େମୀର କ୍ରିଏଟିଭ ନୃତ୍ୟ ଏବଂ ଆସାମସ୍ଥିତ ରୂପମ ଶର୍ମାଙ୍କ ବିହୁ ନୃତ୍ୟ ପରିବେଷଣ କରାଯିବ। ଏହି ୬ ଦିନିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିବେ ବାସୁଦେବ ନାଥ।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶନୀ ସଂସ୍ଥାର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ରଶ୍ମୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, କାର୍ଯ୍ୟାଳୟ ସମ୍ପାଦକ ବିଶ୍ୱନାଥ ମହାପାତ୍ର, କେଦାରନାଥ ମହାପାତ୍ର, ଶ୍ରୀବତ୍ସ ପତି, ଲଲାଟେନ୍ଦୁ ମହାନ୍ତି, ବାବନ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ଦାସ, ଗଣେଶ ପାଲ ଓ ଦେବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଛେପ ପକାଇବା ଏବଂ ଆବର୍ଜନା ପାଇଁ ମାର୍ଚ୍ଚ ମାସରେ ୫୮୧ ଜଣଙ୍କୁ ଜରିମାନା




**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ ୧,୧୭,୧୦୦ ଟଙ୍କା ଅଟେ ।

ଅଳିଆ ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି । ଏହି କାର୍ଯ୍ୟ ବାହିନୀ ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ, ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଛି । ସକ୍ରିୟ ତଦାରଖ ସହିତ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ।

ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା ଛେପ ପକାଇବା, ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଜରିମାନା ଦେବାକୁ କ୍ଷମତା ଦିଆଯାଇଛି। ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ପକାଇବା, ଛେପ ପକାଇବା, ରୋଷେଇ କରିବା, ଗାଧୋଇବା, ପରିସ୍ରା କରିବା କିମ୍ବା ମଳତ୍ୟାଗ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ। ଏହାର ଲକ୍ଷ୍ୟ ହେଉଛି ସମସ୍ତ ଯାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ମନୋରମ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ।

ପୂର୍ବତଟ ରେଳପଥର କଠୋର ସତର୍କତା ଉପରେ ଧ୍ୟାନ ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ବିସ୍ତାର କରାଯାଇଛି ଯାହାଦ୍ୱାରା ଷ୍ଟେସନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ଲାଗୁ କରିବାର ଦାୟିତ୍ୱ ରହିଛି।

# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ପରିବେଶ ଦିବସ ପାଳନ

**ଯାଜପୁର, ନ୍ୟୁଜ ବ୍ୟୁରୋ**




ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ଯାଜପୁର ପ୍ଲାଣ୍ଟ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରମୁଖ ପରିବେଶ ଦିବସଗୁଡ଼ିକୁ ପାଳନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ ଅନ୍ତର୍ଜାତୀୟ ବନ ଦିବସ (୨୧ ମାର୍ଚ୍ଚ), ବିଶ୍ୱ ଜଳ ଦିବସ (୨୨ ମାର୍ଚ୍ଚ), ଏବଂ ଅନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସ (୩୦ ମାର୍ଚ୍ଚ) ଅନ୍ତର୍ଭୁକ୍ତ। କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମଗୁଡିକର ଲକ୍ଷ୍ୟ ଥିଲା।

ବୃକ୍ଷରୋପଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରି ମାର୍ଚ୍ଚ ୨୧ ତାରିଖରେ ଚାରା ବଣ୍ଟନ ଅଭିଯାନ ସହିତ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଜେଏସଏଲ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ଲାଣ୍ଟ ପରିସରର ସବୁଜିମାକୁ ଆହୁରି ବୃଦ୍ଧି କରି ୧୦୦ରୁ ଅଧିକ ଗଛ ରୋପଣ କରିଥିଲେ । ୨୨ ମାର୍ଚ୍ଚ ଦିନ ବିଶ୍ୱ ଜଳ ଦିବସରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ ହିମବାହ ତରଳିବା ଏବଂ ଜଳ ସଂରକ୍ଷଣ ଭଳି ବିଷୟବସ୍ତୁ ଉପରେ କେନ୍ଦ୍ରିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଯେପରିକି ସ୍ଲୋଗାନ ଲେଖା, ପୋଷ୍ଟର ତିଆରି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଆନ୍ତର୍ଜାତୀୟ ଶୂନ୍ୟ ଅପଚୟ ଦିବସର ଅଂଶ ସ୍ୱରୂପ, ବ୍ରାହ୍ମଣୀ ନଦୀ କୂଳରେ ଏକ ନଦୀକୂଳ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କର୍ମଚାରୀ, ସ୍ଥାନୀୟ ଯୁବ ଗୋଷ୍ଠୀ ଏବଂ ଜେଏସଏଲର ଏନଜିଓ ସହଭାଗୀ, ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନର ସଦସ୍ୟମାନେ ପ୍ଲାଷ୍ଟିକ୍ ଏବଂ ଅଳିଆ ଆବର୍ଜନା ଅପସାରଣ ପାଇଁ ଏକାଠି ହୋଇଥିଲେ। ସ୍ଥାନୀୟ ଯୁବକମାନଙ୍କ ସହିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଯାହାଦ୍ୱାରା ସେମାନଙ୍କୁ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୁସ୍ଥ ଜୀବନଯାପନ ବିଷୟରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା। ଏହି ଅବସରରେ ଯାଜପୁରର ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ମୁଖ୍ୟ, ଶ୍ରୀଯୁକ୍ତ ଦୀପକ ଅଗ୍ରୱାଲ କହିଛନ୍ତି, "ପରିବେଶଗତ ସ୍ଥିରତା ପ୍ରତି ଧ୍ୟାନ ଆମ କାର୍ଯ୍ୟର ମୂଳ ସିଦ୍ଧାନ୍ତ ମଧ୍ୟରୁ ଗୋଟିଏ ଏବଂ ଆମେ ଆମର ପରିବେଶଗତ ପ୍ରଭାବ ହ୍ରାସ କରିବାକୁ ପ୍ରତିବଦ୍ଧ। ଏହି ପଦକ୍ଷେପଗୁଡ଼ିକ କେବଳ ଯେ ସଚେତନତା ବୃଦ୍ଧି କରୁଛି ତାହା ନୁହେଁ ବରଂ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ପାଇଁ ବ୍ୟବହାରିକ ପରିବର୍ତ୍ତନକୁ ମଧ୍ୟ ଉତ୍ସାହିତ କରୁଛି । ଆହୁରି ଏକ ପଦକ୍ଷେପ ସ୍ୱରୂପ, ଆମେ ଆମର ପ୍ଲାଣ୍ଟ ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଏକ ସଂକଳ୍ପ ନେଇଛୁ , ଯାହା ସ୍ଥାୟୀ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି।

ସ୍ଥାୟୀତ୍ୱ ଜିନ୍ଦଲ ଷ୍ଟେନଲେସର କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଏହା ସଂଗଠନ ଏବଂ ବ୍ୟାପକ ସମ୍ପ୍ରଦାୟ ମଧ୍ୟରେ ପରିବେଶଗତ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ସଦା ସର୍ବଦା ସମର୍ପିତ।

**ପୂର୍ବ ତଟ ରେଳପଥ**

ଲେଟର ସଂ.ST-OT-IN BUILT-BLOCK/KUR/01, ତା.27.03.2025ରିଖ

**କାର୍ଯ୍ୟର ନାମ :** ସମ୍ପୂର୍ଣ୍ଣ ବ୍ଲକ୍ କାର୍ଯ୍ୟପ୍ରକ୍ରିୟା ପ୍ରଣାଳୀ ପାଇଁ ଅନୁଗୁଳ, ତାଳଚେର ରୋଡ୍ ଏବଂ ବୁଢ଼ାପଙ୍କ ଷ୍ଟେସନଗୁଡ଼ିକର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI) ସିଷ୍ଟମ୍‌ରେ ବ୍ଲକ୍ ଉପକରଣ ସ୍ଥାନରେ ଅନ୍ତଃର୍ନିହିତ(In built) ବ୍ଲକ୍‌ର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,40,72,511/-, EMD (ଟଙ୍କାରେ) : 2,20,400/-।

ବିଡ୍ ଆରମ୍ଭ ହେବା ତାରିଖ : ତା. 07.04.2025ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.21.04.2025 ରିଖ 1100 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-1148/P/25-26

**CUTTACK MUNICIPAL CORPORATION**

"e" PROCUREMENT NOTICE C-14

Tender ID : 2025_ORULB_112127
Bid Reference No. MC(CMC)CTC_Div-I_No1/2025-26
Tender Call Notice No. 4494 (PW) Date. 02.04.2025

Name of Works : Civil Works
No of Works : 14 Nos
Bid Value : Rs. 2.46 Lakh to Rs. 47.41 Lakh
Period of Completion : One Calendar Month to Three Calendar Months

Date and Time schedule :

| Start | End | Opening |
|---|---|---|
| 3.00 PM on dt. 04.04.2025 | 5.00 PM on dt.16.04.2025 | 11.00 A.M. on dt. 21.04.2025 |

Tender Details : can be seen from the procurement portal : www.tendersorissa.gov.in

OIPR-13031/11/0161/2425 Executive Engineer, City Div-I

ଭୁବନେଶ୍ୱର
୦୪ ଅପ୍ରେଲ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ପାରମ୍ପରିକ ହସ୍ତତନ୍ତ ପୋଷାକ ପିନ୍ଧିଲେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର କର୍ମଚାରୀ



ଭୁବନେଶ୍ୱର, ୩/୪
ନ୍ୟୁଜ ବ୍ୟୁରୋ

ଓଡ଼ିଆ ପକ୍ଷ ଅବସରରେ ଗୁରୁବାର ଦିନ 'ଆମ ପୋଷାକ ଆମ ପରିଚୟ' ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହାର ଅନୁପାଳନ ପୂର୍ବକ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରସାର ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ଆୟୋଜିତ ଡିଜିଟାଲ ସଂସ୍କରଣର ବିବିଧ କାର୍ଯ୍ୟକ୍ରମରେ ଭାଗ ନେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଏପ୍ରିଲ ୦୧ ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଓଡ଼ିଆ ଅସ୍ମିତାର ଉତ୍ସବ 'ଓଡ଼ିଆ ପକ୍ଷ-୨୦୨୫' ପାଳନ ପାଇଁ ସ୍ଥିର କରିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରସାର ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ଆୟୋଜିତ ଡିଜିଟାଲ ସଂସ୍କରଣର ବିବିଧ କାର୍ଯ୍ୟକ୍ରମରେ ଭାଗ ନେବାକୁ ଅନୁରୋଧ କରିଛନ୍ତି। ସମୃଦ୍ଧ ଓଡ଼ିଆ ସଂସ୍କୃତି ପରମ୍ପରାକୁ ଆହୁରି ଲୋକପ୍ରିୟ କରିବା ପାଇଁ ସ୍ୱାଭିମାନୀ ଓଡ଼ିଆ ଭାବେ ଆଗେଇ ଆସିବାକୁ ନିବେଦନ କରିଛନ୍ତି।

# ଓଡ଼ିଶାର ବିକାଶରେ ଯୁବ ପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ରାଜ୍ୟପାଳ

ଭୁବନେଶ୍ୱର,୩/୪ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ବିକାଶରେ ଯୁବ ପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଗୁରୁବାର ଏନ୍‌ସିସି ଗ୍ରୁପ୍ ହେଡକ୍ୱାର୍ଟରସ୍, କଟକଠାରେ ଆୟୋଜିତ ମେଗା ଏନସିସି ସାଇକ୍ଲୋଥନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆମ ରାଜ୍ୟର ଏନସିସି କ୍ୟାଡେଟ୍‌ମାନେ ପରିବର୍ତ୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି ଯାହାକି ଗର୍ବର ବିଷୟ। ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଏବଂ ଦୂରଦୃଷ୍ଟି ସଂପନ୍ନ ଯୁବକ ଭାବରେ ଏନସିସି କ୍ୟାଡେଟ୍‌ମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତ୍ୟେକ ଯୁବକ




ଜଣେ ଜଣେ ପରିବର୍ତ୍ତନର ମଶାଲ ହୁଅନ୍ତୁ। ଏନସିସିର ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ପଥରେ ଚାଲିବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାକୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ସାଇକ୍ଲୋଥନ ସଂପର୍କରେ ରାଜ୍ୟପାଳ କହିଥିଲେ ଯେ ଏହା କେବଳ ଏକ ଶାରୀରିକ ଯାତ୍ରା ନୁହେଁ ବରଂ ଏହା ଆମର କ୍ୟାଡେଟ୍‌ମାନଙ୍କ ପାଇଁ ବର୍ତ୍ତମାନର କର୍ତ୍ତବ୍ୟ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତି। ସାଇକ୍ଲୋଥନ ମାଧ୍ୟମରେ କ୍ୟାଡେଟ୍‌ମାନେ ଗାଁ ଓ ସହର ପରିକ୍ରମା କରିବା ସହ ଜନସାଧାରଣଙ୍କ ସହ ମିଶିଛନ୍ତି, ଭାବ ବିନିମୟ କରି ଅନେକ ଅଭିଜ୍ଞତା ଓ ଉପଲବ୍ଧି ସାଉଁଟିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା, ଡିଜିଟାଲ ସାକ୍ଷରତା, ସଡ଼କ ସୁରକ୍ଷା ଆଦି ଉପରେ ସଚେତନତାର ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇଥିବା କ୍ୟାଡେଟ୍‌ମାନଙ୍କର ନିଷ୍ଠା, ଉଦ୍ୟମ, ଦେଶପ୍ରେମ ଓ ଉତ୍ସର୍ଗୀକୃତ ମନୋଭାବକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଓଡ଼ିଶା ଏନସିସି ନିର୍ଦ୍ଦେଶାଳୟର ଉପ ମହାନିର୍ଦ୍ଦେଶକ କମୋଡୋର ମହେଶ ରାହଙ୍ଗଡ଼ାଲେ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ଏନସିସି ସାଇକ୍ଲୋଥନ ଯୁବ ସଶକ୍ତିକରଣ ଏବଂ ସାମାଜିକ ବିକାଶ ପ୍ରତି ସହଭାଗୀ ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରି ଏନସିସି କ୍ୟାଡେଟମାନଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହ ସାଇକେଲ ଶୋଭାଯାତ୍ରାକୁ ସଫଳ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ନବୀକୃତ ଏନସିସି ମୁଖ୍ୟାଳୟ ଭବନକୁ ଉଦ୍‌ଘାଟନ କରିବା ସହ ପୁରୁଣା ସଚିବାଳୟ ପରିସର ମଧ୍ୟରେ ଥିବା ସମ୍ପ୍ରସାରିତ ଏନସିସି କ୍ୟାଣ୍ଟିନ୍ ପରିଦର୍ଶନ କରିଥିଲେ।

# ୭,୧୩୪ କୋଚ୍ ତିଆରି କରି ଭାରତୀୟ ରେଳବାଇର ନୂତନ ରେକର୍ଡ

ନୂଆଦିଲ୍ଲୀ, ୩/୪

ଭାରତୀୟ ରେଳବାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ଟି କୋଚ୍ ନିର୍ମାଣ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଏହି ସଂଖ୍ୟା ଗତ ବର୍ଷ ୬,୫୪୧ କୋଚ୍ ଉତ୍ପାଦନ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ। ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି, ଅଣ-ବାତାନୁକୁଳିତ ନିୟନ୍ତ୍ରିତ କୋଚ୍ ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଗତ ଆର୍ଥିକ ବର୍ଷରେ ୪,୬୦୧ଟି ନନ୍-ଏସି କୋଚ୍ ଉତ୍ପାଦନ କରାଯାଇଥିଲା । ଏହି ଐତିହାସିକ ସଫଳତା ଭାରତୀୟ ରେଳବାଇର ଉତ୍ପାଦନ କ୍ଷମତାରେ ନିରନ୍ତର ବୃଦ୍ଧିକୁ ପ୍ରତିଫଳିତ କରେ, ଯାହା ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଯାତ୍ରୀଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ ପାଇଁ କରାଯାଉଥିବା ପ୍ରୟାସର ପରିଣାମ। ଏହା ରେଳ ସେବାକୁ ଅଧିକ ସୁବିଧାଜନକ, ନିରାପଦ ଏବଂ ଦକ୍ଷ କରିବ । ଯାହା ଦ୍ୱାରା ଯାତ୍ରୀମାନେ



ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପାଇବେ । ଭାରତୀୟ ରେଳବାଇର ତିନୋଟି କୋଚ୍ ନିର୍ମାଣ ୟୁନିଟ୍ ଅଛି । ଏଥିରେ ତାମିଲନାଡୁର ଚେନ୍ନାଇରେ ଥିବା ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ), ପଞ୍ଜାବର କପୁରଥଲାରେ ଥିବା ରେଳ କୋଚ୍ ଫ୍ୟାକ୍ଟ୍ରି (ଆରସିଏଫ) ଏବଂ ଉତ୍ତର ପ୍ରଦେଶର ରାୟବରେଲିରେ ଥିବା ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି (ଏମସିଏଫ) ଅନ୍ତର୍ଭୁକ୍ତ । ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୪-୨୫ ବର୍ଷରେ ୩,୦୦୭ କୋଚ୍ ଉତ୍ପାଦନ କରିଛି, ଯାହା ପୂର୍ବ ଉତ୍ପାଦନ ରେକର୍ଡ ଭାଙ୍ଗିଛି । କୋଚ ନିର୍ମାଣ କ୍ଷେତ୍ରରେ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୨୮୨୯ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ଆହୁରି ୧୭୮ ଟି କୋଚ ନିର୍ମାଣ ବୃଦ୍ଧି କରାଇ ୩,୦୦୭ କୋଚ୍ ଉତ୍ପାଦନ କରିଛି । ସେହିଭଳି ଆରସିଏଫ କପୁରଥଲା ୨୦୨୩-୨୪ ବର୍ଷରେ ୧୯୦୧ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୧୦୨ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୨୦୧ ଟି ଅଧିକ । ରାୟବରେଲିର ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୧୬୮୪ ଟି କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୦୨୫ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୩୪୧ ଟି ଅଧିକ । ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ରେଳବାଇ କୋଚ୍ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୦୪ ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ପ୍ରାୟ ୩,୩୦୦ କୋଚ୍ ଥିଲା । ଯେତେବେଳେ ୨୦୧୪ ରୁ ୨୦୨୪ ମଧ୍ୟରେ, କୋଚ୍ ଉତ୍ପାଦନ ସଂଖ୍ୟା ୫୪,୮୦୯ ରେ ପହଞ୍ଚିଛି ଯାହା ଏକ ରେକର୍ଡ ବୃଦ୍ଧି ପାଇଛି, ହାରାହାରି ୫,୪୮୧ କୋଚ୍ ସହିତ। କୋଚ୍ ନିର୍ମାଣ କ୍ଷେତ୍ରରେ ଏହି ଅଭିବୃଦ୍ଧି ଭାରତୀୟ ରେଳବାଇକୁ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ନିର୍ଣ୍ଣାୟକ । ଏହା ଘରୋଇ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବ, ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ରେଳ ଭିତ୍ତିଭୂମିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଲକ୍ଷ୍ୟ ରଖିଛି । ରେଳ କୋଚ୍ ନିର୍ମାଣରେ ଭାରତୀୟ ରେଳବାଇର ଏହି ସଫଳତା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଏକ ନୂତନ ପରିମାଣ ପ୍ରଦାନ କରୁଛି । ଏହା ବିଶ୍ୱ ସ୍ତରରେ ଭାରତକୁ ଏକ ଅଗ୍ରଣୀ ଦେଶ ଭାବରେ ମଧ୍ୟ ପ୍ରତିଷ୍ଠା କରୁଛି । କୋଚ୍ ଉତ୍ପାଦନରେ ଭାରତୀୟ ରେଳବାଇର ସଫଳତା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପର ଏକ ଅଂଶ ଯାହା ରେଳ ପରିବହନ ବ୍ୟବସ୍ଥାକୁ ଅଧିକ ଦକ୍ଷ କରିବା ପାଇଁ ପ୍ରତିବଦ୍ଧ । ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଆଧୁନିକ କୋଚ୍ ଯାତ୍ରୀମାନଙ୍କୁ ଅଧିକ ଆରାମ, ଅଧିକ ସ୍ଥାନ ଏବଂ ଅତ୍ୟାଧୁନିକ ସୁବିଧା ପ୍ରଦାନ କରିବ । ଏହା ଯାତ୍ରା ଅଭିଜ୍ଞତାକୁ ଅଧିକ ଆରାମଦାୟକ କରୁଛି । ଏହା ସହିତ, ଅଧିକ ଉତ୍ପାଦନ କ୍ଷମତା ହେତୁ ଟ୍ରେନ ସଂଖ୍ୟା ବୃଦ୍ଧି ପାଉଛି।

## ମମତା ବାନାର୍ଜୀଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟ୍‌କା

# ୨୫,୦୦୦ ଶିକ୍ଷକ ଓ କର୍ମଚାରୀଙ୍କ ନିଯୁକ୍ତି ରଦ୍ଦ


ନୂଆଦିଲ୍ଲୀ, ୩/୪

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ସୁପ୍ରିମକୋର୍ଟରୁ ଏକ ବଡ଼ ଝଟ୍‌କା ଲାଗିଛି। ସୁପ୍ରିମକୋର୍ଟ ପଶ୍ଚିମବଙ୍ଗର ୨୫,୦୦୦ରୁ ଅଧିକ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ କୋଲକାତା ହାଇକୋର୍ଟର ନିର୍ଦ୍ଦେଶକୁ ବଳବତ୍ତର କରିଛନ୍ତି। ଏହି ନିଯୁକ୍ତିଗୁଡ଼ିକ ୨୦୧୬ ମସିହାରେ ପଶ୍ଚିମବଙ୍ଗ ସ୍କୁଲ ସର୍ଭିସ କମିଶନ (ଡବ୍ଲୁବିଏସଏସସି) ମାଧ୍ୟମରେ ହୋଇଥିଲା, ଯାହା ଉପରେ ଅନିୟମିତତା ଏବଂ ଟଙ୍କା କାରବାରର ଅଭିଯୋଗ ରହିଥିଲା। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ବିଚାରପତି ପି.ଭି. ସଞ୍ଜୟ କୁମାରଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ରାୟ ଦେଇ କହିଛନ୍ତି ଯେ, ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ହେରଫେର ଓ ଅନିୟମିତତା ହୋଇଛି। ଯାହା ଏହି ପଦବୀର ବିଶ୍ୱସନୀୟତା ଓ ବୈଧତାକୁ ନଷ୍ଟ କରିଦେଇଛି। କୋର୍ଟ ଏହାକୁ 'ମାରାତ୍ମକ' ବୋଲି ଅଭିହିତ କରି ହାଇକୋର୍ଟର ନିଷ୍ପତ୍ତିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଆଗାମୀ ତିନି ମାସ ମଧ୍ୟରେ ନୂଆ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ଏହି ନୂଆ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେବେ, ସେମାନଙ୍କୁ ୨୦୧୬ ପରେ ପ୍ରାପ୍ତ ବେତନ ଫେରାଇବାକୁ ପଡ଼ିବ ନାହିଁ। କିନ୍ତୁ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ନାହିଁ, ସେମାନଙ୍କୁ ପୂର୍ବରୁ ପ୍ରାପ୍ତ ବେତନ ଫେରାଇବାକୁ କୋର୍ଟ ଆଦେଶ ପ୍ରଦାନ କରିଛନ୍ତି। ଏହି ଘଟଣା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମସି) ସରକାର ପାଇଁ ଏକ ବଡ଼ ଧକ୍କା ଭାବେ ବିବେଚନା କରାଯାଉଛି। ମମତା ଏହି ରାୟକୁ ଗ୍ରହଣ କରିବାକୁ ଅସମର୍ଥ ବୋଲି କହିଛନ୍ତି। ସେ କହିଛନ୍ତି, 'ମୋର ବିଚାରପତିମାନଙ୍କ ପ୍ରତି ସମ୍ମାନ ରହିଛି, କିନ୍ତୁ ମୁଁ ଏହି ରାୟକୁ ଗ୍ରହଣ କରିପାରୁନାହିଁ।' ସେ ଏଥିପାଇଁ ବିଜେପି ଏବଂ ସିପିଏମ ଉପରେ ଅଭିଯୋଗ ଆଣି କହିଛନ୍ତି ଯେ, ଏହା ବଙ୍ଗଳାର ଶିକ୍ଷା ବ୍ୟବସ୍ଥାକୁ ଭାଙ୍ଗିବାକୁ ଏକ ଷଡ଼ଯନ୍ତ୍ର। ଏହି ମାମଲାରେ ପୂର୍ବ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସମେତ ଟିଏମସିର କିଛି ବରିଷ୍ଠ ନେତା ଜେଲରେ ଅଛନ୍ତି। ବିଜେପି ନେତା ଅମିତ ମାଲବ୍ୟ ଏହାକୁ 'ମମତାଙ୍କ ପାଇଁ ଚୂଡ଼ାନ୍ତ ପରାଜୟ'ବୋଲି କହିଛନ୍ତି। ସୁପ୍ରିମ କୋର୍ଟରୁ ଏହି ରାୟ ପରେ ବିଜେପି ମମତାଙ୍କ ଇସ୍ତଫା ଦାବି କରିଛି। ଏହା ସହିତ, ସୁପ୍ରିମକୋର୍ଟ ଅକ୍ଷମ କର୍ମଚାରୀଙ୍କ ପାଇଁ ମାନବିକ ଆଧାରରେ କିଛି ରିହାତି ଦେଇଛନ୍ତି। ଯାହା ଦ୍ୱାରା ସେମାନେ ନିଜ ଚାକିରିରେ ରହିପାରିବେ।

# ୩୨୨ ଅଙ୍କ ଖସିଲା ସେନସେକ୍ସ : ନିବେଶକଙ୍କ ଲାଭ ୩୩ ହଜାର କୋଟି

ନୂଆଦିଲ୍ଲୀ, ୩/୪

ସେୟାର ମାର୍କେଟରେ ଗୁରୁବାର ଉତ୍ଥାନ ପତନ ଦେଖିବାକୁ ମିଳିଥିଲା। ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ସେନ୍‌ସେକ୍ସ ୩୨୨ ଅଙ୍କ ଖସିଥିଲା । ସେପଟେ ନିଫ୍ଟି ଖସି ପୁଣି ଥରେ ୨୩,୨୫୦ ପଏଣ୍ଟର ଗୁରୁତ୍ୱପୂର୍ଣ୍ଣ ସ୍ତରରେ ଆସି ପହଞ୍ଚିଛି । କିନ୍ତୁ



କ୍ଷୁଦ୍ର ଓ ମଧ୍ୟମ ଧରଣ ସେୟାରରେ ଗୁରୁବାର ସ୍ଥିତି ଓଲଟା ଦେଖିବାକୁ ମିଳିଥିଲା । ବିଏସ୍ଇର ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୩୧ ପ୍ରତିଶତ ବଢ଼ି ବନ୍ଦ ହୋଇଛି । ସେହିପରି ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ୦.୭୬ ପ୍ରତିଶତ ବଢ଼ିଛି । ଏହି କାରଣରୁ ନିବେଶକଙ୍କୁ ଗୁରୁବାର ପ୍ରାୟ ୩୩ ହଜାର କୋଟି ଟଙ୍କା ଲାଭ ହୋଇଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ରେସିପ୍ରୋକଲ୍ ଟାରିଫ୍ ଘୋଷଣା ପରେ ଆଇଟି, ମେଟାଲ୍ ଓ ଅୟଲ ଆଣ୍ଡ ଗ୍ୟାସ୍ ସେୟାରରେ ବଡ଼ ଧରଣ ବିକ୍ରି ଦେଖିବାକୁ ମିଳିଛି । କାରବାର ଶେଷରେ ବିଏସ୍ଇ ସେନ୍‌ସେକ୍ସ ୩୨୨.୦୮ ଅଙ୍କ ବା ୦.୪୨ ପ୍ରତିଶତ ହ୍ରାସ ପାଇ ୭୬,୨୯୫.୩୬ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ଏନ୍‌ଏସ୍ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୮୨.୨୫ ଅଙ୍କ ବା ୦.୩୫ ପ୍ରତିଶତ ଖସି ୨୩,୨୫୦.୧୦ ସ୍ତରରେ ବନ୍ଦ ହୋଇଛି । ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ୍ ମାର୍କେଟ କ୍ୟାପ୍ ଏପ୍ରିଲ୍ ୩ରେ ବୃଦ୍ଧି ପାଇ ୪୧୩.୩୧ ଲକ୍ଷ କୋଟି ଟଙ୍କା ହୋଇଛି । ପୂର୍ବ କାରବାର ଦିନ ଅର୍ଥାତ୍ ଏପ୍ରିଲ୍ ୨ରେ ଏହା ୪୧୨.୯୮ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଗୁରୁବାର ପ୍ରାୟ ୩୩ ହଜାର ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୩୩ ହଜାର କୋଟି ଟଙ୍କା ଲାଭ ହୋଇଛି । ବିଏସ୍ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୧୩ ସେୟାର ଗୁରୁବାର ସବୁଜ ସଂକେତରେ ବନ୍ଦ ହୋଇଛି ।

# ଐତିହ୍ୟ ଗ୍ରାମ ରଘୁରାଜପୁରର ବିକାଶ ପାଇଁ ସରକାରଙ୍କ ପଦକ୍ଷେପ

ପୁରୀ ୩।୪ ନ୍ୟୁଜ ବ୍ୟୁରୋ

ଐତିହ୍ୟ ଗ୍ରାମ ରଘୁରାଜପୁରକୁ ନୂଆ ରୂପ ଦେବା ପାଇଁ ପ୍ରୟାସ ଆରମ୍ଭ କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ରଘୁରାଜପୁରର ବିକାଶ ସହିତ ଅଧିକରୁ ଅଧିକ ପର୍ଯ୍ୟଟକମାନଙ୍କୁ କିଭଳି ଏହି କଳା ଗ୍ରାମ ଆକର୍ଷିତ କରିବ ସେନେଇ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଖୁବଶୀଘ୍ର କାର୍ଯ୍ୟକାରୀ ହେବ । ରଘୁରାଜପୁରର ରୂପରେଖକୁ ନୂଆ ରୂପ ଦିଆଯିବ । ରଘୁରାଜପୁରରେ ନିର୍ମିତ ହେବ ବ୍ୟାଖ୍ୟାନ କେନ୍ଦ୍ର ଏବଂ ଆକର୍ଷଣୀୟ ତୋରଣ। ଏଥିସହିତ ମୁକ୍ତାକାଶ ମାର୍କେଟ ସହ କିଣାକିଣି ସୁବିଧା ପାଇଁ ରହିବ ପାଥ୍ ୱେ । ଗ୍ରାମର ମଧ୍ୟ ଭାଗରେ ଥିବା ମନ୍ଦିର ଗୁଡ଼ିକର ପୁନରୁଦ୍ଧାର ସହ ଏକ ସ୍ୱତନ୍ତ୍ର ଥିମ୍ ଆଧାରରେ ବିକଶିତ



କରାଯିବ। ଏନେଇ ଡିଜାଇନ୍ ପ୍ରସ୍ତୁତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଲାଗି ପ୍ରବେଶ ତୋରଣକୁ ଆକର୍ଷିତ ମଧ୍ୟ କରାଯିବ। ଗ୍ରାମରେ ରହିଥିବା ଗ୍ୟାଲେରୀ ଏବଂ ପ୍ରଦର୍ଶନୀ ହଲ୍ ର ଉନ୍ନତି କରାଯିବ। ଫଳରେ ଶିଳ୍ପୀମାନଙ୍କର କଳାଚାତୁରି ସିଧାସଳଖ ପର୍ଯ୍ୟଟକମାନେ ଦେଖିପାରିବେ। ସେହିପରି ରଘୁରାଜପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ସଂପ୍ରସାରଣ କରାଯିବା ସହ ଗ୍ରାମରେ ପର୍ଯ୍ୟଟକମାନଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ସହିତ ଏକ କ୍ୟାଫେଟେରିଆ ମଧ୍ୟ ନିର୍ମାଣ କରାଯିବ। ରାଜ୍ୟ ସରକାର ରଘୁରାଜପୁରର ଉନ୍ନତି ପାଇଁ ପଦକ୍ଷେପ ନେଇଥିବାରୁ ଚିତ୍ରଶିଳ୍ପୀ ଏବଂ ଗ୍ରାମର ସରପଞ୍ଚ ଏହାକୁ ସ୍ୱାଗତ କରିଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ରଘୁରାଜପୁରର ଉନ୍ନତି ହେବା ସହ ଆହୁରି ଅଧିକରୁ ଅଧିକ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ଐତିହ୍ୟ ଗ୍ରାମ ରଘୁରାଜପୁର। ପର୍ଯ୍ୟଟନସ୍ଥଳୀ ପରେ ପଟ୍ଟଚିତ୍ର, ତାଳପତ୍ର, ପୋଥିଚିତ୍ର ଓ ଗୋଟିପୁଅ ନୃତ୍ୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି କଳାଗ୍ରାମ ରଘୁରାଜପୁର। ଏଣୁ ରଘୁରାଜପୁର ବୁଲିବା ପାଇଁ ପର୍ଯ୍ୟଟକମାନେ ବେଶ୍ ପସନ୍ଦ କରୁଛନ୍ତି। ତେବେ ପର୍ଯ୍ୟଟକମାନଙ୍କ ଆଗମନକୁ ନଜରରେ ରଖି ରଘୁରାଜପୁରର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ସେପଟେ ରଘୁରାଜପୁରର ଉନ୍ନତି କରାଯାଉ କିନ୍ତୁ ଗ୍ରାମର ମୌଳିକତା ଯେଭଳି ନଷ୍ଟ ନହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ମତ ଦେଇଛନ୍ତି ଐତିହ୍ୟ ସଂରକ୍ଷଣ ପରିଷଦର ସମ୍ପାଦକ। ଅନ୍ୟପଟେ ପୁରୀ ଜିଲ୍ଲାପାଳ କହିଛନ୍ତି ଐତିହ୍ୟ ଗ୍ରାମ ରଘୁରାଜପୁର ହେଉଛି ଓଡ଼ିଶାର ଗର୍ବ ଓ ଗୌରବ। ତେଣୁ ଏହାର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି।

# କ୍ୟାପିଟାଲ୍ ହସ୍ପିଟାଲରୁ ଏସସିବି ମେଡିକାଲକୁ ଗଡିବ "ଆମ ବସ୍"



ଭୁବନେଶ୍ୱର, ୩/୪ ନ୍ୟୁଜ ବ୍ୟୁରୋ

ଏବେ କ୍ୟାପିଟାଲ୍ ହସ୍ପିଟାଲରୁ ଏସସିବି ମେଡିକାଲକୁ ଗଡିବ ଆମ ବସ୍ । ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କ ପାଇଁ ସହାୟକ ହେବ 'ଆମ ବସ୍' ର ନୂଆରୁଟ୍ । ଆଉ ଯାତାୟାତ ପାଇଁ ହନ୍ତସନ୍ତ ହେବେନି ରୋଗୀଙ୍କ ପରିବାର । ଏହି ରୁଟ୍ ସମେତ ଅନ୍ୟ ନୂଆ ରୁଟରେ ଚାଲିବ ଇ-ବସ୍ ।

ଭୁବନେଶ୍ୱର ଗାଡକଣସ୍ଥିତ ଆମ ବସ୍ ଡିପୋରେ ୪୦ଟି ନୂଆ ଇ-ବସର ଉଦ୍‌ଘାଟନ କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଇତ୍ୟ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଖୁବଶୀଘ୍ର ରାଜ୍ୟର ୮ଟି ସହରରେ ଆମ ବସ୍ ସେବା ଆରମ୍ଭ ହେବ ଏବଂ କେନ୍ଦ୍ର ସରକାର ଓଡ଼ିଶାକୁ ୪୦୦ ଇ-ବସ୍ ଯୋଗାଇବେ । ତେବେ ବସ୍ ଦୁର୍ଘଟଣା କମାଇବା ପାଇଁ ଅନେକ ପଦକ୍ଷେପ ନିଆଯିବା ସହ ଆମ ବସ୍ ଭିତରେ ଦୁଇଟି ସିସିଟିଭି କ୍ୟାମେରା ବି ଲଗାଯାଇଥିବା କଥା କହିଛନ୍ତି ମନ୍ତ୍ରୀ ଶ୍ରୀ ମହାପାତ୍ର।

# ମେକ୍ ଇନ୍ ଇଣ୍ଡିଆର ପ୍ରଭାବ : ପ୍ରତିରକ୍ଷା ରପ୍ତାନୀରେ ଭାରତର ନୂଆ ରେକର୍ଡ

ନୂଆଦିଲ୍ଲୀ, ୩/୪

ମେକ୍ ଇନ୍ ଇଣ୍ଡିଆର ପ୍ରଭାବ। ପ୍ରତିରକ୍ଷା ରପ୍ତାନୀରେ ନୂଆ ରେକର୍ଡ କରିଛି ଭାରତ। ୨୦୨୪-୨୫ରେ ରେକର୍ଡ ସଂଖ୍ୟକ ପ୍ରତିରକ୍ଷା ଉତ୍ପାଦ ରପ୍ତାନୀ କରି ଏହି ନୂଆ ରେକର୍ଡ କରିଛି ଭାରତ। ଯାହା ପ୍ରତିରକ୍ଷା କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆର ପ୍ରଭାବର ସ୍ପଷ୍ଟ ପ୍ରମାଣ ଦେଉଛି। ଆଉ ଭାରତ କିପରି ଏହି କ୍ଷେତ୍ରରେ ଆତ୍ମନିର୍ଭର ହେଉଛି ତାହା ସହଜରେ ବାରି ହୋଇପଡୁଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଭାରତ ଏବେ ଆମଦାନୀ ଉପର ନିର୍ଭର ବଦଳରେ ଆତ୍ମନିର୍ଭରତା କ୍ଷେତ୍ରରେ ଆଗକୁ ବଢୁଛି। ଏବେ ପ୍ରତିରକ୍ଷା ରପ୍ତାନୀ ବୃଦ୍ଧି କରିବା ପାଇଁ ଗୋଳା-ବାରୁଦ, ହତିଆର ଏବଂ ଅନ୍ୟ ପ୍ରତିରକ୍ଷା ଉତ୍ପାଦ ୮୦ ଦେଶଙ୍କୁ ରପ୍ତାନୀ କରାଯାଉଛି। ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ କହିଛନ୍ତି, ୨୦୨୪-୨୫ରେ ଭାରତ ରେକର୍ଡ ସଂଖ୍ୟକ ୨୩ ହଜାର ୬୨୨ କୋଟି ଟଙ୍କାର ଡିଫେନ୍ସ ସାମଗ୍ରୀ ରପ୍ତାନୀ କରିଛି। ଯେଉଁଥିରେ ଗୋଳା-ବାରୁଦ, ହତିଆର ଏବଂ ଅନ୍ୟ ସାମଗ୍ରୀ ରହିଛି। ସେ କହିଛନ୍ତି ୨୦୨୪-୨୫ରେ କରାଯାଇଥିବା ପ୍ରତିରକ୍ଷା ରପ୍ତାନୀ ଗତ ବର୍ଷ ତୁଳନାରେ ୧୨.୦୪ ପ୍ରତିଶତ ଅଧିକ। ସରକାରଙ୍କ ଦ୍ୱାରା ସ୍ୱଦେଶୀ ଉତ୍ପାଦନ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ପ୍ରୋତ୍ସାହନ କରିବା ଯୋଗୁ ଭାରତ ବିଶ୍ୱ ପ୍ରତିରକ୍ଷା ଚାହିଦା ଶୃଙ୍ଖଳାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହା ବାଦ୍ ୨୦୨୪- ୨୫ରେ ୧ ହଜାର ୭୬୨ ରପ୍ତାନୀ ପ୍ରାଧିକରଣ ଜାରି କରାଯାଇଛି। ଯାହା ଗତ ବର୍ଷ ତୁଳନାରେ ୧୭.୪ ପ୍ରତିଶତ ଅଧିକ। ଏହା ଦର୍ଶାଉଛି ଅନ୍ତର୍ଜାତୀୟ ବଜାରରେ ଭାରତୀୟ ପ୍ରତିରକ୍ଷା ଉତ୍ପାଦର ଚାହିଦା ଦ୍ରୁତ ଭାବରେ ବଢୁଛି। ଭାରତ ୨୦୨୯ ସୁଦ୍ଧା ୫୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ରପ୍ତାନୀ ଲକ୍ଷ୍ୟ ହାସଲ ପାଇଁ ପ୍ରସ୍ତୁତ। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାର ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରରେ ନିବେଶ ବଢ଼ାଉଛନ୍ତି। ନୂଆ ଟେକ୍ନୋଲୋଜିକୁ ଆପଣାଇବା ଉପରେ ଜୋର ଦିଆଯାଉଛି। ପ୍ରତିରକ୍ଷା ଉଦ୍ୟୋଗରେ ଘରୋଇ କ୍ଷେତ୍ରର ଭାଗିଦାରୀକୁ ପ୍ରୋତ୍ସାହିତ କରାଯାଉଛି। ପ୍ରତିରକ୍ଷା କ୍ଷେତ୍ରରେ ଏହି ବୃଦ୍ଧି ଆତ୍ମନିର୍ଭର ଭାରତ ଅଭିଯାନକୁ ଆହୁରି ମଜଭୁତ କରୁଛି ଏବଂ ଦେଶକୁ ବିଶ୍ୱରେ ପ୍ରତିରକ୍ଷା ବଜାରରେ ଏକ ପ୍ରମୁଖ ନିର୍ଣ୍ଣାୟକ ଭାବରେ ସ୍ଥାପିତ କରିବା ଦିଗରେ ମହତ୍ୱପୂର୍ଣ୍ଣ ପଦକ୍ଷେପ।


## ପ୍ରକାଶ ଅପେକ୍ଷାରେ...

### 'କଥାକଳିକା' ଏପ୍ରିଲ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ବୀରେଶ୍ୱର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବରଦା ପ୍ରସନ୍ନ ଦାସ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, କନକ ମଂଜରୀ ମିଶ୍ର, ସୁଜାତା ମହାପାତ୍ର, ଜ୍ଞାନରଂଜନ ନାୟକ, ସଂଯୁକ୍ତା ଦାଶ, ଶରତ କୁମାର ଜେନା, ଅକ୍ଷୟ କୁମାର ମିଶ୍ର, ସୁନୀତା କର।
**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରତିଭା ସାହୁ, ସୁସ୍ମିତା ମହାପାତ୍ର, ସସ୍ମିତା ରାଉତ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଟ୍ରମ୍ପଙ୍କ ପାଲଟା ଶୁଳ୍କ ଉପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଲା ଭାରତ

ନୂଆଦିଲ୍ଲୀ, ୩/୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୋଜ ଗାର୍ଡେନଠାରେ 'ମେକ୍ ଆମେରିକା ୱେଲ୍‌ଦି ଏଗେନ୍' କାର୍ଯ୍ୟକ୍ରମରେ ଭାଷଣ ଦେଇ ନୂଆ ଆମଦାନି ଟାରିଫ୍ ଘୋଷଣା କରିଛନ୍ତି । ବିଭିନ୍ନ ଦେଶ ଉପରେ 'ଯେସାକୁ ତେସା' ନୀତିରେ ଏହି ଟାରିଫ୍ ଘୋଷଣା ହୋଇଛି । ତାଙ୍କ ଘୋଷଣା ଅନୁସାରେ ଭାରତୀୟ ସାମଗ୍ରୀ ଉପରେ ଆମେରିକା ୨୬% ଟାରିଫ୍ କଷିବ । ଏହାଛଡ଼ା ଦକ୍ଷିଣ କୋରିଆ ଉପରେ ୨୫%, ଜାପାନ ଉପରେ ୨୪%, ତାଇୱାନ ଉପରେ ୩୨% ଶୁଳ୍କ ଲାଗୁ କରାଯାଇଛି । ତେବେ ଆମେରିକାକୁ ଯେ କୌଣସି ଦେଶରୁ ଆମଦାନି ହେଉଥିବା ସମସ୍ତ ଦ୍ରବ୍ୟ ଉପରେ ଅନ୍ୟୂନ ୧୦% ଟାରିଫ୍ ଲାଗୁ କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି । ଏହା ବାଦ୍ ବିଭିନ୍ନ ଦେଶର ଉତ୍ପାଦ ଉପରେ ଭିନ୍ନ ଭିନ୍ନ ଶୁଳ୍କ ଲାଗୁ ହେବ । ଅଟୋମୋବାଇଲ କ୍ଷେତ୍ର ଉପରେ ୨୫% ଶୁଳ୍କ ଲାଗୁ ହେବ । ବ୍ରିଟେନ୍ ଉପରେ ୧୦%, ଭିଏତନାମ ଉପରେ ୪୬%, ସ୍ୱିଜରଲାଣ୍ଡ ଉପରେ ୩୪%, କାମ୍ବୋଡିଆ ଉପରେ ୪୯%, ଦକ୍ଷିଣ ଆଫ୍ରିକା ଉପରେ ୩୦%, ଇଣ୍ଡୋନେସିଆ ଉପରେ ୩୨%, ବ୍ରାଜିଲ ଉପରେ ୧୦% ଏବଂ ସିଙ୍ଗାପୁର ଉପରେ ୧୦% ଟାରିଫ୍ ଲାଗୁ ହେବ । ଚୀନ୍‌ର ସାମଗ୍ରୀ ଉପରେ ୩୪% ଶୁଳ୍କ ଲାଗୁ ପାଇଁ ଟ୍ରମ୍ପ୍ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ୟୁରୋପୀୟ ସଂଘଠାରୁ ଆମେରିକା ଆମଦାନି କରୁଥିବା ସାମଗ୍ରୀ ଉପରେ ୨୦% ଟାରିଫ୍ ଲାଗୁ କରାଯିବ । ଏହି ପରିପ୍ରେକ୍ଷୀରେ ଟ୍ରମ୍ପ୍ କହିଛନ୍ତି, ବିଶ୍ୱ ବାଣିଜ୍ୟ ଆମେରିକୀୟ ଅର୍ଥନୀତିକୁ ଲୁଟିଛି । ଆମ ଦେଶ ଅନ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଲୁଟ୍‌ର ଶିକାର ହୋଇଛି । ତେବେ ଟାରିଫ୍ ଦ୍ୱାରା ଆର୍ଥିକ ସଂକଟ ଆସିବ ନାହିଁ ବୋଲି ସେ କହିଛନ୍ତି । ଟ୍ରମ୍ପ୍ କହିଛନ୍ତି, ବିଦେଶରେ ନିର୍ମିତ ଅଟୋମୋବାଇଲ ଉପରେ ୨୫% ଟାରିଫ୍ ଲାଗୁ ହେବ । ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ୨୬% ପାଲଟା ଶୁଳ୍କକୁ ନେଇ ଭାରତ ପ୍ରଥମ ଥର ପାଇଁ ମୁହଁ ଖୋଲିଛି। ବାଣିଜ୍ୟ ବିଭାଗ ଗୁରୁବାର ଦିନ କହିଛି ଯେ ଟ୍ରମ୍ପଙ୍କ ଏହି ନୂତନ ପଦକ୍ଷେପର ପ୍ରଭାବକୁ ଭାରତ ସତର୍କତାର ସହ ତଦାରଖ କରୁଛି। ଏହା ସହିତ, ଭାରତୀୟ ଏବଂ ଆମେରିକାର ବାଣିଜ୍ୟିକ ଦଳ ମଧ୍ୟରେ ବର୍ତ୍ତମାନ ପାରସ୍ପରିକ



ଲାଭଦାୟକ ଏବଂ ଦୀର୍ଘସ୍ଥାୟୀ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଚୂଡାନ୍ତ କରିବା ପାଇଁ ଆଲୋଚନା ଚାଲିଛି ବୋଲି କହିଛି। ଟ୍ରମ୍ପଙ୍କ ଏହି ନୂତନ ପାଲଟା ଶୁଳ୍କ ନୀତିକୁ ସେ 'ମୁକ୍ତି ଦିବସ' ବୋଲି କହିଛନ୍ତି। ଏହି ନୂଆ ନିୟମ ଅନୁସାରେ ଆମେରିକାକୁ ସମସ୍ତ ଆମଦାନୀ ଉପରେ ଏପ୍ରିଲ ୫ ତାରିଖରୁ ୧୦ ପ୍ରତିଶତ ଶୁଳ୍କ ଏବଂ ଏପ୍ରିଲ ୧୦ ତାରିଖରୁ ଅତିରିକ୍ତ ୧୭ ପ୍ରତିଶତ ଶୁଳ୍କ ଲାଗୁ ହେବ। ଭାରତୀୟ ଆମଦାନୀ ଉପରେ ମୋଟ ୨୭ ପ୍ରତିଶତ ଶୁଳ୍କ ନିର୍ଦ୍ଧାରିତ ହୋଇଛି। ଏହି ଘୋଷଣା ପରେ ଭାରତର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, 'ବାଣିଜ୍ୟ ବିଭାଗ ସମସ୍ତ ହିତାଧିକାରୀଙ୍କ ସହ ଯୋଗାଯୋଗ କରି ପାଲଟା ଶୁଳ୍କର ମୂଲ୍ୟାଙ୍କନ ଏବଂ ପରିସ୍ଥିତିର ବିଶ୍ଳେଷଣ କରୁଛି। ବିଭିନ୍ନ ଦୃଷ୍ଟିକୋଣରୁ ଆମେ ଏହି ଆମେରିକୀୟ ବାଣିଜ୍ୟ ନୀତି ପରିବର୍ତ୍ତନରୁ ହେବାକୁଥିବା ସମ୍ଭାବନାଗୁଡ଼ିକ ଉପରେ ମଧ୍ୟ ନଜର ରଖିଛୁ।' ଟ୍ରମ୍ପଙ୍କ ଏହି ପଦକ୍ଷେପ ବିଶ୍ୱବ୍ୟାପୀ ବାଣିଜ୍ୟ ନୀତିରେ ଏକ ବଡ଼ ପରିବର୍ତ୍ତନ ଆଣିଛି। ଯାହା ଅନେକ ଦେଶ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। ଭାରତ ସରକାର ଏହାର ପ୍ରଭାବକୁ ନିକଟରୁ ନିରୀକ୍ଷଣ କରୁଛନ୍ତି ଓ ଏହାର ସମ୍ଭାବ୍ୟ ସୁଯୋଗ ଏବଂ କ୍ଷତିର ମୂଲ୍ୟାଙ୍କନ କରୁଛନ୍ତି। ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ, ଏହି ଶୁଳ୍କ ଭାରତକୁ ମିଶ୍ରିତ ଫଳାଫଳ ଦେଇପାରେ। ତେବେ ଏହା ଭାରତ ପାଇଁ ଆମେରିକୀୟ ବଜାରକୁ ସମ୍ପୂର୍ଣ୍ଣ ପ୍ରତିବନ୍ଧକ କରି ନାହିଁ ବୋଲି କହିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ଆଲୋଚନାରେ ସାପ୍ଲାଏ ଚେନ୍, ନିବେଶ ବୃଦ୍ଧି ଏବଂ ପ୍ରଯୁକ୍ତି ହସ୍ତାନ୍ତର ଭଳି ବିଷୟ ଆଲୋଚନା ହୋଇଛି। ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ଆଗକୁ ଆହୁରି ମଜବୁତ କରିବାର ଲକ୍ଷ୍ୟ ରହିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ମଧ୍ୟ ଗୁରୁବାର ଦିନ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ଟ୍ରମ୍ପଙ୍କ ପାଲଟା ଶୁଳ୍କ ଆଦେଶର ମୂଲ୍ୟାଙ୍କନ କରିଛି। ଏହି ବୈଠକରେ ଭାରତର ବାଣିଜ୍ୟ ରଣନୀତି ଏବଂ ଆଗାମୀ ପଦକ୍ଷେପ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଟ୍ରମ୍ପଙ୍କ ଏହି ନୀତି ବିଶ୍ୱ ଅର୍ଥନୀତିରେ ପୁଣି ଏକ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ତେବେ ଭାରତ ଏହାର ପ୍ରତିକ୍ରିୟାରେ ରଣନୀତିକ ଦୃଷ୍ଟିକୋଣ ଅବଲମ୍ବନ କରିଛି। ଆଗାମୀ ଦିନରେ ଏହି ଶୁଳ୍କର ପ୍ରଭାବ ଏବଂ ଦ୍ୱିପାକ୍ଷିକ ଆଲୋଚନାର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି। ଆମେରିକା ପକ୍ଷରୁ ଭାରତୀୟ ଉତ୍ପାଦ ଉପରେ ରେସିପ୍ରୋକାଲ ଟାରିଫ ଅର୍ଥାତ ଜବାବୀ ଶୁଳ୍କ ଲଗାଯିବା ଯୋଗୁ କୃଷି, ଫାର୍ମା, ରସାୟନ, ଔଷଧ, ଚିକିତ୍ସା ଉପକରଣ, ଇଲେକ୍ଟ୍ରିକାଲ ଓ ମେସିନାରୀ ସମେତ ଅନେକ ପ୍ରମୁଖ କ୍ଷେତ୍ର ପ୍ରାଭିବତ ହୋଇପାରେ। ଆମେରିକାର ନୂଆ ଟାରିଫ ପ୍ରଭାବ କିଛି ଖାସ ଦେଶଙ୍କ ଉପରେ ପଡିବ। ଆମେରିକୀୟ ବ୍ୟାପାର ପ୍ରତିନିଧି ଅଫିସ ୨୧ ଦେଶଙ୍କ ତାଲିକା ଜାରି କରିଛି, ଯେଉଁମାନଙ୍କ ସହିତ ଆମେରିକାର ସନ୍ତୁଳିତ ବ୍ୟବସାୟ ନାହିଁ। ଏପରି ଦେଶମାନେ ହେଲେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିୟା, ବ୍ରାଜିଲ, କାନାଡା, ଚୀନ, ୟୁରୋପୀୟ ୟୁନିୟନ, ଭାରତ, ଇଣ୍ଡୋନେସିୟା, ଜାପାନ, ସାଉଥକୋରିଆ, ମାଲେସିୟା, ମେକ୍ସିକୋ, ଋଷିଆ, ସାଉଦୀ ଆରବ, ସାଉଥ ଆଫ୍ରିକା, ସ୍ୱିଜରଲ୍ୟାଣ୍ଡ, ତାଇୱାନ, ଥାଇଲ୍ୟାଣ୍ଡ, ତୁର୍କି, ବ୍ରିଟେନ ଓ ଭିଏତନାମ।